


# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.





Vol.11 . No.91 Bhubaneswar, Saturday, December 07, 2024 | ବର୍ଷ- ୧୧ ସଂଖ୍ୟା-୯୧ ଭୁବନେଶ୍ୱର ଶନିବାର, ଡ଼ିସେମ୍ବର ୦୭.୨୦୨୪ | ପୃଷ୍ଠା - ୮ | ମୂଲ୍ୟ : ୨.୦୦/-







## ସମୃଦ୍ଧ ଓଡ଼ିଶା ପାଇଁ ଏକ ନୂତନ ଯୁଗର ଶୁଭାରମ୍ଭ

### ଟ.୬୪୦୦ କୋଟିରୁ ଅଧିକ ମୂଲ୍ୟ ବିକାଶମୂଳକ ପ୍ରକଳ୍ପର

**ଭିତ୍ତିପ୍ରସ୍ତର ସ୍ଥାପନ**

**୩ଗୋଟି ନୂତନ ରେଳ ଲାଇନର**

ବାଙ୍ଗିରିପୋଷି-ଗୋରୁମହିଷାଣୀ

ବୁଢ଼ାମରା-ଚାକୁଲିଆ

ବାଦାମପାହାଡ଼-କେନ୍ଦୁଝରଗଡ଼

ଏବଂ

ଜନଜାତି ଗବେଷଣା ଏବଂ ବିକାଶ କେନ୍ଦ୍ର ରାଇରଙ୍ଗପୁର

ଦଣ୍ଡାବୋଷ ବିମାନବନ୍ଦର ରାଇରଙ୍ଗପୁର (ଭିଡିଓ କନ୍‌ଫରେନ୍ସିଂ ଜରିଆରେ)

ଉପମଣ୍ଡଳୀୟ ଚିକିତ୍ସାଳୟ ରାଇରଙ୍ଗପୁର

କରିବେ

## ଶ୍ରୀମତୀ ଦ୍ରୌପଦୀ ମୁର୍ମୁ

**ଭାରତର ମହାମହିମ ରାଷ୍ଟ୍ରପତି**

୦୭ ଡିସେମ୍ବର, ୨୦୨୪ | ବାଙ୍ଗିରିପୋଷି, ଓଡ଼ିଶା

### ସୁବିଧାସମୂହ

**ନୂତନ ରେଳ ଲାଇନ୍ ସମୂହ**
- ଅଞ୍ଚଳର ବିକାଶ ସହିତ ଅଧିକ ନିଯୁକ୍ତି ସୁବିଧା
- ଓଡ଼ିଶାର ମୟୂରଭଞ୍ଜ ଏବଂ କେନ୍ଦୁଝରଗଡ଼ ଜିଲ୍ଲା ମଧ୍ୟରେ ସଂଯୋଗୀକରଣକୁ ପ୍ରୋତ୍ସାହନ
- ଖଣିଜ ଦ୍ରବ୍ୟ ସମୃଦ୍ଧ ଅଞ୍ଚଳରୁ କଞ୍ଚାମାଲର ସୁଗମ ପରିବହନ

**ଦଣ୍ଡବୋଷ ବିମାନ ବନ୍ଦର**
- ଭାରତ ସରକାରଙ୍କ 'ଉଡ଼େ ଦେଶ କା ନାଗରିକ' (ୟୁଡିଏଏନ୍) ଯୋଜନା ଦ୍ୱାରା ସ୍ଥାନୀୟ ଆକାଶପଥର ସଂଯୋଗୀକରଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ
- ଅର୍ଥନୀତି ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ଅଗ୍ରାଧିକାର

**ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର**
- ଆଦିବାସୀ ଜୀବନଶୈଳୀ, ବ୍ୟବହାର, ଜୀବନ ଓ ଜୀବିକା, ଐତିହ୍ୟ ଏବଂ ସଂସ୍କୃତି ଆଦି ସମସ୍ତ କ୍ଷେତ୍ରରେ ଗବେଷଣା ଅଧ୍ୟୟନକୁ ଶାଣିତ, ମାନସମନ୍ଥନ ଏବଂ ବିଚାରବିମର୍ଶକୁ ପ୍ରୋତ୍ସାହନ
- ବୈଷୟିକ ଜ୍ଞାନକୌଶଳ ଏବଂ ଆର୍ଥିକ କାର୍ଯ୍ୟକଳାପ କ୍ଷେତ୍ରରେ ଏକ ଦକ୍ଷତା ପ୍ରଶିକ୍ଷଣ ଏବଂ ଉଦ୍ୟୋଗୀ ବିକାଶ ହବ୍ ଭାବେ କାର୍ଯ୍ୟ କରିବ

**ଉପମଣ୍ଡଳୀୟ ଚିକିତ୍ସାଳୟ**
- ସ୍ୱାସ୍ଥ୍ୟସେବାର ପରିସରକୁ ବୃଦ୍ଧି
- ଅତ୍ୟାଧୁନିକ ଏବଂ ବିକଶିତ ସ୍ୱାସ୍ଥ୍ୟସେବା ସୁବିଧାରେ ସୁଧାର

### ସଦୟ ଉପସ୍ଥିତି

**ରଘୁବର ଦାସ** – ରାଜ୍ୟପାଳ, ଓଡ଼ିଶା

**ମୋହନ ଚରଣ ମାଝୀ** – ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅଶ୍ୱିନୀ ବୈଷ୍ଣବ** – ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ ତଥା ସୂଚନା ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର ମନ୍ତ୍ରୀ

**ଜୁଏଲ ଓରାମ୍** – କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଡ.କୃଷ୍ଣ ଚନ୍ଦ୍ର ମହାପାତ୍ର** – ଗୃହ ଏବଂ ସହରୀ ବିକାଶ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ, ଓଡ଼ିଶା ସରକାର

**ଗଣେଶ ରାମ ସିଂଖୁଣ୍ଟିଆ** – ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ଓଡ଼ିଶା ସରକାର

**ମମତା ମହାନ୍ତ** – ସାଂସଦ, ରାଜ୍ୟ ସଭା

**ନବ ଚରଣ ମାଝୀ** – ସାଂସଦ, ଲୋକ ସଭା

**ସଞ୍ଜଲି ମୁର୍ମୁ** – ବିଧାୟକ, ବାଙ୍ଗିରିପୋଷି



କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ DD NEWS ରେ

ଆମକୁ ଅନୁସରଣ କରନ୍ତୁ: /RailMinIndia

# ଅବ୍ୟବସ୍ଥା ମଧ୍ୟରେ ଗଞ୍ଜାମର ସରକାରୀ ସ୍କୁଲ

ବ୍ରହ୍ମପୁର,୬/୧୨ (ନି.ପ୍ର): ରାଜ୍ୟରେ ଗଞ୍ଜାମ ଜିଲ୍ଲା ସମସ୍ତ କ୍ଷେତ୍ରରେ ପଛରେ ପଡି ରହିଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ସୃଷ୍ଟି ହେଉଛି ।ବିଶେଷ କରି ସ୍କୁଲ ଶିକ୍ଷା କ୍ଷେତ୍ରରେ ସମଗ୍ର ଜିଲ୍ଲାର ବିକଳ ଅବସ୍ଥାକୁ ଦୃଷ୍ଟିପାତ କଲେ ଜଣାଯାଏ ବାସ୍ତବ ଚିତ୍ର । କେଉଁଠି ବିଦ୍ୟାଳୟର ଗୃହର ଅଭାବ ତ କେଉଁଠି ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ଶିକ୍ଷାଦାନ ବ୍ୟବସ୍ଥାରେ ବିପର୍ଯ୍ୟୟ ଅବସ୍ଥା ସୃଷ୍ଟି ହୋଇଛି ।ଅନ୍ୟମାନଙ୍କ ସହ ଶିକ୍ଷାଧିକାରୀଙ୍କ ମେଗିରାୟ ଶାସନ,ଶିକ୍ଷକ ମାନଙ୍କର ବିଭିନ୍ନ ବ୍ୟକ୍ତିଗତ ସମସ୍ୟା ସମାଧାନ କରିବା ପାଇଁ ଉକ୍ରୋଚ ଆଦାୟ ,ଅନ୍ୟଥା ନାନା ଆଳରେ ହଇରାଣ କରିବା ,ଏଭଳିକି ଚାକିରୀରୁ ବହିଷ୍କାର କରିବା ଭଳି ଅମାନବୀୟ କାର୍ଯ୍ୟକଳାପ ମଧ୍ୟ ଦୃଷ୍ଟି ଗୋଚର ହେଉଥିବା ଘଟଣାରେ ଗଞ୍ଜାମ ଜିଲ୍ଲା ଶିକ୍ଷା ବଞ୍ଚାଅ ଅଭିଯାନ ପ୍ରତିବାଦ କରିଛି ।ଏ ଭଳିକି ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଧାୟକଙ୍କ ପର୍ଯ୍ୟନ୍ତ ସମସ୍ତ ଜନ ପ୍ରତିନିଧି ଏବଂ କମିଶନରଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଗଞ୍ଜାମର ଶିକ୍ଷା ବ୍ୟବସ୍ଥା ବିଷୟରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ତଦନ୍ତ ଏଯାବତ୍ ହୋଇନାହିଁ ।ପେନସନ୍ ମଞ୍ଜୁରୀ,ଛୁଟି ମଞ୍ଜୁର, ଜି ପି ଏଫ୍ ମଞ୍ଜୁର ,ଏମ୍ ଏସ୍ ପି ଭଳି ବିଭିନ୍ନ କାର୍ଯ୍ୟ ପାଇଁ ଅର୍ଥହିଁ ଏକ ମାତ୍ର ମାଧ୍ୟମ। ଶିକ୍ଷକ ସଂଗଠନ ଗୁଡିକର ସାଂଗଠନିକ ସ୍ଥିତି ଦୁର୍ବଳ ହୋଇ ଯାଇଥିବାର ସୁଯୋଗ ନେଇ ଦପ୍ତର ମାଲିକ ମାନେ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଉକ୍ରୋଚ ଦାବି କରିବା ଏକ ନିତିଦିନିଆ ଘଟଣା ହୋଇଯାଇଛି ।ଏପରି ତଥାକଥିତ ସଂଘୀୟ କର୍ମକର୍ତ୍ତାଙ୍କୁ ବେଖାତିର ଏବଂ ଅବାଞ୍ଛିତ ମନ୍ତବ୍ୟ ପ୍ରଦାନ କରୁଥିବା ବିଷୟ ଶିକ୍ଷକ ମାନଙ୍କ ମଧ୍ୟରେ ଗୁଞ୍ଜରଣ ସୃଷ୍ଟି ହେଉଛି ଏବଂ ଅର୍ଥ ହିଁ ଏକମାତ୍ର ମାଧ୍ୟମ ସମସ୍ୟା ସମାଧାନର ବୋଲି ଧରି ନେଇଛନ୍ତି ।ଏ ଦିଗରେ ଖୋଦ୍ ଶିକ୍ଷାଧିକାରୀଙ୍କ ସଂପୃକ୍ତି ଥିବା ଏବଂ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ପ୍ରତି ଘଣ୍ଟ ଘୋଡ଼ାଇ ଶିକ୍ଷକ ଓ କର୍ମଚାରୀଙ୍କ ସମସ୍ୟା ସମାଧାନ କରିବାରେ ଅନ୍ତରାୟ ସୃଷ୍ଟି କରୁଥିବା ଏକ ନିତିଦିନିଆ ଦିନିଆ ଘଟଣା ହୋଇ ଯାଇଛି । ଅନ୍ୟ ଦିଗରେ ବିଦ୍ୟାଳୟ ଗୁଡିକରେ ଅବସର ଜନିତ ଶୁନ୍ୟତା ସୃଷ୍ଟି ହୋଇଥିବା ପରିପ୍ରେକ୍ଷୀରେ ଅତିଥି ଶିକ୍ଷକ ନିଯୁକ୍ତିରେ ଟାଳଟୁଳ ନୀତି ଅବଲମ୍ବନ କରା ଯାଉଛି ।ପେନସନ ଜନିତ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ସଂପୃକ୍ତ ଦପ୍ତର ଶିକ୍ଷକ ମାନଙ୍କୁ ହଇରାଣ କରୁଥିବା ତଥ୍ୟ ଶିକ୍ଷା ବଞ୍ଚାଅ ଅଭିଯାନର ଦୃଷ୍ଟିକୁ ଆସିଛି ।ଏପରିକି ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ କାର୍ଯ୍ୟକାରୀ କରାଯିବାରେ ଜିଲ୍ଲା କାର୍ଯ୍ୟାଳୟର ଭୃକ୍ଷେପ ନାହିଁ ।କିଛି ବି.ଇ.ଓ,କର୍ମଚାରୀ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଗିରଫ ହେବା ଘଟଣାରେ ଜିଲ୍ଲାର ଶିକ୍ଷା ବିଭାଗର ସ୍ଥିତି ଉପରେ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି ।ରେଳଗାଡିର ଗତି ଓ ପ୍ରଗତି ଯେଉଁଳି ଇଞ୍ଜିନ୍ ର ସ୍ଥିତି ଉପରେ ନିର୍ଭରଶୀଳ ତଦନୁରୂପେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟକଳାପ ଉପରେ ଜିଲ୍ଲାର ବିଦ୍ୟାଳୟ ସ୍ଥିତି ନିର୍ଭର କରେ ।ଗଞ୍ଜାମ ଜିଲ୍ଲାରେ ପୂର୍ବରୁ ଅନେକ ଆଦର୍ଶ, ସ୍ୱଚ୍ଛ ଓ ଶିକ୍ଷକ ପ୍ରେମୀ ଶିକ୍ଷାଧିକାରୀ ସୁନାମ ବହନ କରି ପ୍ରାତଃସ୍ମରଣୀୟ ହୋଇ ଛନ୍ତି ।କତିପୟ ଶିକ୍ଷାଧିକାରୀ ନିଜର ଅଗଣତାନ୍ତ୍ରିକ, ଶିକ୍ଷକ ବିରୋଧୀ ତଥା ଦୁର୍ନୀତିଗ୍ରସ୍ତ ହୋଇ ଶିକ୍ଷକ ସଂଗଠନର ଆକ୍ରୋଶର ଶିକାର ହୋଇ ଦୁର୍ନାମ ବହି ବିଦାୟ ନେଇଛନ୍ତି ଏପରିକି ଜନୈକ ଶିକ୍ଷାଧିକାରୀ ଶିକ୍ଷକ ମାନଙ୍କୁ ଦୁର୍ବ୍ୟବହାର କରି ମାନ୍ୟବର କୋର୍ଟ ଦ୍ୱାରା ଭର୍ତ୍ସିତ ହୋଇଛନ୍ତି ଏବଂ ଏ ଯାବତ ତାଙ୍କର ବିରୁଦ୍ଧରେ ମକଦ୍ଦମା ବିଚାର ଚାଲିଛି ।ଅନ୍ୟ ଜଣେ ଶିକ୍ଷାଧିକାରୀଙ୍କ ଦୁର୍ବ୍ୟବହାର ଏବଂ ଉକ୍ରୋଚ ଦାବି କରିବା ଯୋଗୁଁ ଶାରୀରିକ ଆକ୍ରମଣ ଶିକାର ହୋଇଛନ୍ତି ଏବଂ ଉକ୍ତ ମାମଲା ମଧ୍ୟ କୋର୍ଟରେ ବିଚାର ଚାଲିଛି ।ଗଞ୍ଜାମ ଜିଲ୍ଲାର ଶିକ୍ଷା ବିଭାଗ ଏକ ଚରା ଭୂମି ଭାବି ଶିକ୍ଷକ ମାନଙ୍କୁ ହଇରାଣ କରିବା ଏବଂ ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ତଳିତଳାନ୍ତ କରିବାକୁ ଅପଚେଷ୍ଟା କରିବାରୁ ଶିକ୍ଷାଧିକାରୀ ଓ ତାଙ୍କର ଦପ୍ତର କ୍ଷାନ୍ତ ନ ରହିଲେ ଗଞ୍ଜାମ ଜିଲ୍ଲାର ଶିକ୍ଷା ବଞ୍ଚାଅ ଅଭିଯାନ ତରଫରୁ ଜିଲ୍ଲାର ସମସ୍ତ ବୁଦ୍ଧିଜୀବୀ,ଶିକ୍ଷାପ୍ରେମୀ ଜନସାଧାରଣଙ୍କୁ ନେଇ ଏକ ବିରାଟ ଜନ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ସଭାପତି ରବି ରଥ,କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର କୁମାର ପଣ୍ଡା,ସାଧାରଣ ସମ୍ପାଦକ କାମରାଜୁ ମହାରଣାଙ୍କ ସମେତ ଶ୍ୟାମସୁନ୍ଦର ଖାଡ଼ଙ୍ଗା,ଅଶୋକ ଦଳେଇ, ମାନସ ରଂଜନ ତ୍ରିପାଠୀ,ରଂଜନ କୁମାର ସାହୁ,ସୁଶାନ୍ତ କର, ରାମକୃଷ୍ଣ ପାତ୍ର ପ୍ରମୁଖ ଏକ ମିଳିତ ପ୍ରେସ୍ ବିବୃତ୍ତିରେ ଚେତାବନି ଦେଇଛନ୍ତି ।

## ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲରେ କ୍ୟାରିୟର କାଉନସେଲିଂ




ବାରିପଦା ତା ୬/୧୨/ ମହାରାଜପୁରସ୍ଥିତ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲରେ କ୍ୟାରିୟର କାଉନସେଲିଂ ବିଦ୍ୟାଳୟର ଅଧକ୍ଷା ମିସ ଦେବାଶ୍ରୀତା ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଆକାଉନଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀ ମାନେ ନିଜର ଭବିଷ୍ୟତ ନିମନ୍ତେ ସ୍ୱପ୍ନ ଦେଖିବା ଏବଂ ସ୍ୱପ୍ନକୁ ସାକାର କରିବା ପାଇଁ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଉଦ୍ଭିଦ ବିଜ୍ଞାନ ଅଧାପିକା ରୁପମଞ୍ଜରି ବେହେରା, କସ୍ତୁରବା ମହାନ୍ତ, ରାଜନୀତି ବିଜ୍ଞାନ ଅଧାପକ ସତ୍ୟ ନାରାୟଣ ଦାସ, ଅଧାପିକା ସୁଶ୍ରୀ ନାୟକ, ବାଣିଜ୍ୟ ବିଭାଗର ଅଧାପକ ଅଭିଜିତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ କ୍ୟାରିୟର ସମନ୍ଧୀୟ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଅଧାପିକା ସୁଜାତା ପାଲ ଅତିଥି ପରିଚୟ କରିଥିବା ବେଳେ ଅଧାପିକା ଦିପ୍ତିଶ୍ରି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ କୀର୍ତ୍ତିକୌଶିକ ନାୟକ, ଛାତ୍ର ତୁଷାର ମହାନ୍ତ, ଅର୍ଜୁନ ମହାନ୍ତ ଏବଂ ବାପି ମାରାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ବ୍ରାହ୍ମଣୀ ବଞ୍ଚାଅ ଆନ୍ଦୋଳନର ଆବାହକ ଲୋକନାଥ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ



ବରୀ, ୬/୧୨ (ନି.ପ୍ର): ଶିକ୍ଷକନେତା ସ୍ୱର୍ଗତ ଲୋକନାଥ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ମେଦୁଆକୂଳସ୍ଥ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଶିକ୍ଷାଶ୍ରମର ପ୍ରାକ୍ତନ ସଭାପତି ଲୋକନାଥ ଦାସଙ୍କ ୨ୟ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି ।ଶିକ୍ଷାଶ୍ରମର ମୁଖ୍ୟ ସେବକ ଡକ୍ଟର ନୃସିଂହ ଚରଣ ବେହେରାଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳିସଭା ଅନୁଷ୍ଠିତ ହୋଇଥିଲା । ସଭା ଆରମ୍ଭରେ ଶିକ୍ଷାଶ୍ରମରେ ଉପସ୍ଥିତଥିବା ସମସ୍ତଅତିଥି, ଶିକ୍ଷକ/ ଶିକ୍ଷୟିତ୍ରୀ ଓ ଛାତ୍ର/ଛାତ୍ରୀ ମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ସଂଗୀତ ଗୁରୁ ଗୋପିନାଥ ଦାସ ସ୍ୱାଗତ ସଂଗୀତ ଗାନକରିଥିଲେ । ୧୯୯୨ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ ପ୍ରତିଷ୍ଠା ଦିନଠାରୁ ୨୦୨୨ ମସିହା ପର୍ଯ୍ୟନ୍ତ ଦୀର୍ଘ ୩୦ ବର୍ଷ ସଭାପତି ଭାବେ ସେ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କର ଆବର୍ତ୍ତମାନରେ ଶିକ୍ଷାଶ୍ରମର ଏକ ଅପୂରଣୀୟ କ୍ଷତି ଘଟିଥିବା କଥା ଡଃ ବେହେରା ପ୍ରକାଶ କରିଥିଲେ । କର୍ଣ୍ଣଚନ୍ଦ୍ରଘଡାଇ, ମକରଧ୍ୱଜ ସାହୁ ନିଜର ଶ୍ରଦ୍ଧାଞ୍ଜଳିରେ କହିଥିଲେ ଶିକ୍ଷା, ଶିକ୍ଷକ, ଶିକ୍ଷାୟତନର ବିକାଶ ଧାରାରେ ଯାଜପୁର ନୁହେଁ ସମଗ୍ର ଓଡିଶାରେ ତାଙ୍କର ନେତୃତ୍ୱ ପାଇଁ ସେଅବିସ୍ମରଣୀୟ ହୋଇ ରହିବେ। ରବିନ୍ଦ୍ର କୁମାର ନନ୍ଦ ନିଜ ବକ୍ତବ୍ୟରେ ବ୍ରାହ୍ମଣୀ ନଦୀକୁ ଚିରସ୍ରୋତା କରିବା ପାଇଁ ସ୍ୱର୍ଗତ ଦାସଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହିତ ବ୍ରାହ୍ମଣୀ ବଂଚାଅ ଅଭିଯାନକୁ ବ୍ୟାପକ କରି ଗଢିତୋଳିଲେ ତାହାହିଁ ସ୍ୱର୍ଗତ ଦାସଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବାକୁ ଆହ୍ୱାନ ଦେଇଥିଲେ । ବୈଷ୍ଣବ ଚରଣ ଦାସ, ରବିନ୍ଦ୍ରମହାନ୍ତି, ଅଭିରାମ ମଲ୍ଲ ପ୍ରମୁଖ ଅତିଥିମାନେ ସ୍ୱର୍ଗତ ଦାସଙ୍କ ଅତୀତର ଗୁଣାବଳୀବିଷୟରେ ବକ୍ତବ୍ୟ ରଖି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ ଶିକ୍ଷାଶ୍ରମର ପ୍ରଧାନଶିକ୍ଷକ ସୌଭାଗ୍ୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ, ଶିକ୍ଷିକାମାନେ ଉକ୍ତ ସଭାକୁ ପରିଚାଳନା କରିଥିଲେ ।

## ନର୍ସିଂ କଲେଜର ଛାତ୍ରଛାତ୍ରୀଙ୍କ ଭାଗ୍ୟ ସହିତ ଖେଳ ଖେଳୁଛନ୍ତି ନିମାଇଁ ସାର

କେନ୍ଦ୍ରାପଡ଼ା, ତା ୦୬/୧୨: କେନ୍ଦ୍ରାପଡ଼ା ଜିଲ୍ଲାର କଲେଜ୍ ଛକ ନିକଟରେ ଥିବା ଏକ ଘରୋଇ ନର୍ସିଂ କଲେଜର ପରିଚାଳନାକୁ ନେଇ ଦେଖାଦେଇଛି ବିବାଦ। ଜଣେ ସରକାରୀ ପ୍ରଧାନ ଶିକ୍ଷକ ଗୁରୁଦେବ ଟ୍ରଷ୍ଟ ନାମରେ ପଞ୍ଜିକରଣ କରି ନିଜେ ସଦସ୍ୟ ଭାବେ କେନ୍ଦ୍ରାପଡ଼ା ଉପନିର୍ବନ୍ଧଙ୍କ କାର୍ଯ୍ୟାଳୟରେ ଚୁକ୍ତିନାମା କରି ଏକ ନର୍ସିଂ କଲେଜର ଚ୍ୟାରମ୍ୟାନ୍ ପଦବୀରେ ରହି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଚେକ ନମ୍ବର ୨୩୦୫୫୨/ ୭୫୪୦୨୪୧୦୫ ଏତିକିରେ ଦସ୍ତଖତ କରି ଟଙ୍କା ଉଠାଇବା ଘଟଣା ସାମ୍ନାକୁ ଆସିଛି । କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ସଂସାରଫଳ ଉଚ୍ଚ ଶିକ୍ଷା ନିକେତନର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଦାସ ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକ ହୋଇ ଏକ ଘରୋଇ ନର୍ସିଂ କଲେଜ ଚଳାଉଥିବା ନେଇ ହୋଇଥିଲା ଅଭିଯୋଗ । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ଅଭିଯୋଗକୁ ନେଇ ଗତ ୧୨.୯.୨୦୨୪ରେ ଡେରାବିଶ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କୁ ସାତଦିନ ଭିତରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ମଧ୍ଯ ଦେଇଥିଲେ । ଡେରାବିଶ ବିଇଓ ଶ୍ରୀକାନ୍ତ ବେହେରା ସଂସାରଫଳ ଉଚ୍ଚଶିକ୍ଷାନିକେତନ ବିଦ୍ୟାଳୟକୁ ଯାଇ ତଦନ୍ତ କରିବା ସହ ସଂପୃକ୍ତ ନର୍ସିଂ କଲେଜକୁ ଯାଇ ଗୁରୁଦେବ ଟ୍ରଷ୍ଟରେ ଥିବା ସରକାରୀ ପ୍ରଧାନ ଶିକ୍ଷକ ନିମାଇଁଙ୍କ ସହଯୋଗୀ କଳାକାର ରାଉତଙ୍କ ଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣତଥ୍ୟ ତଦନ୍ତ କରି ରିପୋର୍ଟ ଅଧିକାରୀ ହାତେଇ ଥିବା ଜଣାପଡିଛି । ଥରେ କିମ୍ବା ଦୁଇଥର ନୁହେଁ ବରଂ ଦୁଇବର୍ଷରୁ ଊର୍ଦ୍ଧ ଦିନଧରି ଜଣେ ସରକାରୀ ପ୍ରଧାନ ଶିକ୍ଷକ ଘରୋଇ ନର୍ସିଂ କଲେଜର ଚେୟାରମ୍ୟାନ ରହି ଟଙ୍କା ଉଠାଇଥିବାର ତଥ୍ୟ ତଦନ୍ତ କରିଥିବା ଅଧିକାରୀଙ୍କୁ ଦେଇଥିବା କଥା କହିଛନ୍ତି ଅନ୍ୟ ସହଯୋଗୀ କଳାକାର ରାଉତ ଏବଂ ମାନଶ ରଞ୍ଜନ ଦାସ । ଏତେ ସବୁ ଗୁରତ୍ରେପୂର୍ଣ୍ଣ ତଥ୍ୟ ତଦନ୍ତକାରୀ ଅଫିସରଙ୍କ ହାତରେ ଲାଗିଲା ପରେବି ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଘଟଣାକୁ ଆହୁରି ସନ୍ଦେହ ଘେରକୁ ଟାଣିଛି । ଅନ୍ୟପଟେ ତଦନ୍ତକାରୀ ଅଧିକାରୀଙ୍କୁ ପଚାରିବାରୁ ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସମସ୍ତ ତଦ ତଦନ୍ତ ରିପୋର୍ଟ ପ୍ରଦାନ କରିଥିବା କହିଛନ୍ତି । ହେଲେ ଲେ ଏପର୍ଯ୍ୟନ୍ତ ଏପର୍ଯ୍ୟ ଜିଲ୍ଲା ଶିକ୍ଷାଧିକାରୀଙ୍କ ଟେବୁଲ୍ ? ଦୁଲ୍ ରୁ ତଦନ୍ତ ଫାଇଲ ଖୋଲୁନାହାନ୍ତି । ଯଦି । ଏହି ବିଷୟରେ ଜିଲ୍ଲା ପ୍ରଶ୍ନ କରୁଛି ତେବେ ସେହି ଶିକ୍ଷାଧିକାରୀଙ୍କୁ କେହି ପ୍ରଶ୍ନ ବ ସମୟରେ କାର୍ଯ୍ୟାଳୟ ଚାରିପାଖ ରିପାଖରେ ବୁଲୁଥିବା କିଛି ବିଜେଡି ଦଲାଲ୍ ଗଣମାଧ ମାଧ୍ୟମ ପ୍ରତିନିଧିଙ୍କୁ ନାଲିଆଖି ଦେଖାଉଥିବା ର ଦୃଶ୍ୟ ଏବେ ଭାଇରାଲ ହେବାରେ ଲାଗିଛି । ଏବେ କିଛିଦିନ ହେବ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଇ ଜାଲିଆତି କରିଥିବା ପ୍ରଧାନ ଶିକ୍ଷକ ନିମାଇଁ ଦାସଙ୍କ ସହଯୋଗୀ ଓ କିଛି ଦଲାଲ୍ ସାଜିଥି । ବିଜେଡି କର୍ମୀ ପୁରା କାର୍ଯ୍ୟାଳୟକୁ ନିଜ ନିଜ କବ୍ଜାକୁ ୭ ନେଇଥିବା ଦେଖିବାକୁ ମିଳିଛି । ଏବେ ଥିବା ବେ ସଂପୃକ୍ତ ଘଟଣାକୁ ନେଇ କଲେଜର ଜଣେ କର୍ତ୍ତୃପକ୍ଷଙ୍କୁ । ପଚାରିବାରୁ ଜଣାପଡିଛି ଜାଲିଆତି କରିଥିବା = ପ୍ରଧାନ ଶିକ୍ଷକଙ୍କୁ ସୁରକ୍ଷା ଦେବାକୁ ଯାଇ ତଦନ୍ତ ରିପୋର୍ଟ କୁ ଚାପିଦେବାକୁ ଯାଇ ସମୟ ଜିଲ୍ଲାପାଳ ଓ ଟାଳୁଛନ୍ତି । ହେଲେ ଘଟଣା ସମ୍ପର୍କରେ କ୍ଷ ସବୁକିଛି ଜାଣି ଚୁପ୍ ରହିବା ଘଟଣାକୁ ନେଇ ସନ୍ଦେହ ବଢ଼ାଇଛି ।




## ଗୋଲାମୁଣ୍ଡା ବ୍ଲକ TPWODL ପଶ୍ଚିମ ଓଡ଼ିଶା ଟାଟା ବିଦ୍ୟୁତ୍ ନିଗମ ଲିମିଟେଡ ଦ୍ୱାରା ଭାଗ୍ୟ ସାଲି ବିଜେତାଙ୍କୁ ପୁରସ୍କୃତ




ଗୋଲାମୁଣ୍ଡା , କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଗୋଲାମୁଣ୍ଡା ହେଡ କ୍ୱାର୍ଟର ରେ ଥିବା ବିଦ୍ୟୁତ୍ ବିତରଣ ବିଭାଗ ପକ୍ଷରୁ ତିନି ଜଣ ଭାଗ୍ୟ ସାଳି ବିଜେତାଙ୍କୁ ପୁରସ୍କୃତ କରାଯାଇଛି । ସୂଚନା ଥାଉ କି ଗତ ଚାରି ମାସ ହେବ ( TPWODL ) ପଶ୍ଚିମ ଓଡ଼ିଶା ଟାଟା ବିଦ୍ୟୁତ୍ ନିଗମ ଦ୍ୱାରା ଯେଉଁ ବିଦ୍ୟୁତ୍ ଉପଭୋକ୍ତା ମାନେ ଠିକ୍ ସମୟରେ ନିରନ୍ତର ଭାବେ ନିଜର ମାସିକ ବିଦ୍ୟୁତ୍ ବିଲ ପୈଠ କରୁଛନ୍ତି ସେମାନଙ୍କ ମଧ୍ୟରୁ (ଖୁଲ୍ ଜା ସିମ୍ ସିମ୍ ) ସ୍କିମ ମାଧ୍ୟମରେ ତିନି ଜଣ ଭାଗ୍ୟ ସାଳୀ ବିଜେତାଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଭାବେ ପୁରସ୍କୃତ କରାଯାଉଛି । ଏହି ପରୀପ୍ରେକ୍ଷୀରେ କିଛି ମାସ ହେବ ଗୋଲାମୁଣ୍ଡା ବିଦ୍ୟୁତ୍ ବିତରଣ ବିଭାଗ ପକ୍ଷରୁ ମଧ୍ୟ ପୁରସ୍କାର ବିତରଣ କରାଯାଉଅଛି। ଗୋଲାମୁଣ୍ଡା ବ୍ଲକର ଇଲେକ୍ଟ୍ରିକାଲ ସେକ୍ସନ ଅଫିସର୍ ଶ୍ରୀଯୁକ୍ତ ବିକାସ ଖମାରୀ ଏହି ମାସର ତିନିଜଣ ଭାଗ୍ୟ ସାଳୀ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି । ପ୍ରଥମ ପୁରସ୍କାର ଭାବେ ସାମସଙ୍ଗ ମୋବାଇଲ ସ୍ମାର୍ଟ ଫୋନ୍ ନୂଆଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପଦ୍ମପୁର ଗ୍ରାମର ନାଥ ବାଗ, ଦ୍ୱିତୀୟ ପୁରସ୍କାର ମିଉଜିକ୍ ପ୍ଲେୟର ବଡ଼ଚେର ଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗରଗାବ ଗ୍ରାମର ଦୟାନିଧି ସାହୁ ଓ ତୃତୀୟ ପୁରସ୍କାର ଧର୍ମଗଡ଼ ସେକ୍ସନ ୧ ରୁ ମମତା ପଟ୍ଟନାୟକଙ୍କୁ ସୋଲାର ଲ୍ୟାମ୍ପ ପ୍ରଦାନ କରାଯାଇଥିଲା । ବିଦ୍ୟୁତ୍ ଉପଭୋକ୍ତା ମାନଙ୍କ ମଧ୍ୟରେ ସଚେତନତା, ନିରନ୍ତର ଭାବେ ଠିକ୍ ସମୟରେ ନିଜର ବିଦ୍ୟୁତ୍ ବିଲ ପୈଠ କରିବାପାଇଁ TPWODL ପକ୍ଷରୁ ଉତ୍ସାହ ପ୍ରଦାନ କରାଯିବା ସହ ଆଗକୁ ମଧ୍ୟ ପ୍ରତିମାସରେ ଏହି ପୁରସ୍କାର ପ୍ରତ୍ୟେକ ତିନି ଜଣ ଭାଗ୍ୟ ସାଲି ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପ୍ରଦାନ କରାଯିବ ବୋଲି ସେକ୍ସନ ଅଧିକାରୀ ଶ୍ରୀଯୁକ୍ତ ବିକାଶ ଖମାରୀ ପ୍ରକାଶ କରିଛନ୍ତି । ଉକ୍ତ ପୁରସ୍କାର ବିତରଣ ସମୟରେ ବିଦ୍ୟୁତ୍ ବିଭାଗ ର କମର୍ସିଆଲ ଜେଇ ଶ୍ରୀଯୁକ୍ତ ଆଲୋକ ପ୍ରକାଶ ଶର୍ମା , ଏ ଗ୍ରେଡ଼ ଲାଇନ ମ୍ୟାନ୍ ଶ୍ରୀଯୁକ୍ତ ସିଦ୍ଧାର୍ଥ ଶଙ୍କର ମହାପାତ୍ର , ଡିଇଓ ସଂଗ୍ରାମ ସିଙ୍ଗ ଦେଓ, ଅପରେଟର ଘନଶ୍ୟାମ ଶଗଡ଼ିଆ, ତୁଷାର କାନ୍ତ ମେହେର, ଦେବାନନ୍ଦ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

## ପୂର୍ବତଟ ରେଳପଥ ପକ୍ଷରୁ ମହାପରିନିର୍ବାଣ ଦିବସ ପାଳନ



ପୂର୍ବତଟ ରେଳପଥ ପକ୍ଷରୁ ଆଜି ଏହାର ମୁଖ୍ୟାଳୟ ଭୁବନେଶ୍ୱର ସ୍ଥିତ ରେଳସଦନ ଠାରେ ଭାରତ ରତ୍ନ ବାବା ସାହେବ ଡ଼. ଭୀମରାଓ ରାମଜୀ ଆମ୍ବେଦକରଙ୍କର ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଅଛି । ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲଙ୍କ ନେତୃତ୍ୱରେ ଅଧିକାରୀ ଓ କର୍ମଚାରୀମାନେ ସ୍ୱର୍ଗତ ବାବା ସାହେବ ଡ଼. ବି.ଆର.ଆମ୍ବେଦକରଙ୍କୁ ପୁଷ୍ପମାଲ୍ୟ ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରେଳପଥର ପ୍ରମୁଖ କାର୍ମିକ ଅଧିକାରୀ ଶ୍ରୀ ସିଦ୍ଧାର୍ଥ କାଟି ଏବଂ ଉପ ମୁଖ୍ୟ କାର୍ମିକ ଅଧିକାରୀ ଶ୍ରୀ ସୁରେଶ କୁମାର ବେହେରା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପୂର୍ବତଟ ରେଳପଥର ସମସ୍ତ ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ଼, ସମ୍ବଲପୁର ଓ ୱାଲଟିୟର ଠାରେ ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନଙ୍କ ନେତୃତ୍ୱରେ ଅଧିକାରୀ ଓ କର୍ମଚାରୀ ମାନେ ମହାପରିନିର୍ବାଣ ଦିବସ ପାଳନ କରିବା ଅବସରରେ ବାବା ସାହେବଙ୍କ ଫୋଟୋ ଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

## ରମାଦେବୀ ମହିଳା ସମିତିର ବାର୍ଷିକ ଉତ୍ସବ ଓ ରମାଦେବୀଙ୍କ ଜୟନ୍ତୀ ପାଳିତ



ପାରାଦୀପ- ୦୬/୧୨- ପାରାଦୀପର ଅଗ୍ରଣୀ ମହିଳା ସଙ୍ଗଠନ ରମାଦେବୀ ମହିଳା ସମିତି ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ରମାଦେବୀ ଚୌଧୁରୀଙ୍କ ୧୨୫ ତମ ଜୟନ୍ତୀ ମଙ୍ଗଳବାର ଦିନ ପାରାଦୀପ ପୋର୍ଟ ଓ୍ୱାର୍କସ୍ ୟୁନିୟନ୍ ପରିସରରେ ପାଳିତ ହୋଇଯାଇଛି । ସୂର୍ଯ୍ୟମୁଖୀର ସମ୍ପାଦିକା ହାରାମଣୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ନିରଂଜନ ନାୟକ, ସମ୍ମାନୀତ ଅତିଥି ଭାବେ ଶ୍ରମିକ ନେତା ଅନନ୍ତ କୁମାର ଦାସ, ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳ, ଆଇନଜୀବୀ ଦେବବ୍ରତ ସାହୁ, ଅଶୋକ ମହାପାତ୍ର ପ୍ରମୁଖ ଯୋଗ ଦେଇ ମାଆ ରମାଦେବୀଙ୍କ ଜୀବନୀ ଓ ସ୍ୱାଧୀନତା ଆନ୍ଦୋଳନରେ ଭୂମିକା ଓ ମହିଳା ସୁରକ୍ଷା ତଥା ଅସ୍ପୃଶ୍ୟତା ବିରୋଧି ଆନ୍ଦୋଳନରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ କବି ପ୍ରେମଲତା ବାରିକ । ଉତ୍ସବ ପରିଚାଳନା କରିଥିଲେ ପୁଷ୍ପା ଦାସ, ଧରିତ୍ରୀ ସାମଲ, ପ୍ରତିମା ବାରିକ, ସୁକାନ୍ତି ପରିଡା, ସ୍ନେହଲତା ମହାନ୍ତି । ଧନ୍ୟବାଦ ଅର୍ପଣ କରିଥିଲେ ସଂଘମିତ୍ରା ସ୍ୱାଇଁ ।

## ବାରଣାସୀ ଉତ୍ସବ ପାଇଁ ଆସିଥିବା ମସାଲକୁ ଭବ୍ୟ ସମ୍ବର୍ଦ୍ଧନା

କାଶୀନଗର , ୬/୧୨/୨୪ ଗଜପତି ଉତ୍ସବ ମଶାଲକୁ ବିଜୁ କଲ୍ୟାଣ ମଣ୍ଡପ ପହଞ୍ଚିବା ପରେ ଜିଲ୍ଲାସ୍ତରୀୟ ଉତ୍ସବ କମିଟି ପକ୍ଷରୁ ସ୍ୱାଗତ କରାଯାଇ ବିଶାଳ ଶୋଭାଯାତ୍ରା ମାଧ୍ୟମରେ ଜଗନ୍ନାଥ ମନ୍ଦିରର ନିକଟକୁ ଆଣିବା ପରେ ଜଗନ୍ନାଥ ମନ୍ଦିର ଠାରେ ଉପସ୍ଥିତ ଥିବା କାଶୀନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ମ୍ବୁରୁ ଧର ମଲ୍ଲିକ,ବ୍ଲକ ଅଧକ୍ଷା ବାଲା ସାଇମ୍ମା, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ନାରାୟଣ ପାଢ଼ୀ, ରଜତ ପାଢ଼ୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଲକ୍ଷ୍ମୀ ସାହୁ, ବରିଷ୍ଠ ନାଗରିକ, ସାମ୍ବାଦିକ ମାନେ ଭ୍ବ୍ୟ ସମ୍ବର୍ଦ୍ଧନା ଦେଇ ମସାଲକୁ ଧରି ବାରଣାସୀ ଉତ୍ସବ ପାଇଁ କାଶୀନଗର ଅଭିମୁଖେ ବାହାରି ଥିଲେ। କାଶୀନଗର ରାସ୍ତା ପାର୍ଶ୍ୱରେ ଥିବା ରାଣୀପେଣ୍ଠ, ସିଦ୍ଧମଡ଼ଙ୍ଗ, ସୀତାପୁର,ହାଡୁଭାଙ୍ଗି ଓ ଖାରଡ଼ା ପଂଚାୟତ ର ଅଙ୍ଗାଓ୍ୱାଡି, ମିଶନ ଶକ୍ତି ମହିଳା ମାନେ ଭବ୍ୟ ସ୍ୱାଗତ ଦେଇଥିଲେ। କାଶୀନଗର ଷ୍ଟେଟ ବ୍ୟାଙ୍କ ଛକ ଠାରେ ମସାଲ ପହଂଚିବା ପରେ କାଶୀନଗର ଏନ ଏ ସି ଅଧକ୍ଷା ଏମ ସୁଦ୍ଧା ରାଣୀ ଏବଂ ସି ଡି ପି ଓ କନକ ଲତା ପୂଜାରୀ ଉପସ୍ଥିତ ରହି ବହୁ ଆଡମ୍ବର ସହକାରେ ବାଜା ଶଙ୍ଖ ବଜେଇ ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚେଇ ଥିଲେ। ଏହି କାର୍ଯ୍ୟକ୍ରମ ଗୋଷ୍ଠୀ ପ୍ରକଳ୍ପ ସମନ୍ୱୟକାରି ଜଗନ ବାରିକ ପରିଚାଳନା କରିଥିଲେ। ଏହି ମସାଲ ବ୍ଲକ କାର୍ଯ୍ୟାଳୟ ଠାରେ ଏହିମାସ ଏଗାର ତାରିଖ ବାରଣାସୀ ଉତ୍ସବ ଶେଷ ଦିନ ଯାଏଁ ପ୍ରଜ୍ୱଳିତ ହୋଇ ରଖାଯିବ ବୋଲି ବିଡ଼ିଓ ଶ୍ରୀ ମଲ୍ଲିକ କହିଥିଲେ।

## ଅନ୍ଧାରୀଜୁଲା ଗାଁ ରେ ବାଘ ମାରି ଖାଇଲାଣି ଗାଈ/ ଲୋକେ ଆତଙ୍କିତ

କାଶୀନଗର/ପାରଳାଖେମୁଣ୍ଡି , ତା ୬/୧୨/୨୪ ବିଗତ ବର୍ଷ ମାହାରାଷ୍ଟ୍ର ରୁ ଚାଲି ଆସି ଥିବା ମହାବଳ ବାଘ ଆଜି ଯାଏଁ ଗଜପତି ଜିଲ୍ଲାର ମୋହନା ବ୍ଲକ୍ ଓ ଗୋଷାଣୀ ବ୍ଲକର ଜଙ୍ଗଲ ମଧ୍ୟରେ ଚଳ ପ୍ରଚଳ କରୁଥିବା ସ୍ଥାନୀୟ ଅଞ୍ଚଳ ର ବାସିନ୍ଦାମାନେ ବାଘ ପାଦ ଚିହ୍ନ ଦେଖି ସ୍ଥାନୀୟ ବନବିଭାଗକୁ ଖବର ଦେଇଥିଲେ । ଏହାର ସତ୍ୟା ସତ ଜାଣିବା ପାଇଁ ବନ ବିଭାଗ ଏକ ଟିମ୍ ଗଠନ କରିଥିଲେ । ବନ ବିଭାଗ ପାଦଚିନ୍ନ ଚିହ୍ନଟ ହେବାପରେ ଗୋଷଣି ବ୍ଲକ ର ବାଘଶାଳା, ସତମାଇଲ ଛକ ଏମିତି ବିଭିନ୍ନ ଗ୍ରାମକୁ ଯାଇ ଡାକବାଜି ଯନ୍ତ୍ର ମାଧ୍ୟମରେ ଗ୍ରାମ ବାସୀ ଙ୍କୁ ସାବଧାନ ରହିବା ପାଇଁ ସଚେତନା କରାଯାଉଛି ବୋଲି ବନ ବିଭାଗ ସୂଚନା ଦେଇଛି । ଅନ୍ୟ ପଟେ ସନ୍ଧ୍ୟା ସମୟ ରେ ମହାବଳ ଗୋଟିଏ ଗ୍ରାମ ରୁ ଅନ୍ୟ ଗ୍ରାମ କୁ ନିର୍ଭୟ ରେ ଚଳପ୍ରଚଳ କରୁଥିବା କିଛି ଗ୍ରାମବାସୀ ଦେଖିଥିବା କହୁଛନ୍ତି । ଗତ କାଲି ଗୋଷାଣୀ ବ୍ଲକ ର ସାତ ମାଇଲ ,ବାଗଶଳା ,ମଧୁ ସୁଜନପୁର ଓ ଉପଲଡା କିଛି ସ୍ଥାନରେ ବାଘପାଦ ଚିହ୍ନଟ କରାଯାଇଛି । ଏ ନେଇ ଜିଲ୍ଲାର ବନ ଖଣ୍ଡ ଅଧିକାରୀ ଏମ.ଆନନ୍ଦ ସୁଚନା ଦେଇଥିଲେ । ଆଜି ଗୋଷାଣୀ ବ୍ଲକର ବାଘଶାଳା ପଞ୍ଚାୟତର ଅନ୍ଧାରୀଜୁଲା ଗ୍ରାମର ଜାକବ ଶବରଙ୍କ ଗାଇକୁ ମାରି ଖାଇଥିବା ଜଣାପଡିଛି। ବନ ବିଭାଗ ଦେଖି ନ ଦେଖିଲା ପରୀ ରହିଯାଉଥିବା ଲୋକ ମାନେ ଅଭିଯୋଗ କରୁଛନ୍ତି. ଗୃହ ପାଳିତ ପଶୁ ମାନଙ୍କୁ ଆକ୍ରମଣ ଆରମ୍ଭ ହେଲା ପରେ ଗ୍ରାମବାସୀ ମାନେ ଏଥିରୁ କିପରି ବାଦ୍ ପଡ଼ିବେ ଏ କଥା ଭାବି ବୁଦ୍ଧି ଜିବୀ ମାନେ ମହାବଳ ବାଘ କୁ କାବୁ କରି ଏହି ଜଙ୍ଗଲ ରୁ ତଡ଼ି ଅନ୍ୟ ରାଜ୍ୟ କୁ ଛାଡିବା କିମ୍ବା ନନ୍ଦନକାନନରେ ଛାଡିବା ପାଇଁ ବ୍ୟବସ୍ଥା କରାଯାଉ ବୋଲି ଦାବୀ କରୁଛନ୍ତି।

## କେନ୍ଦ୍ରାପଡ଼ା ରେ ବାଙ୍ଗଲାଦେଶୀ ହିନ୍ଦୁ ହିଂସା ବିରୋଧରେ ବିଶାଳ ହିନ୍ଦୁ ସମାବେଶ ଓ ପଦଯାତ୍ରା



କେନ୍ଦ୍ରାପଡ଼ା,୦୬/୧୨(ନି.ପ୍ର):- ବଙ୍ଗଳାଦେଶ ରେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ପ୍ରତିବାଦ ସ୍ୱରୂପ କେନ୍ଦ୍ରାପଡ଼ା ରେ ହିନ୍ଦୁମାନଙ୍କ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି ! ଏହି ଶୋଭାଯାତ୍ରା ରେ ହିନ୍ଦୁ ଧର୍ମାବିଳମ୍ବି ଲୋକମାନେ ଓ ବହୁ ସାଧୁ ସନ୍ଥ ଯୋଗଦେଇଥିଲେ ! ତିନିମୁହାଣୀ ରାମ ମନ୍ଦିର ପରିସର ରୁ ଏକ ବିରାଟ ପଦଯାତ୍ରା ରେ ବଙ୍ଗଳାଦେଶୀ ଙ୍କ ବର୍ବରତା ଓ ବଙ୍ଗଳାଦେଶ ରେ ହିନ୍ଦୁ ମାନଙ୍କ ପ୍ରତି ହେଉଥିବା ଆକ୍ରମଣ ବିରୁଦ୍ଧରେ ଜିଲ୍ଲାର ବହୁ ହିନ୍ଦୁ ସଂଗଠନ ର କାର୍ଯ୍ୟକର୍ତ୍ତା,ମଠ,ମନ୍ଦିର ଓ ଆଶ୍ରମର ମୁଖ୍ୟଙ୍କ ସମେତ ଜିଲ୍ଲାର କୋଣ ଅନୁକୋଣରୁ ବହୁ ହିନ୍ଦୁ ଭାଇ ଭଉଣୀ ଯୋଗ ଦେଇଥିଲେ ! ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭାର ମଧ ଆୟୋଜନ କରାଯାଇଥିଲା ! ସେଠାରେ ସଭା ସମାପ୍ତ ହେବା ପରେ ଉପ-ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନଙ୍କୁ ଭାରତର ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦେଶ୍ୟରେ ହିନ୍ଦୁ ମାନଙ୍କର ସୁରକ୍ଷାକୁ ନେଇ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା ! ଏଥିରେ ବ୍ରହ୍ମଚାରି ବିଶ୍ୱଚୈତନ୍ୟ ମହାରାଜ,କନ୍ତିଆ ମଠ ର ସିଦ୍ଧାର୍ଥ ଶଙ୍କର ଦାସ ମହାରାଜ,ଇସ୍କନ ର ବାବାଜୀ ଧୀରକୃଷ୍ଣ ଦାସ ମହାରାଜ,କ୍ରିୟାଯୋଗ ମିଶନ ର ସ୍ୱାମୀ ବିଶ୍ୱାସ୍ୱରୂପାନନ୍ଦ ମହାରାଜ,କଳାବୁଦା ଆଶ୍ରମ ର ଗୁଣ୍ଡୁଚି ବାବା,ଛେଦରା ଆଶ୍ରାମର ଯଶବନ୍ତ ଦାସ ମହାରାଜ,ରାଜନଗର ର ମହିମା ଆଶ୍ରମର ଅଲେଖ ଦାସ ମହାରାଜଙ୍କ ସମେତ ଶତାଧିକ ବାବାଜୀ ଓ ସାଧୁ ସନ୍ଥ ଓ ହିନ୍ଦୁବାଦୀ ଓ ହିନ୍ଦୁପ୍ରେମୀ ଯୋଗ ଦେଇଥିଲେ !

## ହାଇସ୍କୁଲ ରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ



ଜଳେଶ୍ୱର, ୬/୧୨ (ନି.ପ୍ର):ଜଳେଶ୍ୱର ମ୍ୟୁନିସିପାଲିଟିର ୭ ନମ୍ବର ୱାର୍ଡ଼,ସ୍ଥିତ ସିଦ୍ଧେଶ୍ୱର ହାଇସ୍କୁଲ ଶାସନବାଡ଼ ର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ସବଜେଲ ର ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ରଣାଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା ।ପ୍ରଧାନ ଶିକ୍ଷକ ଶ୍ରୀ ହରିଶଙ୍କର ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତିର ସଭାପତି ଦୁର୍ଜୟ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ଅଭିଭାଷଣ ରଖିଥିଲେ ।ପ୍ରଥମେ ବିଦ୍ୟାଳୟର ପିଲାମାନେ ବାବା ସିଦ୍ଧେଶ୍ୱର ମନ୍ଦିର ଆଗରେ ମସାଲ ଜଳାଇ ଗ୍ରାମ ପରିକ୍ରମା କରିଥିଲେ ।ପରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ରଣା କ୍ରୀଡା ପତାକା ଉତ୍ତୋଳନ କରିଥିଲେ ଓ ପ୍ୟାରେଡ ଅଭିବାଦନ ଗ୍ରହଣ କରିବା ସହିତ ପିଲାମାନଙ୍କୁ ଶପଥ ପାଠ କରାଇଥିଲେ ।୩ ଦିନ ବ୍ୟାପି ଏହି ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟନ ହେଲା ବୋଲି ଘୋଷଣା କରିଥିଲେ । କାର୍ଯ୍ୟକ୍ରମ କୁ ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମନୋରଞ୍ଜନ ଗିରି, ଚିତ୍ତରଞ୍ଜନ ଜେନା, ମାନସ କୁମାର ଦାସ, ସୁବ୍ରତ କୁମାର ବାରିକ, ରାଜୀବ ନାରାୟଣ କର, କୃଷ୍ଣ ଚନ୍ଦ୍ର ଜେନା, ଶାନ୍ତନୁ କୁମାର ମହାନ୍ତି, ଶୟନ କୁମାର ରାଉଳ, ଦାମୋଦର ମହାନ୍ତି, ଝାଡେଶ୍ୱର ରାଉଳ, ଅର୍ଚ୍ଚନା ଦାସ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ସଡ଼କ ମରାମତି ଲାଗି ସାମାଜିକ କର୍ମୀ ଙ୍କ ଜିଲ୍ଲାପାଳ ଙ୍କୁ ଟୁଇଟ ପରେ ପୂର୍ତ୍ତ ବିଭାଗ ରାସ୍ତା ମରାମତି



ଜଳେଶ୍ୱର, ୬/୧୨ (ନି.ପ୍ର): ଜଳେଶ୍ୱର ଚନ୍ଦନେଶ୍ୱର ୫୭ ନମ୍ବର ଜାତୀୟ ରାଜପଥର ନାମ୍ପୋ ଗଡ଼ପଦା ପୋଲ ନିକଟ ରାସ୍ତାରେ ଦୀର୍ଘ ଦିନ ଧରି ଏକ ଗର୍ତ୍ତ ହୋଇଥିଲା । ଏହି ସଡକ ରେ ଗର୍ତ୍ତ ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ପଡି ରହିଥିଲା ।ଫଳରେ ବିଭିନ୍ନ ସମୟରେ ବହୁ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେଉଥିଲେ ।ଏହା ଦେଖି ନାମ୍ପୋ ଗ୍ରାମର ସାମାଜିକ କର୍ମୀ ମନିସ କୁମାର ଜେନା ଗତ ନଭେମ୍ବର ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଟୁଇଟ ଯୋଗେ ରାସ୍ତାର ଫଟୋ ପଠାଇବା ସହିତ ଶୀଘ୍ର ମରାମତି ପାଇଁ ଅନୁରୋଧ କରିଥିଲେ । ଜିଲ୍ଲାପାଳ ଉକ୍ତ ଖବର ଜାଣିବା ପରେ ତୁରନ୍ତ ରାସ୍ତା ମରାମତି ପାଇଁ ପୂର୍ତ୍ତ ବିଭାଗ କୁ ନିର୍ଦ୍ଦେଶ ଦେଇଥିଲେ ।ପୂର୍ତ୍ତ ବିଭାଗ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ନଭେମ୍ବର ୩୦ ତାରିଖ ଦିନ ଉକ୍ତ ରାସ୍ତାକୁ ପୂର୍ତ୍ତ ବିଭାଗ ମରାମତି କରିଛନ୍ତି ।ସାମାଜିକ କର୍ମୀଙ୍କ ଏଭଳି କାର୍ଯ୍ୟକୁ ନେଇ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି ।

# ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ- ୨୦୨୪ ପାଳିତ




ବାଲେଶ୍ୱର, ୬/୧୨ (ନି.ପ୍ର): ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଜି ପୂର୍ବାହ୍ନ ଘ. ୧୧ ଟା ସମୟରେ ବାଲେଶ୍ୱର ଜିଲ୍ଲାର ସ୍ଥାନୀୟ ସଭାବନା ଗୃହଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପରିଷଦ ମାନ୍ୟବର ଅଧକ୍ଷ ନାରାୟଣ ପ୍ରଧାନ, ଜ଼ିଲ୍ଲାପରିଷଦ ମାନ୍ୟବର ଉପାଧକ୍ଷା ଅନସୂୟା ପ୍ରଧାନ, ମାନ୍ୟବର ବିଧାୟକ ବାଲେଶ୍ୱର ସଦରଙ୍କ ପ୍ରତିନିଧି ରବି ନାରାୟଣ ମହାପାତ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ବାଲିଆପାଳ ଡ଼ଃ ସ୍ୱାଗତିକା ସାହୁ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱ ମୃତ୍ତିକା ଦିବସର ତାତ୍ପର୍ଯ୍ୟ, ମୃତ୍ତିକା ପରୀକ୍ଷାର ଆବଶ୍ୟକତା, ବିଭିନ୍ନ କାରଣରୁ ମାଟିର ପ୍ରଦୂଷଣ ଓ ମାଟି ମାଆର ଯତ୍ନ ଉପରେ ଆଲୋଚନା କରାଯାଇଥିଲା । ଚଳିତ ବର୍ଷ ବିଶ୍ୱ ମୃତ୍ତିକା ଦିବସର ବିଷୟ "ମୃତ୍ତିକାର ଯତ୍ନ: ପରିମାପ, ପର୍ଯ୍ୟବେକ୍ଷଣ, ପରିଚାଳନା" ଉପରେ ଆଲୋକପାତ କରି ଜିଲ୍ଲାପାଳ ଶ୍ରୀ ବିକାଶ ମୃତ୍ତିକା ବିଭିନ୍ନ ପ୍ରାକୃତିକ ସମ୍ପଦର ଗନ୍ତାଘର ବୋଲି ମତ ପ୍ରକାଶ କରିଥିଲେ । ମନୁଷ୍ୟର ବିଶୃଙ୍ଖଳିତ କାର୍ଯ୍ୟଶୈଳୀ ପାଇଁ ଏହି ମାଟି ଆଜି ଅମ୍ଳୀୟ, କ୍ଷାରୀୟ ଓ ଲବଣାକ୍ତ ଏବଂ କିଭଳି ବିଭିନ୍ନ ସରକାରୀ ଯୋଜନା ଓ ସମନ୍ୱିତ କୃଷି ମାଧ୍ୟମରେ ମୃତ୍ତିକାର ସ୍ୱାସ୍ଥ୍ୟର ଯତ୍ନ ନେଇ ହେବ ଏହି ଦିଗରେ ଶ୍ରୀ ବିକାଶ କହିଥିଲେ । ଜିଲ୍ଲା ପରିଷଦର ମାନ୍ୟବର ଅଧକ୍ଷ ଶ୍ରୀଯୁକ୍ତ ପ୍ରଧାନ କୃଷି ପାଇଁ ଜୈବିକ କୃଷିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ମୃତ୍ତିକା ପରୀକ୍ଷା ଉପରେ ଗୁରୁତ୍ୱ ଦେଇ ସେ ଜିଲ୍ଲାରେ କାର୍ଯ୍ୟ କରୁଥିବା ମୃତ୍ତିକା ପରୀକ୍ଷାଗାର, ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ଓ ବ୍ଲକସ୍ତରରେ ମୃତ୍ତିକା ପରୀକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ଲାଷ୍ଟିକ୍ ଓ ପଲିଥିନ୍ ର କମ୍ ବ୍ୟବହାର ଏବଂ ସାମ୍ପ୍ରତିକ ପରିସ୍ଥିତିରେ ଚାଷର ପ୍ରାକୃତିକ ଧାରା ଓ ଜୈବିକ ଚାଷ ଉପରେ ଅଧିକ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ଉପରେ ଜ଼ିଲ୍ଲାପରିଷଦ ମାନନୀୟା ଉପାଧକ୍ଷା ଅନସୂୟା ପ୍ରଧାନ ବାର୍ତ୍ତା ପ୍ରଦାନ କରିଥିଲେ ଓ ମାନ୍ୟବର ବିଧାୟକ ବାଲେଶ୍ୱର ସଦରଙ୍କ ପ୍ରତିନିଧି ଶ୍ରୀ ମହାପାତ୍ର କୃଷି କ୍ଷେତ୍ରରେ ମାତ୍ରାଧିକ ରାସାୟନିକ ସାର ଓ ଜୀବନାଶକର ବ୍ୟବହାର ଯୋଗୁଁ ମାଟି, ପାଣି ଓ ପବନ ପ୍ରଦୂଷଣ ଓ ସେଥିପାଇଁ ମାଟିର ଉତ୍ପାଦିକତା ହ୍ରାସ, ଜଳବାୟୁ ପରିବର୍ତ୍ତନ ଓ ମନୁଷ୍ୟ ତଥା ଜୀବଜଗତ ଉପରେ ତାର କୁପ୍ରଭାବ ଏବଂ ତାର ନିରାକରଣ ପାଇଁ ଜୈବିକ କୃଷି ଉପରେ ଗୁରୁତ୍ୱ ଦେଇଥିଲେ । ଏଠାରେ ସୂଚନା ଥାଉ କି, ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ବିଦ୍ୟାଳୟ ସ୍ତରରେ ଆୟୋଜିତ ପୋଷ୍ଟର ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଅଗ୍ରଣୀ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇଥିଲା । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମଣ ମୁର୍ମୁ ସ୍ୱାଗତ ଭାଷଣ ଦେଇଥିଲେ । ସହକାରୀ କୃଷି ନିର୍ଦ୍ଦେଶକ ତଥା ମୃତ୍ତିକା ରସାୟନବିତ୍ ସମୁଚୟ ବେହେରା ଓ ଜିଲ୍ଲା କୃଷି ବିଭାଗର ଅଧିକାରୀ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନରେ ପ୍ରମୁଖ ସହଯୋଗ କରିଥିଲେ ।

## ମାଣବସା ଗୁରୁବାର ରେ ମହିଳା ଙ୍କ ସନ୍ଦେହ ଜନକ ମୃତ୍ୟୁ



ଜଳେଶ୍ୱର, ୬/୧୨ (ନି.ପ୍ର): ମାର୍ଗଶୀର ମାସ ଗୁରୁବାର ରେ ଜଣେ ବ୍ରତଧାରୀ ମହିଳା ଙ୍କ ସନ୍ଦେହ ଜନକ ମୃତ୍ୟୁ ଅଭିଯୋଗ ହୋଇଛି ।ସୁଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କୁମ୍ଭାର ମୁଳି ଗ୍ରାମର ବସନ୍ତ ବେହେରା ଙ୍କ ଝିଅ ସସ୍ମିତା ଦେହେରା ଦୁଇବର୍ଷ ପୁର୍ବେ ହରିପୁର ଗ୍ରାମର ରାମକୃଷ୍ଣ ମାହାନା ଙ୍କ ସହିତ ବିବାହ ହେଇଥିଲା । ବିବାହ ପର ଠାରୁ ଶଶୁର ଘର ଲୋକେ ଯୌତୁକ ନିର୍ଯାତନା ଦେବା ସହିତ ବାରମ୍ବାର ନିର୍ଯାତନା ଦେଉଥିଲେ ବୋଲି ବାପ ଘର ଲୋକ ଅଭିଯୋଗ କରିଛନ୍ତି । ଗ୍ରାମରେ ବାରମ୍ବାର ବିଚାର ପରେ ବି ସସ୍ମିତା ଙ୍କୁ ଶଶୁର ଘର ଲୋକେ ନିର୍ଯାତନା ଦେବା ସହିତ ଅଶାନ୍ତି ଲାଗିରହୁଥିଲା । ସକାଳେ ଫୋନ୍ ଯୋଗେ ବାପଘର ସହିତ କଥାବାର୍ତ୍ତା ହେବା,ଓ ମାଣବସା ଗୁରୁବାର ରେ ବ୍ରତ କରି ସସ୍ମିତା ଙ୍କ ସଂଦେହ ଜନକ ମୃତ୍ୟୁ ହେବା ଫଳରେ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ସସ୍ମିତାଙ୍କ ମୃତ ଉଦ୍ଧାର ହେବା ସହିତ ବ୍ୟବଚ୍ଛେଦ ପାଇଁ ଆଣିଥିବା ବେଳେ, ବାପ ଘର ଲୋକ ହତ୍ୟା ଅଭିଯୋଗ କରି ଉତ୍ତେଜନା ଲାଗି ରହିଥିଲା । ସ୍ୱାମୀ ରାମକୃଷ୍ଣ ମାହାନା ଙ୍କୁ ପୋଲିସ ଅଟକ ରଖି ଅଧିକ ତଦନ୍ତ କରୁଛି । ମାଣବସା, ଗୁରୁବାର, ଲକ୍ଷ୍ମୀ ପୁରାଣ ପାଠ ରେ ଗାଁ ଗହଳି ଉଛୁଳି ଉଠୁଥିବା ବେଳେ, ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଦୀର୍ଘଦିନ ଧରି,ରେଳ ଉଡନ୍ତା ପୋଲ ଅନ୍ଧକାରଛନ୍ନ



ଜଳେଶ୍ୱର,୬/୧୨ (ନି.ପ୍ର):ଜଳେଶ୍ୱର ସହର, ମଧ୍ୟ ସ୍ଥଳୀରେ ନୂତନ ଭାବେ ନିର୍ମିତ ହୋଇଥିବା, ରେଳ ଉଡନ୍ତା ପୋଲ ଲୋକାର୍ପିତ ହୋଇଥିଲେ ମଧ, ଦୀର୍ଘଦିନ ଧରି ଆଲୋକିକରଣ ହୋଇ ନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇଛି ।ଚଳ ଚଞ୍ଚଳ ଓଭର ବ୍ରିଜ ଉପରେ ଅନ୍ଧାରୁଆ ପରିବେଶ ରେ ବିପଦ ସଙ୍କୁଳ ଭାବେ, ଯାତାୟାତ ହେଉଛି ।ଦୀର୍ଘ ୮ ମାସରୁ ଉର୍ଦ୍ଧ୍ୱ ନିର୍ମିତ ପୋଲ ର ଅନ୍ଧକାରା ଛନ୍ନ ରାସ୍ତାରେ ପଥ ଚାରୀ ଦୁର୍ଘଟଣା ର ଶୀକାର ହେବା ସହିତ ଭୟାଭୀତ ମଧ ହେଉଛନ୍ତି । ସୂଚନାଯୋଗ୍ୟ ପାର୍ବଣ ଅବସରରେ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ,ଦୁର୍ଗାପୂଜା ପୂର୍ବରୁ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା ଲାଗି ବାଲେଶ୍ୱର ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗର ଉପଖଣ୍ଡ ଯନ୍ତ୍ରୀ ଓ ଜଳେଶ୍ୱର ମ୍ୟୁନିସପାଲିଟି କର୍ତ୍ତୃପକ୍ଷ ଙ୍କ ଠାରେ ଦୃଢ ଦାବିପତ୍ର ପ୍ରଦାନ ସହ ମଞ୍ଚ ପକ୍ଷରୁ ଧାରଣା ଦିଆ ଯାଇ ଥିଲା ।ଫଳରେ ,ବାଲେଶ୍ୱର ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଶ୍ରୀଯୁକ୍ତ ପିନାକୀ ପ୍ରସାଦ ସ୍ୱାଇଁ, ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚକୁ ତାଙ୍କର ଚିଠି ନମ୍ବର ୬୭୫୦ ତା ୧୯ ।୦୯ ।୨୪ରିଖ ଏବଂ ସେପଟ୍ମେର ୨୮ତାରିଖ ରେ ବାର୍ତ୍ତା ଦେଇ ପୋଲ ଉପରେ ଆଲୋକର ବ୍ୟବସ୍ଥା ପାଇଁ ଟେଣ୍ଡର ପ୍ରକ୍ରିୟାକରଣ ଆରମ୍ଭ ଓ ଶିଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ବିଷୟରେ ପ୍ରତିଶୃତି ରେ ଉଲ୍ଲେଖ ଥିଲେ । ଏପରିକି ଶାରଦୀୟ ପୂଜାର ଜନଗହଳି କୁ ଲକ୍ଷ୍ୟ କରି ମ୍ୟୁନିସିପାଲିଟି ତରଫରୁ ଅସ୍ଥାୟୀ ଆଲୋକ ବ୍ୟବସ୍ଥା ମଧ ହୋଇଥିଲା ।ଇତି ମଧ୍ୟରେ ଦୀର୍ଘ ୨ମାସ ବିତି ଥିଲେ ମଧ୍ୟ ଏଯାବତ ଆଲୋକର ବ୍ୟବସ୍ଥା ହୋଇ ନ ଥିବାରୁ ମଞ୍ଚ ତରଫରୁ ଗଭୀର କ୍ଷୋଭ ପ୍ରକାଶ ହୋଇ ତୁରନ୍ତ କାର୍ଯ୍ୟ ଆରମ୍ଭ ଉଦ୍ଦେଶ୍ୟ ରେ, ପୁନର୍ବାର ଆନ୍ଦୋଳନର ଚେତାବନୀ ଦିଆଯାଇଛି । ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ,ବାଲେଶ୍ୱର ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ପୂର୍ତ୍ତ ବିଭାଗର ଉପଖଣ୍ଡ ଯନ୍ତ୍ରୀଙ୍କୁ ଭେଟି ସମୂହ ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବିପତ୍ର ବେଳେ, ମଞ୍ଚର ସଭାପତି ଡକ୍ଟର ରମାକାନ୍ତ ଭଞ୍ଜ, ସମ୍ପାଦକ ଡଃ ଲଳିତ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ସହ ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ, ବରିଷ୍ଠ ସଦସ୍ୟ ଦିଲ୍ଲୀପ ଗିରି,କପିଳେଶ୍ୱର ମହାନ୍ତି, ରାଜାରାମ କର ଶର୍ମା, ଖଗେନ୍ଦ୍ର ନାଥ ସାହୁ, ଓ ଜ୍ୟୋତିଷ ଚନ୍ଦ୍ର କର ପ୍ରମୁଖ ଅଂଶଗ୍ରହଣ ଉପସ୍ଥିତ ଥିଲେ ।

## ନବରଙ୍ଗପୁର ଦେଉଳା ଗ୍ରାମରେ ଶ୍ରୀ ଅନ୍ନ ଅଭିଯାନ କାର୍ଯ୍ୟକ୍ରମ

ନବରଙ୍ଗପୁର ୬/୧୨ (ନି.ପ୍ର): ଗୋବିନ୍ଦାଲୟା ତରଫରୁ 'ଶ୍ରୀ ଅନ୍ନ ଅଭିଯାନ' ସହାୟତା ରେ ନବରଙ୍ଗପୁର ବ୍ଲକ ବିକ୍ରମପୁର ଗ୍ରାମ ପଞ୍ଚାୟତ ଦେଉଳା ଗ୍ରାମରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ମାଣ୍ଡିଆ ଅମଳ କିପରି କରାହେବ, କିପରି ଚାଷୀ ମାନେ ଅଧିକ ଲାଭବାନ ହେଇ ପାରିବେ ତାହା ଉପରେ କାର୍ଯ୍ୟକ୍ରମରେ ବ୍ୟାପକ ଭାବେ ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏ ଡି ଏ ଓ ଶ୍ରୀ ଅନିଲ ପ୍ରହରାଜ, ଶ୍ରୀ ଅନ୍ନ ଅଭିଯାନର ଜିଲ୍ଲା ସଂଯୋଜକ ଶ୍ରୀ ମୃତ୍ୟୁଞ୍ଜୟ, ନବରଙ୍ଗପୁର ବ୍ଲକ ର ବିଭିନ୍ନ ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଓ ୨୫୦ରୁ ଅଧିକ ଚାଷୀ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଗୋବିନ୍ଦାଲୟା ପରିବାରର ସମସ୍ତ ସଦସ୍ୟ ମାନେ ସୁଚାରୁ ରୂପେ ପରିଚାଳନା କରିଥିଲେ ।ଓଡିଶା ମିଲେଟ ମିଶନ ର ସି ଇ ଓ ରଘୁନାଥ ସ ,ନବରଙ୍ଗପୁର ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଗୁପ୍ତେଶ୍ୱର ବାରିକ, ଏ ବି ପି ସି ପ୍ରତିକ୍ଷା ଆନନ୍ଦିତା, ସିଆରପି ଯଜ୍ଞ ପ୍ରସାଦ ଭଟ୍ଟ,ଇଶ୍ୱର ଭତ୍ରକ୍ଷ, କୁମାର ସରାବୁ, ଯୁଗସାଇ ମାଝୀ, ଯୁଧିଷ୍ଠିର ଗଣ୍ଡ, ନରେନ୍ଦ୍ର ସାନ୍ତା ପ୍ରମୁଖ ଉପସ୍ଥିତ ରହି ସହଯୋଗ ଜରି କାର୍ଯ୍ୟକ୍ରମ ବେଶ ସରସ ସୁନ୍ଦର ହୋଇଥିଲା ।




# କେନ୍ଦ୍ରାପଡ଼ା ଛାତ୍ର ଆତ୍ମ ହତ୍ୟାର ଖୋଲୁଛି ଗୁମର

କେନ୍ଦ୍ରାପଡ଼ା ୬/୧୨ (ନି.ପ୍ର): କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ର +୩ ର ଛାତ୍ର ସୌମ୍ୟ ରଞ୍ଜନ ମଲ୍ଲିକ (କାଳିଆ) ଗତ ତା -୨୯/୧୧/୨୪ ରିଖ ସନ୍ଧ୍ୟା ପ୍ରାୟ ୬ଘଟିକା ସମୟ ରେ ଦୁହୁରିଆ ନିକଟସ୍ଥ ପାଣ୍ଡିରୀ ଗ୍ରାମ ଅନ୍ତର୍ଗତ ପାଟସାମୁଳାଇ ପୀଠ ର ନିର୍ଜନ ସ୍ଥାନରେ ହଠାତ୍ ବିଷ ପିଇ ଅଚେତ ହୋଇପଡ଼ିଥିବା ଖବର ପାଇ ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ପରିବାର ସଦସ୍ୟ ସେହି ସ୍ଥାନରେ ପହଞ୍ଚି ସୌମ୍ୟଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇ ଥିଲେ କିଛି ସମୟ ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ଡାକ୍ତର ସ୍ଥାନାନ୍ତର କରିଥିଲେ କିନ୍ତୁ ସ୍ୱାସ୍ଥ୍ୟ ଅବସ୍ଥା ରେ କୌଣସି ସୁଧାର ନ ଆସିବାରୁ ପରବର୍ତ୍ତୀ ସମୟରେ ଅଶ୍ୱିନୀ ହସ୍ପିଟାଲ୍ ଓ ପରେ ଘରୋଇ ହାଇଟେକ୍ ମେଡିକାଲ କଲେଜ ରେ ଭର୍ତ୍ତି କରାଯାଇଥିଲା । ଦୁଇ ଦିନ ବହୁ ଚେଷ୍ଟା ପରେ ବିଷାକ୍ତ ଔଷଧ ର କୌଣସି ନିରାକରଣ ନଥିବା ଯୋଗୁଁ ଗତ ତା ୦୨/୧୨/୨୪ ରିଖ ସକାଳ ୫ ଘଟିକା ସମୟରେ ଚିକିତ୍ସା କରୁଥିବା ଡାକ୍ତର ଆତ୍ମ ହତ୍ୟା ପାଇଁ ଉଦ୍ୟମ କରିଥିବା ଛାତ୍ର ସୌମ୍ୟ ରଞ୍ଜନ ମଲ୍ଲିକଙ୍କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ହୋଇ ସନ୍ଧ୍ୟା ୫.୩୦ ଘଟିକା ସମୟ ରେ ପ୍ରଥମେ କେନ୍ଦ୍ରାପଡା ମହାବିଦ୍ୟାଳୟ ରେ ମୃତ ଶରୀର ପହଞ୍ଚି ଥିଲା ସୌମ୍ୟଙ୍କ ସହିତ ପଢୁଥିବା ସହପାଠୀ ଓ ଅଧାପକ ମାନେ ଶ୍ରଦ୍ଧାଞ୍ଜଳି ଦେବା ପରେ ମୃତ ଶରୀରକୁ ଅନ୍ତିମ ସଂସ୍କାର ପାଇଁ ନିଜ ଗ୍ରାମ ଗାଙ୍ଗପଡ଼ା ପଞ୍ଚାୟତ ଅନ୍ତର୍ଗତ ଦୋବନ୍ଦା ଗ୍ରାମ କୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା । ମୃତ ପୁତ୍ର ଆତ୍ମହତ୍ୟା ର କାରଣ ଖୋଜୁଥିବା ପରିବାରଙ୍କ ହାତରେ ମୃତ ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ମୋବାଇଲ ଆସିବା ପରେ ଧରା ପଡ଼ିଥିଲା ପୁଅ ଆତ୍ମହତ୍ୟା ର ସମସ୍ତ ରହସ୍ୟ । ମୃତ ସୌମ୍ୟ ରଞ୍ଜନ ମଲ୍ଲିକ ଘରୋଇ ବିଦ୍ୟାଳୟରେ ପଢିବା ଠାରୁ କେନ୍ଦ୍ରାପଡ଼ା ସ୍ୱଂୟ ଶାସିତ ମହାବିଦ୍ୟାଳୟରେ +୩ ପଢ଼ିବା ପର୍ଯ୍ୟନ୍ତ ନିବିଡ଼ ପ୍ରେମ ସମ୍ପର୍କ ଥିବା କେନ୍ଦ୍ରାପଡ଼ା ମହୀପାଳ ଗ୍ରାମ ର ଜୈନିକ ବ୍ରାହ୍ମଣ ପରିବାରର ଝିଅ ବୟସ (୧୮) ମହାବିଦ୍ୟାଳୟରେ ମଧ୍ୟ ସହପାଠୀ ଭାବେ ପଢୁଥିବା ସେ ଝିଅ ଓ ତା ସହିତ ଥିବା ନିବିଡ଼ ପ୍ରେମ ହୋଇଥିଲା ସୌମ୍ୟ ରଞ୍ଜନ ମଲ୍ଲିକର ଆତ୍ମହତ୍ୟାର କାରଣ । ସୌମ୍ୟ ଜୀବନ ଠାରୁ ଅଧିକ ଭଲ ପାଉଥିବା ଜୈନିକ ଛାତ୍ରୀ ତାର ପରିବାର ସମ୍ପର୍କରେ ଥିବା ଜଣେ ଯୁବକକୁ ଭଲ ପାଉଥିବା ଓ ଶାରୀରିକ ସମ୍ପର୍କ ରଖୁଥିବା କଥା ସୌମ୍ୟ ଜାଣିବା ପରେ ଅନ୍ତରରୁ ଭାଙ୍ଗି ଯାଇ ଝିଅକୁ ସେ ଯୁବକ ସହ କଥା ହେବାକୁ ବାରଣ କରିଥିଲା ହେଲେ ସେହି ଛାତ୍ରି ଜଣଙ୍କ ସୌମ୍ୟର କଥାକୁ ଏଡାଇବା ସହ ସୌମ୍ୟଙ୍କ ସହ ପ୍ରତାରଣା କରିଥିଲେ ପରେ ସୌମ୍ୟା ପ୍ରେମ କରୁଥିବା ଛାତ୍ରୀକୁ ଆତ୍ମ ହତ୍ୟା କରିବାକୁ ଧମକ ଦେବା ପରେ ଜୈନିକ ଛାତ୍ରୀ ସୌମ୍ୟଙ୍କୁ ମରିଯିବା ପାଇଁ କହିଥିଲେ । ପରବର୍ତ୍ତୀ ସମୟରେ ସୌମ୍ୟ ସେହି ଛାତ୍ରୀର ସାଙ୍ଗରେ ପଢୁଥିବା ସହପାଠୀ କୁ ଭିଡିଓ କଲ କରି ବିଷ ଔଷଧ ପିଇ ଥିଲା । ଏହି ଆତ୍ମ ହତ୍ୟାର ସତ୍ୟା ସତ ଜାଣିବା ପରେ ମୃତ ଛାତ୍ର ସୌମ୍ୟ ରଞ୍ଜନ ମଲ୍ଲିକ (କାଳିଆ) ର ପିତା ଅରୁଣ କୁମାର ମଳିକ କେନ୍ଦ୍ରାପଡ଼ା ସଦର ଥାନାରେ ତା -୦୪/୧୨/୨୪ ରିଖ ଏକ ଲିଖିତ ଏତଲା ଥାନା ଅଧିକାରୀଙ୍କ ନିକଟ ରେ ଦାଖଲ କରିଛନ୍ତି ।ଅନୁସୂଚିତ ଜନଜାତି ମାମଲା ରୁଜୁ ହୋଇଥିବାରୁ ଏହି ମାମଲା ର ସଂପୂର୍ଣ୍ଣ ଭାର କେନ୍ଦ୍ରାପଡା ପୋଲିସ ଉପ ନିରୀକ୍ଷକ ଥିବା ଦେବେନ୍ଦ୍ର ମଲ୍ଲିକଙ୍କୁ ପ୍ରଦାନ୍ କରାଯାଇଛି । ଏତଲା ହେବାର ୮ ଘଣ୍ଟା ପରେ ଉପ ନିରୀକ୍ଷକ ଦେବେନ୍ଦ୍ର ମଲ୍ଲିକ ମୃତ ଛାତ୍ରଙ୍କ ପରିବାରକୁ ଡକାଇ ତାଙ୍କ ସହ ପୁତ୍ର ଆତ୍ମହତ୍ୟାର ସଂପୂର୍ଣ୍ଣ ଘଟଣା ବିଷୟରେ ପଚାରି ବୁଝିଛନ୍ତି । ପୁର୍ବରୁ ଗାଡ଼ି ଚୋରୀ ପାଇଁ ସୌମ୍ୟଙ୍କ ଆତ୍ମହତ୍ୟା ହୋଇଥିବା ଗୁଜବ ସତ୍ୟ ହୋଇନଥିବା ବେଳେ ଏତଲାର ତଦନ୍ତ ପାଇଁ ବାଟ ଉଗାଳୁଛି । ତେବେ ମୃତ ଛାତ୍ର ସୌମ୍ୟ ରଞ୍ଜନ ମଲ୍ଲିକଙ୍କୁ ନ୍ୟାୟ ଦେବା ପାଇଁ ନ୍ୟାୟିକ ବ୍ୟବସ୍ଥା ଉପରେ ପିତା ଅରୁଣ କୁମାର୍ ମଲ୍ଲିକଙ୍କ ବିଶ୍ୱାସ ଅଛି ବୋଲି ସେ ପ୍ରକାଶ କରିଛନ୍ତି ।

## ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତାର ଚତୁର୍ଥ ଦିନର ଖେଳ

ବାରିପଦା -୬/୧୨ (ନି.ପ୍ର): ଓଡିଶା ରାଜ୍ୟ ବିଦ୍ୟାଳୟ କ୍ରୀଡା ସଂଗଠନ, ଭୁବନେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ୧୭ ବର୍ଷରୁ କମ ଉଭୟ ବାଳକବାଳିକା ବର୍ଗର ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା ର ଚତୁର୍ଥ ଦିବସରେ ଛଅ ଗୋଟି ଖେଳ ପଡିଆରେ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି ଓ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଷ୍ଟାଡିୟମର ଏକ ନମ୍ବର ଖେଳ ପଡିଆରେ ଅନୁଷ୍ଠିତ ବାଳକ ବିଭାଗର ମ୍ୟାଚରେ ଗଜପତି ଟିମ କୋରାପୁଟକୁ ପରାସ୍ତ କରିଥିଲା । ଉକ୍ତ ଷ୍ଟାଡିୟମର ଦୁଇ ନମ୍ବର ଖେଳ ପଡିଆରେ ଅନୁଷ୍ଠିତ ବାଳକ ବିଭାଗରେ ମ୍ୟାଚ ରେ ଗଞ୍ଜାମ ଟିମ ଜଗତସିଂହପୁରକୁ ପରାସ୍ତ କରିଥିଲା । ଏ. ପି. ଜେ. ଆବଦୁଲ କଲାମ ପଡିଆର ଅନୁଷ୍ଠିତ ବାଳକ ବିଭାଗର ପ୍ରଥମ ମ୍ୟାଚରେ ମାଲକାନଗିରି ଟିମ ବରଗଡ଼କୁ, ଦ୍ୱିତୀୟ ମ୍ୟାଚରେ କଟକ ଟିମ ଦେବଗଡ଼କୁ ପରାସ୍ତ କରିଥିଲା କ୍ଷ ମଧୁବନ ମିନି ଷ୍ଟାଡିୟମରେ ଅନୁଷ୍ଠିତ ବାଳକ ବିଭାଗର ପ୍ରଥମ ମ୍ୟାଚରେ କେନ୍ଦ୍ରାପଡ଼ା ଟିମ ନୟାଗଡକୁ, ଦ୍ୱିତୀୟ ମ୍ୟାଚରେ ବଲାଙ୍ଗିର ଟିମ ନୂଆପଡାକୁ ପରାସ୍ତ କରିଥିଲା ଓ ଷ୍ଟେସନବଜାର ଖେଳପଡିଆରେ ଅନୁଷ୍ଠିତ ବାଳିକା ବିଭାଗରେ ପ୍ରଥମ ମ୍ୟାଚ ମୟୂରଭଞ୍ଜ ଟିମ ବାଲେଶ୍ୱରକୁ, ଦ୍ୱିତୀୟ ମ୍ୟାଚରେ ଭୁବନେଶ୍ୱର ଟିମ ନୂଆପଡାକୁ, ତୃତୀୟ ମ୍ୟାଚରେ କଟକ ଟିମ ସମ୍ବଲପୁରକୁ ଓ଼ ଚତୁର୍ଥ ମ୍ୟାଚରେ ନବରଙ୍ଗପୁର ଟିମ ଜଗତସିଂହପୁରକୁ ପରାସ୍ତ କରିଥିଲା କ୍ଷ ଲେଟ କ୍ୟାଟ ଖେଳପଡିଆରେ ଅନୁଷ୍ଠିତ ବାଳକ ବିଭାଗର ପ୍ରଥମ ମ୍ୟାଚରେ ପୁରୀ ଟିମ କେନ୍ଦୁଝରକୁ, ଦ୍ୱିତୀୟ ମ୍ୟାଚରେ ଯାଜପୁର ଟିମ ମୟୂରଭଞ୍ଜକୁ ପରାସ୍ତ କରିଥିଲା । ଷ୍ଟେସନବଜାର ଖେଳପଡିଆ ରେ ଅନୁଷ୍ଠିତ ବାଳିକା ବିଭାଗରେ ପ୍ରଥମ ମ୍ୟାଚରେ ବାଲେଶ୍ୱର ଟିମ ଗଞ୍ଜାମକୁ, ଦ୍ୱିତୀୟ ମ୍ୟାଚ ରେ ଭୁବନେଶ୍ୱର ଟିମ କେନ୍ଦ୍ରାପଡ଼ାକୁ, ତୃତୀୟ ମ୍ୟାଚରେ ନବରଙ୍ଗପୁର ଟିମ ସମ୍ବଲପୁରକୁ ଓ଼ ଚତୁର୍ଥ ମ୍ୟାଚରେ କଟକ ଟିମ ଜଗତସିଂହପୁରକୁ ପରାସ୍ତ କରିଅଛି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଓ଼ ଦୀପକ ରାମ ଜଣାଇଛନ୍ତି ।

## ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟାଳୟ ଫାଟକରେ ରସିରେ ବାନ୍ଧି ନିର୍ଯାତନା

କେନ୍ଦ୍ରାପଡ଼ା ତା ୬/୧୨: ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଶବ୍ରେଜିଷ୍ଟର ଅଫିସ ନିକଟରେ ଥିବା ଇଂଲିଶ ମିଡିୟମ ବେସରକାରୀ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ନିର୍ଯାତନା ଦିଆଯାଇଛି ଯାହାର ଭିଡିଓ ସୋସିଆଲ ମିଡ଼ିଆରେ ଘୁରିବୁଲୁଛି । ଗୋଟେ ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟାଳୟର ଗେଟରେ ବାନ୍ଧି ମାଡ ମାରିବା ଘଟଣାକୁ ନେଇ ଅଭିଭାବକ ମହଲରେ ଓ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷର ବାତାବରଣ ଖେଳି ଯାଇଛି । ସରକାର ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ସ୍ନେହ ସର୍ଦ୍ଧା ସହିତ ପାଠ ପଢ଼ାଇବାକୁ କହୁଥିବାବେଳେ କିଭଳି ଏ ବିଦ୍ୟାଳୟର ଶିକ୍ଷକ ଗୋଟେ ଛୋଟ ପିଲାକୁ ଲୁହା ଗେଟ ମୋଟା ରଶି ଦ୍ୱାରା ବାନ୍ଧିଛନ୍ତି ତାହା ଜମା ଗ୍ରହଣୀୟ ନୁହେଁ । ସରକାର ସବୁ ଶିକ୍ଷାନୁଷ୍ଠାନକୁ ଦଣ୍ଡ ମୁକ୍ତ କରିଥିବାବେଳେ ବେସରକାରୀ ଶିକ୍ଷାନୁଷ୍ଠାନ ସରକାରଙ୍କ ନୀୟମାବଳିକୁ କିପରି ଫୁ କରି ଉଡାଇ ଦେଇଛନ୍ତି । ଏନେଇ ବ୍ଲକ ଶିକ୍ଷାଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ଦୃଷ୍ଟି ଗୋଚର କରାଯାଇଛି । ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ସ୍ୱାଇଁ ଏ ବିଷୟରେ ତାଙ୍କ ନିକଟରେ କିଛି ଅଭିଯୋଗ ହୋଇନାହିଁ ସେ ଯାହା ସୋସିଆଲ ମିଡ଼ିଆ ଓ ଗଣମାଧ୍ୟର ପ୍ରତିନିଧିଙ୍କ ଠାରୁ ସୂଚନା ପାଇଛି ଯଦି ବିଦ୍ୟାଳୟରେ ଶିଶୁଟି ପ୍ରତି ନିର୍ଯାତନା ଦିଆଯାଇଛି । ଏହା ଉପରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ କହିଲେ ଶିକ୍ଷାଅଧିକାରୀ । ତେବେ ଛାତ୍ରଙ୍କୁ କିଏ କଣ ପାଇଁ ବାନ୍ଧି ଥିଲା ଏନେଇ ଅବିଭାବକ ମାନଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଉଛି । ଛାତ୍ରଙ୍କ ବନ୍ଧା ହୋଇଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ମୋବାଇଲ ରୁ ମୋବସିଲିକୁ ଘୁରିବୁଲୁଛି । ଦେଖାଯାଉ ବିଦ୍ୟାଳୟ ପ୍ରତି କି ପ୍ରକାର କାର୍ଯ୍ୟାନୁଷ୍ଠାନ କରୁଛନ୍ତି ଜିଲ୍ଲା ଶିକ୍ଷାବିଭାର ଅଧିକାରୀ ଓ ମଣ୍ଡଳ ଶିକ୍ଷାଧିକାରୀ ।

# ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ପରିବାର ଲୋକଙ୍କୁ ମିଳିଲା ୨ ଲକ୍ଷ ଟଙ୍କା



ମାଲକାନଗିରି୬/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଏମଭି ୭୯ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ଅନ୍ତର୍ଗତ ଜଣେ ହିତାଧିକାରୀଙ୍କ ପରିବାର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ମାଧ୍ୟମରେ ବୀମା ଟଙ୍କା ପ୍ରଦାନ କରାଯାଇଛି । ସୂଚନା ମୁତାବକ ପୁଷୁଗୁଡ଼ା ପଞ୍ଚାୟତର ପେଣ୍ଟା ଗ୍ରାମର ରାମା ମାଡକାମି ଗତ ମେ ୧୨ ତାରିଖ ଦିନ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ଏକ ବୀମା ଖାତା ଖୋଲିଥିଲେ । ଏହି ଖାତାରେ ନିୟମିତ ଭାବେ ମାସିକ ୪୩୬ ଟଙ୍କା ଜମା କରି ଆସୁଥିଲେ । ତେବେ ଗତ ଅକ୍ଟୋବର ୩ ତାରିଖରେ ରାମା ମାଡକାମି ମୃତ୍ୟୁବରଣ କରିବାରୁ ପରିବାର ଲୋକ ଗୁଜୁରାଣ ମେଣ୍ଟାଇବାକୁ ନେଇ ଚିନ୍ତା ପ୍ରକଟ କରିଥିଲେ । ପରିବାର ଲୋକେ ରାମା ର ଆକଉଣ୍ଟରେ କେତେ ଟଙ୍କା ରହିଛି, ତାହା ଯାଂଚ କରିବାକୁ ଏମଭି ୭୯ ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାକୁ ପଚରା ଉଚରା କରିବା ସହ ରାମାର ମୃତ୍ୟୁ ବାବଦରେ ଅବଗତ କରାଇବାରୁ ମ୍ୟାନେଜର ଏ ପେଟଚିମୁଥୁ ରାମାଙ୍କ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ବାବଦରେ କହିଥିଲେ । ଏଥିସହ ଆବଶ୍ୟକ ପ୍ରକ୍ରିୟା ସମ୍ପାଦନ ପରେ ପରିବାର ଲୋକଙ୍କୁ ବୀମା ଟଙ୍କା ପ୍ରଦାନ କରାଯିବା ନେଇ ସୂଚନା ଦେଇଥିଲେ । ଏହା ଜାଣିପାରି ରାମଙ୍କ ପରିବାର ଲୋକ ରାମାର ମୃତ ପ୍ରମାଣପତ୍ର ସହ ଆବଶ୍ୟକୀୟ କାଗଜ ପତ୍ର ଜମା କରିବା ପରେ ଆଜି ଭାରତୀୟ ଷ୍ଟେଟ ବ୍ୟାଙ୍କ୍ ପକ୍ଷ୍ୟରୁ ରାମା ଙ୍କ ପରିବାର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଏହି ଟଙ୍କା ପ୍ରଦାନ ବେଳେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏମଭି ୭୯ ଶାଖା ର ମ୍ୟାନେଜର, ଗ୍ରାହକ ସହାୟକ କମଳାକାନ୍ତ ସମେତ ବ୍ୟାଙ୍କର ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଅନ୍ୟପଟେ ରାମାର ପରିବାର ଲୋକେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଟଙ୍କା ଗ୍ରହଣ ପରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ ।

## ସଂପାଦକୀୟ

# ମନେରଗାରେ କାଟଛାଟ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ସପ୍ତାହରେ ପାର୍ଲିଆମେଂଟରେ ଉପସ୍ଥାପିତ କରିଥିବା ୨୦୨୩-୨୪ ବର୍ଷର କେନ୍ଦ୍ରୀୟ ବଜେଟରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ମନେରଗା) ଅନୁଦାନ ୬୦ହଜାର କୋଟି ଟଙ୍କାକୁ ହ୍ରାସ କରିଛନ୍ତି। ଗ୍ରାମାଚଂଳରେ ସାଧାରଣ ଲୋକଙ୍କୁ ବାର୍ଷିକ ୧୦୦ଦିନର ନିଶ୍ଚିତ କର୍ମନିଯୁକ୍ତି ଯୋଗାଇ ଦେଉଥିବା ମନେରେଗା ଯୋଜନାର ବ୍ୟୟ ବରାଦ ହ୍ରାସ ଗତ ୬ବର୍ଷ ମଧ୍ୟରେ ସର୍ବନିମ୍ନ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ମହାମାରୀ କରୋନାର ତାଣ୍ଡବରେ ଦୀର୍ଘକାଳୀନ ତାଲାବନ୍ଦ, କଟକଣା ପ୍ରଭାବରେ ସବୁକିଛି ଠପ୍ ହୋଇଯାଇଥିବାବେଳେ ଗ୍ରାମାଚଂଳରେ ମନେରେଗା ଯୋଜନା, ବେକାର, ବେରୋଜଗାର ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇ ଦିଆଯାଇଥିଲା। ଏହି ଯୋଜନାରେ ୨୦୨୦-୨୧ ଆର୍ଥୀକ ବର୍ଷରେ ମୋଟ ୧,୧୧,୧୭୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏହି ଯୋଜନା ପାଇଁ ମୂଳ ବଜେଟରେ ୮୯ ହଜାର କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ ଅତିରିକ୍ତ ବଜେଟରେ ଆଉ ୨୧ ହଜାର ମଂଜୁର ହୋଇଥିଲା। ମହାମାରୀ କାଳରେ ଫେରନ୍ତା ଶ୍ରମିକ ଓ ଅସହାୟଙ୍କ ପାଇଁ ମନେରଗା ବରଦାନ ସାବ୍ୟସ୍ତ ହୋଇଥିଲା। ସେହିପରି ୨୦୨୧-୨୨ ଆର୍ଥୀକ ବର୍ଷ ପାଇଁ ବଜେଟରେ ୯୮,୪୬୮ କୋଟି ଏବଂ ୨୦୨୨-୨୩ ବର୍ଷ ପାଇଁ ୮୯,୪୦୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ମହାମାରୀ କରୋନାର ପ୍ରଭାବ ହ୍ରାସ ପାଇବା ପରେ ଦେଶର ଅର୍ଥନୀତି ଏବେ ପୂର୍ବାବସ୍ଥା ତଥା ୨୦୧୯-୨୦ ସ୍ଥିତିକୁ ସମ୍ପୂର୍ଣ୍ଣ ଫେରିଥିବା କେନ୍ଦ୍ରରେ କ୍ଷମତାସୀନ ନରେନ୍ଦ୍ର ମୋଦୀ ସରକାର ବିଶ୍ୱାସ କରିଛନ୍ତି। ଏପରିକି ରୁଷ-ୟୁକ୍ରେନ ଯୁଦ୍ଧ ବିଶ୍ୱର ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ଅର୍ଥନୀତିକୁ ପ୍ରଭାବିତ କରିଥିବାବେଳେ ଏବେ ବହୁ ରାଷ୍ଟ୍ରରେ ଆର୍ଥୀକ ମାନ୍ଦାବସ୍ଥା ସୃଷ୍ଟି କରିଛି। କିନ୍ତୁ ଭାରତ ଉପରେ ଏହାର କୌଣସି ପ୍ରଭାବ ମଧ୍ୟ ପଡିନାହିଁ। ଅର୍ଥମନ୍ତ୍ରୀଙ୍କ ସର୍ବଶେଷ ଅର୍ଥନୈତିକ ସର୍ଭେ ରିପୋର୍ଟ ଟାଇଟଲ ସମ୍ପୂର୍ଣ୍ଣ ପୂର୍ଣ୍ଣଲାଭ(ରିକୋଭରୀ କଂପ୍ଲାଟ) ରଖାଯାଇଛି। ଏହା ନିଶ୍ଚିତ ଯେ, ସ୍ୱାଭାବିକୀକରଣ ଅର୍ଥନୀତି କୌଣସି ସ୍ୱତନ୍ତ୍ର ନିରାପତା କାର୍ଯ୍ୟକ୍ରମ ତଥା ଏହା ମନେରଗା ହେଉ କିମ୍ବା ଅତିରିକ୍ତ ମାଗଣା ଖାଦ୍ୟଶସ୍ୟ ଯୋଗାଣ ଯୋଜନା ହେଉ ଅତିରିକ୍ତ ମାଗଣା ଖାଦ୍ୟଶସ୍ୟ ଯୋଗାଣ ଯୋଜନା ହେଉ ଆବଶ୍ୟକ କରେ ନାହିଁ ମହାମାରୀ ସମୟରେ ଦେଶର ଅସହାୟ, ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଏହି ଦୁଇ ଯୋଜନା ବରଦାନ ସଦୃଶ୍ୟ ଥିଲା। ୨୦୧୯-୨୦ ପରେ ୨୦୨୩-୨୪ ଆର୍ଥୀକ ବର୍ଷ ପ୍ରଥମ ସ୍ୱାଭିବକ ବର୍ଷ ହେବା ନେଇ ସରକାର ଆଶାବାଦୀ। ଅନ୍ୟପକ୍ଷରେ କେନ୍ଦ୍ର ସରକାର ବଜେଟରେ ମନେରଗା ଅନୁଦାନ ହ୍ରାସ କରିଥିବାବେଳେ ପାନୀୟ ଜଳ , ଜଳ ଜୀବନ ମିଶନର ବଜେଟ ବ୍ୟୟବରାଦ ୫୫ହଜାର କୋଟିର ୭୦ ହଜାର କୋଟି ଟଙ୍କାକୁ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବ୍ୟୟ ଅଟକଲ ୭୭,୧୩୦ କୋଟି ଟଙ୍କାରୁ ୭୯, ୫୯୦ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହି ଦୁଇ ଯୋଜନା ବ୍ୟାପକ ଶ୍ରମିକଙ୍କ ଆବଶ୍ୟକତା ଥିବାରୁ ମନେରଗାର ବ୍ୟୟ ବରାଦ ବୃଦ୍ଧିର କୌଣସି ଆବଶ୍ୟକତା ନଥିବା ଅର୍ଥମନ୍ତ୍ରୀ କହିଛନ୍ତି। କହିବା ବାହୁଲ୍ୟ ଯେ, ମନେରଗା ଯୋଜନାରେ ପ୍ରତ୍ୟକ୍ଷ ଭାବେ ଶ୍ରମିକ କାର୍ଯ୍ୟ କରିବା ବାଧ୍ୟତାମୂଳକ ଥିବାବେଳେ ମେସିନ କାମ କରୁଥିବା ଅଭିଯୋଗ ହୁଏ। ଏହା ସତ୍ତ୍ୱେ ଗ୍ରାମାଚଂଳରେ ଗତ ଚାରି ଦଶନ୍ଧି ଧରି ଶ୍ରମିକଙ୍କ ପାଇଁ ବରଦାନ ସଦୃଶ ରହିଥିବା ମନେରଗା ଆବଶ୍ୟକତା ରହିଛି। ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଚଳିତବର୍ଷ ୯ଟି ରାଜ୍ୟର ବିଧାନସଭା ନିର୍ବାଚନ ସାଙ୍ଗକୁ ଆସନ୍ତା ବର୍ଷ ଲୋକସଭା ନିର୍ବାଚନ ଯାଉଛି। ଏଥିପାଇଁ ସରକାର ବଜେଟରେ ପାନୀୟ ଜଳ। ଜୀବନ ମିଶନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ସ୍କିମ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଦେଶର ୮୦କୋଟି ହିତାଧିକାରୀଙ୍କୁ ମାଗଣା ରାସନ ଯୋଗାଣ ପରି କେତେକ ଲୋକପ୍ରିୟ ଯୋଜନାକୁ ସରକାର ଅଗ୍ରାଧିକାର ଦେବା ସ୍ୱାଭାବିକ। ତାହା ହିଁ ବଜେଟ ସଂବେଦ୍ ପ୍ରଦାନ କରେ। ଏହା ସତ୍ୟ ଯେ, ମନେରଗା ଯୋଜନାରେ ଦୈନିକ ମଜୁରି ଅତି ସ୍ୱଳ୍ପ ରହିଛି। ଯାହାକି ମନେରଗା ପ୍ରତି ଶ୍ରମିକଙ୍କ ବିମୁଖତାର କାରଣ ବୋଲି କହିଲେ ହୁଏତ ଭୁଲ ହୋଇନପାରେ। ଏହା ସତ୍ତ୍ୱେ ଗ୍ରାମାଚଂଳରେ ମନେରଗାରରେ ଗୁରୁତ୍ୱର ଅସ୍ୱୀକାର କରି ହେବନାହିଁ।

# ପ୍ରେମର ମୂର୍ତ୍ତିମନ୍ତ ରୂପ - ଶ୍ରୀ ସତ୍ୟସାଇ

ସଚ୍ଚିଦାନନ୍ଦ ନନ୍ଦ

ନିଜକୁ ଅବତାର ବୋଲି ଘୋଷଣା କରିବା ପରେ, ଅବତାର ପୁରୁଷଙ୍କ ଆଗମନର ଉଦ୍ଦେଶ୍ୟ ବର୍ଣ୍ଣନା ଅବସରରେ ଭଗବାନ ବାବା କହିଥିଲେ, ଏ ଅବତାର ସାଧୁମାନଙ୍କୁ ପରିତ୍ରାଣ କରିବା ସଙ୍ଗେ ସଙ୍ଗେ ଦୁଷ୍ଟ ମାନଙ୍କୁ ସଂହାର ନ କରି ସଂସ୍କାର କରିବେ। ଏହି ପଦକ କଥା ଯେ କେତେ ମୂଲ୍ୟବାନ ତାହା ଚିନ୍ତାଶୀଳ ବ୍ୟକ୍ତିମାନେ ଠିକ୍ ଅନୁମାନ କରିପାରିବେ। ପୂର୍ବ ଅବତାରମାନଙ୍କ ଭଳି ଦୁଷ୍ଟମାନଙ୍କୁ ସଂହାର କରିବା ପରିବର୍ତ୍ତେ ସେମାନଙ୍କୁ ସଂସ୍କାରିତ ହେବାକୁ ସୁଯୋଗ ପ୍ରଦାନ କରିବା କ'ଣ କମ୍ ଗଭୀର ପ୍ରେମର ନିଦର୍ଶନ ? ଭୁଲ୍ କରୁଥିବା ଓ ଅବାଟରେ ଚାଲୁଥିବା ମଣିଷମାନଙ୍କୁ ସଂଶୋଧନ କରି ତାଙ୍କୁ ବାଟକୁ ନେଇ ଆସିବା ଅନ୍ତରାଳରେ କେତେ ଧୈର୍ଯ୍ୟ, କେତେ ସହନଶୀଳତା ତଥା କି ପ୍ରେମଭାବ ନିହିତ ଥାଇପାରେ, ଭାବିଲେ ଆଶ୍ଚର୍ଯ୍ୟ ବିହ୍ୱଳିତ ହେବାକୁ ପଡ଼େ।

ପୂର୍ବ ଅବତାରରେ ମାନବ ଜାତିକୁ ସତ୍‌ମାର୍ଗକୁ ଆଣିବା ପାଇଁ ଶିକ୍ଷା, ଦୀକ୍ଷା, ମସ୍ତିଷ୍କ ଧୌତି ଭଳି ଉପାୟ ଏବଂ ନୀତି ନ ମାନିଲେ ନାନା ପ୍ରକାର ଦଣ୍ଡ ଓ ଧମକର ଭୟ ପ୍ରଦାନ କରାଯାଉଥିଲା। ସାଇଙ୍କର ଏ ଅଭିନବ ଅବତାର ସବୁ କଥା ପାଇଁ ପ୍ରେମର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥାନ୍ତି। ତାଙ୍କ ବାଣୀ ହେଉଛି, ଏଭଳି କୌଣସି ସମସ୍ୟା ନାହିଁ ଯାହା ପ୍ରେମ ମାଧ୍ୟମରେ ସମାଧାନ ନହେବ, ଏଭଳି କୌଣସି ଭୟ ନାହିଁ ଯାହା ପ୍ରେମ ମାଧ୍ୟମରେ ଦୂର ନହେବ, ଏଭଳି କୌଣସି ଦୁର୍ଭେଦ୍ୟ ତତ୍ତ୍ୱ ନାହିଁ ଯାହାକୁ ପ୍ରେମ ମାଧ୍ୟମରେ ଭେଦି ନ ହେବ। ପ୍ରେମ ଅସ୍ତ୍ର ବ୍ୟବହାର କଲେ ବିଜୟ ସୁନିଶ୍ଚିତ ବୋଲି ସେ ଦୃଢ଼ କଣ୍ଠରେ ଘୋଷଣା କରିଥାନ୍ତି। ନିଜର ସ୍ୱଭାବ ଓ ସ୍ୱରୂପ ବାବଦରେ ମଧ୍ୟ ସେହି ଏକ ତତ୍ୱ ଜାହିର କରିଥାନ୍ତି। ପ୍ରେମ ଛଡ଼ା ଆଉ କିଛି ତାଙ୍କୁ ଜଣା ନାହିଁ ବୋଲି ମଧ୍ୟ ଅତି ନିରୀହ ଭାବେ ସ୍ୱୀକାର କରନ୍ତି, କ୍ରୋଧ, ହିଂସା ବା ଘୃଣାର ଅନୁଭବ ଜ୍ଞାନ ତାଙ୍କର ନାହିଁ, ତାହା ତାଙ୍କ ଜୀବନଚର୍ଯ୍ୟାରୁ ଜଣାପଡ଼ିଯାଏ। ଶ୍ରୀ ସତ୍ୟସାଇ ବିଶ୍ୱବିଦ୍ୟାଳୟର କୁଳପତି ଡ. ସମ୍ପଦ ବାବାଙ୍କ ବ୍ୟକ୍ତିତ୍ୱକୁ ବୁଝାଇବାକୁ ଯାଇ ଅନ୍ୟ କେତେକ ବିଶେଷଣ ସହ କହିଲେ, 'ବାବା ପ୍ରେମର ସାଗର'। ଉପସ୍ଥିତ ଥିବା ସମସ୍ତ ଭକ୍ତ, ଶ୍ରଦ୍ଧାଳୁ ତଥା ଛାତ୍ରଛାତ୍ରୀଗଣ ଉଲ୍ଲସିତ ହୋଇ କରତାଳି ଦେଇ ଚାଲିଲେ। ଶେଷକୁ ବାବାଙ୍କୁ ଦିବ୍ୟ ସମ୍ଭାଷଣ ପ୍ରଦାନ କରିବାକୁ ଅନୁରୋଧ କରାଗଲା। ବାବା କହିଲେ, ବିଶ୍ୱବିଦ୍ୟାଳୟର କୁଳପତି ମୋ ପ୍ରେମକୁ ସାଗର ସହ ତୁଳନା କରିବାରୁ ତୁମ୍ଭେମାନେ ଖୁବ୍ କରତାଳି ଦେଇ ଖୁସି ହେଉଥିଲ। ସାଗରର ତ ସୀମା ଅଛି, ଜାଣିରଖ ମୋ ପ୍ରେମର ସୀମା ନାହିଁ, ଏହା ଏକ ସୀମାହୀନ ସାଗର। ଏଥର ପ୍ରେକ୍ଷାଳୟ ଅବସ୍ଥା ଯାହା ହୋଇଥିବ ତାହା ସହଜରେ ଅନୁମେୟ। ଏହାଛଡ଼ା ଅନେକ ଅବସରରେ ନିଜ ପ୍ରେମକୁ ସେ ସହସ୍ର ମାତାର ପ୍ରେମ ଠାରୁ ମଧ୍ୟ ଅଧିକ ବୋଲି କହିଥାନ୍ତି। ନିଜ ପ୍ରେମକୁ ନିଃସ୍ୱାର୍ଥ ପ୍ରେମ, ନିଷ୍କାମ ପ୍ରେମ ଓ ଦୈବୀ ପ୍ରେମ ବୋଲି କହି ମାତା ପିତାଙ୍କ ପ୍ରେମଠାରୁ ଅଧିକ ପବିତ୍ର ଓ ଗଭୀର ବୋଲି ଦାବି କରନ୍ତି। ଏହା କେବଳ ତାଙ୍କ କଣ୍ଠରେ ପ୍ରତିଧ୍ୱନିତ ହୁଏନାହିଁ, ପ୍ରତିଟି କର୍ମରେ ଓ ଲୀଳାରେ ପ୍ରତିଫଳିତ ହେବା ଲକ୍ଷ୍ୟ କରାଯାଏ। ଦୀନଜନ ଉଦ୍ଧାରଣ ପାଟକମ୍ ଏହାର ନିଦର୍ଶନ। ଅନ୍ୟ ଏକ ଅବସରରେ କହିଲେ, ଏ ସଂସାରରେ ମୁଁ ସର୍ବଶ୍ରେଷ୍ଠ ଧନୀ, ମୋ ସମକକ୍ଷ ଧନୀ ଏ ପୃଥିବୀରେ କେହି ନାହାନ୍ତି। ମୁଁ କେଉଁ ଧନରେ ଧନୀ ? ପ୍ରେମ ଧନରେ। ମୋ ପ୍ରେମ ଭାବ ଯୋଗୁଁ ସମସ୍ତେ ଆକର୍ଷିତ ହୋଇଥାନ୍ତି। ମୋ ଶରୀର ପଞ୍ଚମହାଭୂତରେ ଗଢ଼ା ନୁହେଁ ଷଷ୍ଠ ମହାଭୂତ ପ୍ରେମରେ ଗଢ଼ା, ମୋ ଦୃଷ୍ଟି ପ୍ରେମ ଦୃଷ୍ଟି, ମୋ ଠାରୁ ପ୍ରେମର କିରଣ ନିର୍ଗତ ହୁଏ, ମୋର ଶ୍ୱାସ ପ୍ରଶ୍ୱାସରେ ପ୍ରେମ ହିଁ ଯାତାୟତ କରେ, ମୋ ହୃଦୟରେ ପ୍ରେମ ହିଁ ଆସନ ପାତି ବସି ରହିଛି। ପ୍ରେମଭାବ ଯୋଗୁଁ ମୋ ଦେହରୁ ଅମୃତ ଓ ବିଭୂତି ପ୍ରଭୃତି କ୍ଷରଣ ହୋଇଥାଏ। ଏହି ତତ୍ୱର ସ୍ପଷ୍ଟିକରଣ ଦେଇ ଭଗବାନ କହିଲେ, 'କେବଳ ଏତିକି ନୁହେଁ, ମୁଁ ଚାହିଁଲେ ମାଟିକୁ ଆକାଶ ଓ ଆକାଶକୁ ମାଟିରେ ପରିଣତ କରି ଦେଇପାରିବି କିନ୍ତୁ ଏହା ଯେଉଁ ଶକ୍ତି ବଳରେ କରିବି ତାହା ମୋର ପ୍ରେମଶକ୍ତି, ଯାହା ମୋ ଦୈବୀଶକ୍ତି ତୁଳନାରେ ବହୁ ଅଧିକ କ୍ଷମତାସଂପନ୍ନ। ଅଧିକାଂଶ କ୍ଷେତ୍ରରେ ଆମେ ଶୁଣୁ ଯେ ଭଗବାନ କହନ୍ତି, 'ମୋ ଜୀବନ ହିଁ ମୋ ବାର୍ତ୍ତା'। ଅର୍ଥ ସେ ଯେଉଁଭଳି ଜୀବନଯାପନ କରନ୍ତି ଠିକ୍ ତାହାହିଁ କରିବା ପାଇଁ ଆମକୁ କହିଥାନ୍ତି। ଏହା ମଧ୍ୟ ଆହୁରି ସରଳ, ଯେହେତୁ ତାଙ୍କ ଜୀବନ ପ୍ରେମର ଜୀବନ ତାଙ୍କ ବାର୍ତ୍ତା ମଧ୍ୟ ପ୍ରେମର ବାର୍ତ୍ତା। ପ୍ରେମପୂର୍ଣ୍ଣ ଜୀବନ ନିର୍ବାହ କରିବାକୁ ସେ ପ୍ରବର୍ତ୍ତାଇ ଥାଆନ୍ତି। ତାଙ୍କର ସହସ୍ର ସହସ୍ର ସମ୍ଭାଷଣ ମଧ୍ୟରୁ ଏଭଳି କୌଣସି ଗୋଟିଏ ସମ୍ଭାଷଣ ମିଳିବ ନାହିଁ ଯେଉଁଥିରେ ପ୍ରେମର ମହତ୍ୱ, ପ୍ରେମର ଶକ୍ତି, ପ୍ରେମର ପ୍ରାଧାନ୍ୟ, ପ୍ରେମର ଆବଶ୍ୟକତା ଉପରେ କୁହାଯାଇ ନଥିବ। ଏଥିରୁ ଆମେ ଉପଲବ୍ଧ କରିବା ଦରକାର ଯେ, ବାବା 'ପ୍ରେମ'ଟିକୁ କ'ଣ ବୋଲି ଭାବନ୍ତି ଓ ଏହା ଅବଧାରଣ କରିବାକୁ ଆମ୍ଭମାନଙ୍କୁ କାହିଁକି କହନ୍ତି। ଶେଷକୁ ବଜ୍ର କଣ୍ଠରେ ଘୋଷଣା କରିଦେଲେ ଯେ 'ପ୍ରେମ ହିଁ ଈଶ୍ୱର, ଈଶ୍ୱର ହିଁ ପ୍ରେମ। ପ୍ରେମରେ ଜୀବନଯାପନ କର।' କଥାଟି ଶତକଡ଼ା ଶହେ ସତ। ପ୍ରେମ ଭାବରୁ ଏ ସଂସାର ସୃଷ୍ଟି। ପ୍ରେମରୁ ଜୀବଜଗତ, ପ୍ରାଣୀଜଗତ, ବୃକ୍ଷଜଗତ ତଥା କୀଟ ପତଙ୍ଗ ସବୁକିଛିର ସୃଷ୍ଟି।

# ଭ୍ରଷ୍ଟାଚାର ଅକ୍ତିଆରରେ ଭାରତ

ଶରତ କୁମାର ରାଉତ

ପ୍ରତି ଭାରତୀୟ ରାଜନୀତିରେ ଅପରାଧ ଓ ଭ୍ରଷ୍ଟାଚାର ଏତେ ଅଧିକ ବଢ଼ିଯାଇଛି ଯେ, ଦେଶ ପାଇଁ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକର ବିକାଶ ଆଶା କରାଯାଉଥିଲା, ତାହା ଏବେ ସ୍ୱପ୍ନ ହୋଇଯାଇଛି। ସ୍ୱାଧୀନତାକୁ ନେଇ ବିକାଶର ଉଚ୍ଚପାହାଚ ପର୍ଯ୍ୟନ୍ତ ଗତିକରି ଆସିଥିବା ଭାରତୀୟ ଗଣତନ୍ତ୍ର କେତେକ ତଥାକଥିତ ରାଜନୀତିଜ୍ଞଙ୍କର ଅକ୍ତିଆରରେ ରହିଥିବାରୁ ଭାରତୀୟମାନେ ମଧ୍ୟ ଅନ୍ଧ ଭଳି ସେମାନଙ୍କୁ ସମର୍ଥନ କରିଆସୁଛନ୍ତି। ଆଶ୍ଚର୍ଯ୍ୟର କଥା ଯେ, ଭାଷାବାଦ୍, ଆଂଚଳିକବାଦ୍, ଜାତିବାଦ୍, ଉଗ୍ରବାଦ୍, ଲିଙ୍ଗବାଦ୍, ନକ୍ସଲବାଦ୍, ଆଦି 'ବାଦ୍'ରେ ବିଭକ୍ତ ହୋଇ ଚାଲିଥିବା ଭାରତୀୟ ଜନତା ଏଇ ତଥାକଥିତ ଦେଶ ଭକ୍ତ ଓ ସ୍ୱାର୍ଥପର ନେତାମାନଙ୍କ ଇଚ୍ଛାକୁ ସଫଳ କରି ଚାଲିଛନ୍ତି। ଗଣତନ୍ତ୍ରର ଦ୍ୱାହି ଦେଉଥିବା ଏହି ରାଜନୀତିଜ୍ଞମାନେ କେବେ ମଧ୍ୟ ସତ୍ୟକୁ ସ୍ୱୀକାର କରିବାର ନୈତିକତା ଅନୁଭବ କରିନାହାନ୍ତି। ସତ୍ୟ ଉପରେ ଅସତ୍ୟକୁ, ଜନମତ ଉପରେ ନିଜର ରାଜନୀତିକ ସ୍ୱାର୍ଥର ବିଷବୃକ୍ଷ ରୋପଣ ଏହି ନେତା ମାନଙ୍କର ପ୍ରମୁଖ କାର୍ଯ୍ୟ ହୋଇଛି। ଏପରି କି କେନ୍ଦ୍ର ସରକାର ହୁଅନ୍ତୁ ବା ରାଜ୍ୟ ସରକାର କେହି ଜନମତକୁ ସ୍ୱୀକାର କରୁନଥିବା ଦେଖା ଯାଇପାରେ। ଥରେ ଗାଦିକୁ ଆସିଲେ ସମସ୍ତେ ଜନମତକୁ ଭୁଲି ନିଜ ଇଚ୍ଛାରେ କାମ କରିବାକୁ ପଛାଉ ନାହାନ୍ତି।

ଭାରତୀୟ ଗଣତନ୍ତ୍ରରେ ରାଜନୀତିକ ଦଳ ମାନଙ୍କ ଅପରାଧ ଲିପ୍ତତା ଓ ଭ୍ରଷ୍ଟାଚାର ବହୁ ଅଧିକ ବଢ଼ି ଯାଇଛି। ସାଧାରଣ ଜନତା ଓ ବୁଦ୍ଧିଜୀବୀ ମାନଙ୍କର ମତ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ପ୍ରାୟତଃ ଅଦୃଶ୍ୟ ହୋଇଯାଇଛି। ଆଇନ୍‌ଶୃଙ୍ଖଳା ବ୍ୟବସ୍ଥାରେ ଦେଖା ଦେଇଥିବା ଅତି ନିମ୍ନମାନର କାର୍ଯ୍ୟ ଭାରତୀୟ ସଂସ୍କୃତିରେ କଳ୍ପନା କରାଯାଇ ନପାରେ। ଅନୁଶାସନର ସମସ୍ତ ମାପଦଣ୍ଡ ରାଜନୀତିଜ୍ଞ ମାନଙ୍କ ଦ୍ୱାରା ଭଙ୍ଗା ଯାଉଥିବା ବେଳେ ନିଜର ସ୍ୱାର୍ଥରକ୍ଷା ପାଇଁ ଜନମତକୁ ଦମନ ସ୍ୱରୂପ ନିୟମ କାନୁନ୍ ତିଆରି କରାଯାଉଛି। ଦେଶର କୋଣେ କୋଣେ ଚାଲିଥିବା ଦଙ୍ଗା-ସଂଘର୍ଷର ନିଆଁ ନେତା ମାନଙ୍କର ହିଁ ଦାନ। ଭାରତୀୟଙ୍କ ପାଖରେ ସଂପ୍ରତିକ ଅବସ୍ଥାର ଘନଘୋର ଅନ୍ଧକାର ଛଡା ହୁଏତ ଆଉ କିଛି ନାହିଁ। ପ୍ରଶାସନିକ ଅରାଜକତା ଆଜି ଚରମ ସୀମାରେ ପହଞ୍ଚିଛି। ପ୍ରଶାସନିକ ନିଷ୍ଠୁର କାର୍ଯ୍ୟ ପ୍ରଣାଳୀ ଭିତରେ ଜନତା ପେଷି ହୋଇ ଚାଲିଛି। ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ନେତା ଓ ପ୍ରଶାସନିକ ଅଧିକାରୀ ମାନେ ମିଳିମିଶି ଅନ୍ୟମାନଙ୍କୁ ଶୋଷଣ କରି ଚାଲିଛନ୍ତି ଓ ନିଜର ଇଚ୍ଛାକୁ ଜବରଦସ୍ତି ସେମାନଙ୍କ ଉପରେ ଲଦୁଛନ୍ତି। ଏପରିକି ଏବେ ଏଇ ସମ୍ବେଦନଶୀଳ ଘଟଣା ସୀମା ଲଂଘନ ହେବାରେ ଲାଗିଛି। ଭାରତୀୟ ଗଣତନ୍ତ୍ର ଯେପରି ଆହତ ହୋଇ ଚିତ୍କାର କରୁଥିବା ଭଳି ମନେ ହେଉଛି। ସରଳ ଭାରତୀୟ ମାନଙ୍କର ଏକତାର ଭାବକୁ ଖିନ୍‌ଭିନ୍ କରି ବିଭିନ୍ନ ବର୍ଗରେ ବିଭକ୍ତ କରାଇ ପରସ୍ପର ଭିତରେ ଘୃଣା, ଦ୍ୱେଷ, ରକ୍ତପାତ, କଳହ ସୃଷ୍ଟି କରୁଥିବା ଏଇ ତଥାକଥିତ ନେତା ମାନଙ୍କୁ ସମୟ କେବେ କ୍ଷମା ଦେବ ନାହିଁ।

ଆଜି ଆମ ଦେଶର ନେତାମାନଙ୍କ ସଂକୀର୍ଣ୍ଣ ମାନସିକତାର ପରିଣତି ସ୍ୱରୂପ ଅନେକ ଅଂଚଳରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି। ଏଇ ଅବସ୍ଥା ଓଡ଼ିଶାକୁ ମଧ୍ୟ ଗ୍ରାସ କରିଛି। ଓଡ଼ିଶାର କେତେକ ଅଂଚଳରେ ଗୋଷ୍ଠୀ ସଂଘର୍ଷ ଚରମ ରୂପ ନେଇଛି। କେନ୍ଦ୍ରାପଡା, ନବରଙ୍ଗପୁର, ମାଲକାନଗିରି, ଜଗତ୍‌ସିଂହପୁର, ବାଲେଶ୍ୱର ଜିଲ୍ଲାରେ ବାଂଲାଦେଶୀ ଶରଣାର୍ଥୀ ଓ ଅନୁପ୍ରବେଶକାରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବାରମ୍ବାର ସଂଘର୍ଷ ମୂଳରେ ନେତା ମାନଙ୍କର ହୀନ ରାଜନୀତିକ ସ୍ୱାର୍ଥ ଜଡିତ ଥିବା ସ୍ପଷ୍ଟ। ଭୋଟ୍ ବ୍ୟାଙ୍କ ସୃଷ୍ଟି ପାଇଁ ଜାତୀୟତାର ଭାବ ଭୁଲି ଚାଲିଥିବା ନେତା ମାନଙ୍କର ଏହା ଏକ ପ୍ରମୁଖ କାର୍ଯ୍ୟ ହୋଇଛି। ସବୁଠୁ ଦୁର୍ଭାଗ୍ୟର କଥା ଯେ, ବର୍ତ୍ତମାନ ଆଦିବାସୀ ଅଂଚଳରେ ମଧ୍ୟ ଭାଷାବାଦ୍, ଆଞ୍ଚଳିକବାଦ୍, ନକ୍ସଲବାଦ୍, ଜାତିବାଦ୍ ଆଦି "ବାଦ୍" ଉଗ୍ରରୂପ ଧାରଣ କରିଛି। ପରିସ୍ଥିତିର ସମୀକ୍ଷା କରାଗଲେ ସ୍ପଷ୍ଟ ହେବ ଯେ, ସଂପୂର୍ଣ୍ଣ ଘଟଣାର ସୃଷ୍ଟିକର୍ତ୍ତା ଏହି ତଥା କଥିତ ନେତା ମାନେ। ଏସବୁ ଅବଶ୍ୟ ଅନୁସନ୍ଧାନ ସାପେକ୍ଷ। ତେବେ ଆଶ୍ଚର୍ଯ୍ୟର କଥା ଯେ, ଏବେ ମଧ୍ୟ ଓଡ଼ିଶା ରାଜନୀତି ଓ ପ୍ରଶାସନତନ୍ତ୍ରକୁ ସରଗରମ କରି ରଖିଥିବା ଚିଟ୍‌ଫଣ୍ଡ୍ ଠକେଇ, ଖଣି ଦୁର୍ନୀତି, ଉନ୍ନୟନ କାର୍ଯ୍ୟରେ ଶିଥିଳତା ଆଦି ଘଟଣାକୁ ଲୋକମାନେ ଭୁଲି ପାରୁ ନାହାନ୍ତି।

ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶାରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ ହେଉଥିଲେ ହେଁ ସାଧାରଣ ମଣିଷର ଆର୍ଥିକ ଉନ୍ନତି ହୋଇପାରୁ ନାହିଁ। ଧନୀ ଆଉରି ଧୀନ ଓ ଗରିବ ଆଉରି ଗରିବ ହୋଇ ଚାଲିଛି। ଏହାର କାରଣ ସମ୍ପର୍କରେ ବ୍ୟାପକ ସମୀକ୍ଷାର ଆବଶ୍ୟକତା ରହିଛି। ଯୋଜନା କାର୍ଯ୍ୟକାରିତାରେ ଅନିୟମିତତା ଏବଂ ଦୁର୍ନୀତି ହେଉଥିବା ଦେଖାଯାଉଛି। ଆଉ ଏଥିରେ ପ୍ରଶାସନିକ ଅଧିକାରୀ ଏବଂ ରାଜନୈତିକ ନେତାମାନେ ମିଳିତ ଭାବେ ସମ୍ପୃକ୍ତ ଥିବା ନିଃସନ୍ଦେହ। ଏପରି କି କେତେକ ବିଧାୟକ ଏବଂ ସାଂସଦ ନିଜ ଅଂଚଳରେ ଚାଲିଥିବା ଯୋଜନା ଓ ନିଜ ଉନ୍ନୟନ ପାଣ୍ଠିର ଅପବ୍ୟବହାର କରୁଥିବା ଅଭିଯୋଗ ହେଉଛି। ସେହିପରି ସରପଞ୍ଚ, ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ୍ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିଜ ଅଧୀନରେ କାର୍ଯ୍ୟକାରୀ ଯୋଜନା ବା ସରକାରୀ ସେବା ଯୋଗାଣ କାର୍ଯ୍ୟରୁ ନିଜ ନିଜର ଭାଗ ନେଉଥିବା ସାଧାରଣ ଘଟଣାରେ ପରିଣତ ହୋଇଛି। ତେବେ ଏ ସବୁର ଉଚ୍ଚସ୍ତରୀୟ ତଦନ୍ତ କାରାନଯିବା ପର୍ଯ୍ୟନ୍ତ ସଂପୃକ୍ତ ତଥାକଥିତ ଜନପ୍ରତିନିଧିଙ୍କ ଅସଲି ମୁଖା ସାମ୍ନାକୁ ଆସିବା ସମ୍ଭବ ନୁହେଁ। ଏହାକୁ ଅନୁସରଣ କରି ସରକାରୀ ଅଫିସର ଓ କର୍ମଚାରୀମାନେ ମଧ୍ୟ ନିର୍ଭୟରେ ଦୁର୍ନିତି କରିଚାଲିଛନ୍ତି। ଆଦିବାସୀ ଅଞ୍ଚଳରେ ସମସ୍ତ ସରକାରୀ ସେବା ବିପର୍ଯ୍ୟସ୍ତ ପାଇଁ ଦାୟୀ କେବଳ ଜିଲ୍ଲାପାଳ, ସିଡିଏମ୍‌ଓ, ବିଧାୟକ, ସାଂସଦ ଓ ଅନ୍ୟ ଜନ ପ୍ରତିନିଧିମାନେ। ସମସ୍ତେ ଆଦିବାସୀ ସ୍ୱାର୍ଥ ଲୁଟ୍‌ରେ ବ୍ୟସ୍ତ। ନେତା ଓ ଉଚ୍ଚ ପଦାଧିକାରୀ ମାନେ ସେମାନଙ୍କୁ ସୁରକ୍ଷା ବଳୟ ଭିତରେ ରଖୁଛନ୍ତି। ଏହା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପାଇଁ ଅତି ଦୁର୍ଭାଗ୍ୟର କଥା।

ଭାରତ ସର୍ବଦା ବିଶ୍ୱ ପରିବାର ଓ ବିଶ୍ୱ ଶାନ୍ତିର ଆହ୍ୱାନ ଦେଇ ଆସୁଛି। ମାତ୍ର ଏହି ଲକ୍ଷ୍ୟ ପ୍ରାପ୍ତି ପାଇଁ ଯେଉଁ ଭୂମିକାର ଆବଶ୍ୟକତା ଥିଲା ଓ ଅଛି, ସେ ସବୁ କାଳର କରାଳ ଗର୍ଭରେ ଖିନଭିନ୍ ହୋଇ ଚାଲିଛି ଓ ଏଥିପାଇଁ ସେହି ନେତାମାନେ ହିଁ ଦାୟୀ। ଆଜି ବିଶ୍ୱର ସମସ୍ତ ଧ୍ୱଂସକାରୀ କ୍ଷମତା ଭାରତ ପାଖରେ ନତମସ୍ତକ। ଭାରତ ପାଖରେ ରହିଛି ବ୍ରହ୍ମାସ୍ତ୍ର, ଯାହା ଆଧ୍ୟାତ୍ମ ଭାବରେ ପରିଚିତ। ଏହି ବ୍ରହ୍ମାସ୍ତ୍ରର ନିୟନ୍ତ୍ରଣରେ କ୍ରିୟାଶୀଳ ଆତ୍ମବଳ, ଧର୍ମବଳ, ଶରୀର ବଳ, ବୁଦ୍ଧିବଳ, ବିବେକ ବଳ ପାଞ୍ଚଟି ପରମାଣୁର ପ୍ରତୀକ ଅଟେ। ଏସବୁର ଏକସଙ୍ଗରେ ମିଳନ ଅର୍ଥାତ୍ ମହାଭାରତ ପ୍ରସ୍ତୁତିର ସଙ୍କେତ। ମହାଭାରତର ୫ଜଣ ପାଣ୍ଡବ ଏହି ୫ଟି ପରମାଣୁର ପ୍ରତୀକ ଥିଲେ। ସୌଭାଗ୍ୟବଶତଃ ଭାରତୀୟ ବୈଜ୍ଞାନିକମାନେ ନିଜର ପ୍ରତିଭା ବଳରେ ଭାରତକୁ ବିଶ୍ୱନାୟକର ଭୂମିକା ଦେବାକୁ ସଙ୍କେତ ଦେଉଛନ୍ତି। ଏପରିକି ଭାରତ ବିଶ୍ୱ ବିଜୟ ଅଭିଯାନର ସଂକଳ୍ପ ସଂପୂର୍ଣ୍ଣ କରିନେଇଛି। ଅବଶ୍ୟ ବିଶ୍ୱବାସୀଙ୍କ ଚିନ୍ତାଧାରା ଅନୁଯାୟୀ ପାକିସ୍ତାନ ସହ ଆମର ଉତ୍ତେଜନା ମୂଳକ ସଂପର୍କ ଦୁର୍ଭାଗ୍ୟଜନକ। ଅର୍ଥାତ୍ ଆମେ ସମସ୍ତଙ୍କୁ ହରେଇ ନିଜ ଠାରୁ ହାରୁଛେ। ତଥାପି ସବୁକିଛି ହରେଇ ଭାରତ ପାକିସ୍ତାନ ପ୍ରତି ଯେଭଳି ଧୈର୍ଯ୍ୟପୂର୍ବକ ବ୍ୟବହାରର ପରିଚୟ ପ୍ରଦାନ କରିଚାଲିଛି, ତାହାହିଁ ଶାଶ୍ୱତ ମୂଲ୍ୟ ଅଟେ-ଯାହାକୁ ଦିନେନା ଦିନେ ବିଶ୍ୱବାସୀ ନିଶ୍ଚୟ ଗୁରୁତ୍ୱ ଦେବେ। ବାସ୍ତବତା ଦେଖାଗଲେ, ପାକିସ୍ତାନରେ ଯାହାସବୁ ଚାଲିଛି, ସେଠାକାର ଗଣତନ୍ତ୍ରକୁ ନେଇ ବିଶ୍ୱବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଭାରତୀୟ ଗଣତନ୍ତ୍ରକୁ ମଧ୍ୟ ଏବେ କଠୋର ସତ୍ୟର ସପକ୍ଷବାଦୀ ହେବାକୁ ପଡିବ। ନଚେତ୍ ଜନମତ ଓ ଜନସ୍ୱାର୍ଥ ସହ ଖେଳୁଥିବା ଭ୍ରଷ୍ଟ ରାଜନୀତିଜ୍ଞ ମାନଙ୍କୁ ବେଶି ସମୟ ପର୍ଯ୍ୟନ୍ତ କ୍ଷମା କରାଯାଇ ପାରିବ ନହିଁ। ଦେଶର ସୀମାନ୍ତ ଅଂଚଳରେ ଯେଭଳି ଅବସ୍ଥା ସୃଷ୍ଟି ହେଉଛି ଓ ଦେଶ ଭିତରେ ନକ୍ସଲ୍ ଉତ୍ପାତ ଯେଭଳି ପ୍ରକାଣ୍ଡ କାୟା ବିସ୍ତାର କରି ଚାଲିଛି, ଗଣତନ୍ତ୍ରର ପୁନଃ ମୂଲ୍ୟାଙ୍କନର ଅନିବାର୍ଯ୍ୟ ଆବଶ୍ୟକତା ଅନୁଭବ ହେଉଛି। ଦୁର୍ନୀତି, ଭ୍ରଷ୍ଟାଚାର, ବେଆଇନ କାର୍ଯ୍ୟ, ଶୋଷଣ ଆଦି ବିରୋଧରେ ଦେଶରେ ଆଜି ଯେଭଳି ଜନ ବିରୋଧର ସ୍ୱର ଶୁଭୁଛି, ତାହାକୁ ଭାରତୀୟ ଜନ ଆନ୍ଦୋଳନର ସୂର୍ଯ୍ୟୋଦୟ କୁହା ଯାଇପାରେ। ଧୀରେ ଧୀରେ ଦେଶର ଭ୍ରଷ୍ଟନେତା ମାନେ ଲୋକଲୋଚନକୁ ଆସିବା ନିଶ୍ଚିତ ମନେ ହେଉଛି। ତଥାପି ସରକାରଙ୍କୁ କୌଣସି ପ୍ରକାର ଦେଶର ପବିତ୍ର ସମ୍ବିଧାନ ଓ ଗଣତନ୍ତ୍ରର ଗୌରବ ଅକ୍ଷୁର୍ଣ୍ଣ ରଖିବାକୁ ହେବ ।

# ପ୍ରକୃତ ବନ୍ଧୁ

ମନୋଜ କୁମାର ସାହୁ

କାହ୍ନୁ ଓ ଆକାଶ ଗାଁ କଲେଜରେ ପଢୁଥାନ୍ତି । ଅଧିକାଂଶ ସମୟରେ ସାଙ୍ଗ ହୋଇ ବୁଲିବା, ବସିବା ଓ ବଜାର ହାଟକୁ ଯିବା ସେମାନଙ୍କର ନିତିଦିନିଆ କଥା । ଥରେ ରାତିରେ ସେମାନେ ଯାତ୍ରା ଦେଖି ଘରକୁ ଫେରୁଥାନ୍ତି । ସେହି ସମୟରେ କିଛି ଲୋକ ପାଟି କରି ମାଡି ଆସୁଥିବାର ଦେଖି, ଆକାଶ କହିଲା ସେ ଲୋକ ଗୁଡା ବୋଧେ ଗୁଣ୍ଡା ଶ୍ରେଣୀର ? ଆମର କିଛି କ୍ଷତି କରିପାରନ୍ତି । କାହ୍ନୁ କହିଲା ଏବେ ଆମେ କ'ଣ କରିବା? ମୋତେ କିଛି ବୁଦ୍ଧି ଦିଶୁନି । ଆକାଶ କହିଲା ବିପଦ ସମୟରେ ନିଜେ ନିଜକୁ କେମିତି ବଞ୍ଚାଇବି ସେ କଥା ଭାବୁଛି, ନିଜେ ବଞ୍ଚିଲେ ବାପାର ନାଆ, ଏତିକି କହି ଆକାଶ ଦୌଡିବାକୁ ଲାଗିଲା । କାହ୍ନୁ କିଛି ଉପାୟ ନପାଇ ଆକାଶ ପଛରେ ଧାଇଁଲା, ସେମାନଙ୍କ ପଛରେ ସେ ଲୋକମାନେ ଦୌଡୁ ଥାଆନ୍ତି । କିଛିବାଟ ଗଲା ପରେ କାହ୍ନୁ ଦେଖିଲା ଆକାଶ ଆଉ ଦେଖା ଯାଉନି । ଆକାଶ କେଉଁ ଆଡେ ଏତେ ଶୀଘ୍ର ଦୌଡ଼ି ପଳେଇଲା କାହ୍ନୁ ଜାଣିପାରିଲା ନାହିଁ । ନିକଟରେ ଥିବା ଏକ ପୋଖରୀ ହୁଡାରେ କାହ୍ନୁ ଶୋଇଗଲା । କିଛି ସମୟ ପରେ କାହ୍ନୁ ଦେଖିଲା ଲୋକମାନେ ଆଉ ନାହାନ୍ତି ତା'ପରେ ସେ ଘରକୁ ଫେରିଲା । ତା'ପର ଦିନ ଆକାଶ କାହ୍ନୁକୁ ପଚାରିଲା, କାଲି ରାତିରେ ସେ ଗୁଣ୍ଡାମାନେ ତୋର କିଛି ଅସୁବିଧା କଲେ କି ? କାହ୍ନୁ କହିଲା ସେମାନେ ଗୁଣ୍ଡା ନଥିଲେ ବରଂ ଭଦ୍ର ଲୋକ ଗୁଡା । ଆକାଶ କହିଲା ସେମାନେ ଭଦ୍ର ଲୋକ ବୋଲି ତୁ କେମିତି ଜାଣିଲୁ ? କାହ୍ନୁ କହିଲା ସେମାନେ ମୋର ଦେଖା ହେଲେ, ମୋ ସହିତ କଥା ହେଲେ । ଆକାଶ କହିଲା ସେମାନେ ତୋ' ସହିତ କେଉଁ ବିଷୟରେ କଥା ହେଲେ ? କାହ୍ନୁ କହିଲା ସେମାନେ ମୋତେ କହିଲେ ଦୁନିଆରେ ବହୁତ ବନ୍ଧୁ ମିଳିବେ କିନ୍ତୁ ପ୍ରକୃତ ବନ୍ଧୁ କେବେ ବିପଦ ସମୟରେ ଦୁରେଇ ଯାଆନ୍ତି ନାହିଁ, ଦୁଃଖ ସମୟରେ ସାଥିରେ ଥାଆନ୍ତି । ପ୍ରକୃତ ବନ୍ଧୁ ସର୍ବଦା ତୁମର ସଫଳତା ପାଇଁ ଚେଷ୍ଟା କରିବେ ଏବଂ ସେ ଜାଣିଥାନ୍ତି କେଉଁ ପରିସ୍ଥିତିରେ କିପରି ବ୍ୟବହାର କରିବାକୁ ହୁଏ । କୌଣସି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଥାଇ ଯଦି ବନ୍ଧୁତା ଆରମ୍ଭ ହୋଇଥାଏ ତେବେ ତାହା ବେଶୀ ଦିନଯାଏ ତିଷ୍ଠି ରହିପାରେନା । ସୋସିଆଲ ମେଡିଆ ମାଧ୍ୟମରେ ହଜାର ହଜାର ବନ୍ଧୁ ମିଳନ୍ତି କିନ୍ତୁ ଦେଖା ହୋଇଗଲେ କେହି କାହାକୁ ଚିହ୍ନି ପାରନ୍ତି ନାହିଁ । ସୋସିଆଲ ମେଡିଆରେ ଏମିତି ବି ବନ୍ଧୁ ଅଛନ୍ତି, ଜଣେ ଅନ୍ୟ ଜଣକୁ ମନ୍ଦ ଉଦ୍ଦେଶ୍ୟ ରଖି ଅସୁବିଧାରେ ପକାଇଥାନ୍ତି । ଜୀବନରେ ଜଣେ ଭଲ ବନ୍ଧୁ ମିଳିଗଲେ ଜୀବନ ଧନ୍ୟ ହୋଇଯାଏ କିନ୍ତୁ ଜଣେ ଖରାପ ବନ୍ଧୁ ବିପଦକୁ ଠେଲି ଦେଇଥାଏ । ପ୍ରକୃତ ବନ୍ଧୁ ହେଉଛି ଭିନ୍ନ ଏକ ସମ୍ପର୍କ । ସେ ସମ୍ପର୍କରେ ବୟସ, ପଦବୀ, ଧନ, ଜାତି, ଧର୍ମ ଓ ବର୍ଣ୍ଣରେ କଟକଣା ନଥାଏ, ଯାହାକି ପ୍ରେମ ଓ ବିଶ୍ୱାସର ଏକ ଉତ୍ତମ ବୁଝାମଣା । ଜୀବନରେ ବନ୍ଧୁ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ପୁରାଣ ବର୍ଣ୍ଣିତ ଶ୍ରୀକୃଷ୍ଣ-ସୁଦାମା, କୃଷ୍ଣ-ଅର୍ଜୁନ, ଦ୍ରୌପଦୀ-କୃଷ୍ଣ ଓ କର୍ଣ୍ଣ-ଦୁର୍ଯ୍ୟୋଧନଙ୍କ ବନ୍ଧୁତା ବିଷୟରେ ପଢିଲେ ପ୍ରେରଣା ମିଳିଥାଏ ।

# ମହିଳା କ୍ରିକେଟରଙ୍କ ଐତିହାସିକ ବିଜୟ

କାଳି ଦାସ

ଶରୀରକୁ ସୁସ୍ଥ ରଖିବା ପାଇଁ ଖେଳ, କୁଦ, ଦଉଡ ଧାପଡ ଏବଂ ବ୍ୟାୟାମ ର ବହୁତ ଆବଶ୍ୟକତା ରହିଛି। କୁହା ଯାଏ 'ଇ healthy mind lives in a healthy body" । ପ୍ରତ୍ୟେକ ଖେଳ ରେ କିଛି ନା କିଛି ମହତ୍ୱ ରହିଛି । ଭାରତ ର ଜାତୀୟ ଖେଳ ହେଲା ହକି କିନ୍ତୁ ଭାରତ ର କ୍ରିକେଟ ଖେଳାଳି ମାନେ ଭଲ କ୍ରିକେଟ ଖେଳି ଭାରତ ପାଇଁ ଅନେକ ଥର ସୁନାମ ଆଣିଛନ୍ତି। କ୍ରିକେଟ ହେଲା ଇଂଲାଣ୍ଡର ଜାତୀୟ ଖେଳ। ଭାରତରେ ଯେଉଁ ସମୟରେ ଇଂରାଜୀମାନେ ଶାସନ କରୁଥିଲେ ସେହି ସମୟରେ ରାଜା ମହାରାଜାମାନେ ଏହି ଖେଳକୁ ଖେଳୁଥିଲେ। କ୍ରିକେଟ ଏକ ସମ୍ମାନର ଖେଳ ବୋଲି ଗ୍ରହଣ କରାଯାଇଥିଲା। ବିଭିନ୍ନ ସମୟରେ ସମ୍ଭ୍ରାନ୍ତ ପରିବାରର ଲୋକମାନେ ବେଟ ଏବଂ ବଲ ଧରି କ୍ରିକେଟ ଖେଳ ଖେଳିବା ଦେଖିବାକୁ ମିଳିଥିଲା। ଯଦିଓ ଇଂଲଣ୍ଡର ଜାତୀୟ ଖେଳ କ୍ରିକେଟ କିନ୍ତୁ ବିଗତ କେତେ ବର୍ଷ ଧରି ଇଂଲଣ୍ଡର କ୍ରିକେଟ ଖେଳରେ ନୈରାଶ୍ୟ ଜନକ ପଦର୍ଶନ ଦେଖିବାକୁ ମିଳିଥିଲା କିନ୍ତୁ ଏବେ କିଛି ବର୍ଷ ହେବ ଇଂଲଣ୍ଡ ଟିମର କ୍ରିକେଟ ଖେଳରେ ବେଶ ଭଲ ପଦର୍ଶନ ଦେଖିବାକୁ ମିଳିଛି। ଇଂଲଣ୍ଡ କ୍ରିକେଟ ଟିମ ପ୍ରଥମ ଥର ପାଇଁ ୨୦୧୯ ୫୦ -୫୦ ଓ୍ୱାର୍ଲ୍ଡ କପ ଜିତିଥିଲା ଏବଂ ୨୦୨୨ ରେ ଟି ୨୦ ଓ୍ୱାର୍ଲ୍ଡ କପ ରେ ମଧ୍ୟ ବିଜୟ ହାସଲ କରିଥିଲା।

ଭାରତର ଜାତୀୟ କ୍ରିକେଟ ଟିମ ୩ ଥର ବିଶ୍ୱ କପ କ୍ରିକେଟରେ ବିଜୟ ପ୍ରାପ୍ତ କରିଛି। ଭାରତର କ୍ରିକେଟ ଟିମ ପ୍ରଥମ ଥର ୧୯୮୩ ରେ କପିଲ ଦେବଙ୍କ ଅଧିନାୟକତ୍ୱ ରେ ୫୦-୫୦ କ୍ରିକେଟ ବିଶ୍ୱ କପ ରେ ବିଜୟ ପ୍ରାପ୍ତ କରିଥିଲା। ଏହା ସମସ୍ତ ଭାରତୀୟଙ୍କ ପାଇଁ ଏକ ଉତ୍ସବମୟ ପରିବେଶ ହୋଇଥିଲା। ଭାରତୀୟ ମାନେ ବିଶ୍ୱ କ୍ରିକେଟରେ ଯେମିତି ନିଜ ଛାପ ଛାଡିଦେଲେ। ଅନେକଙ୍କ ପାଇଁ ଏହା ଏକ ପ୍ରେରଣା ହୋଇଥିଲା। ଏହା ପରେ ଭାରତ ରତ୍ନରେ ବିଭୂଷିତ ସଚିନ ତେନ୍ଦୁଲକର ଟେନିସ ଖେଳ ଛାଡି କ୍ରିକେଟକୁ ଅପଣାଇଥିଲେ। ତା ପରବର୍ତ୍ତୀ ଟିମ ଇଣ୍ଡିଆ ର ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ସମୟରେ ଟି୨୦ ବିଶ୍ୱକପ ଏବଂ ୨୦୧୧ ୫୦ -୫୦ ବିଶ୍ୱ କପରେ ଭାରତ ବିଜୟ ପ୍ରାପ୍ତ କରିଥିଲା। ଟିମ ଇଣ୍ଡିଆ କ୍ରିକେଟ ଟିମର ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ କ୍ରିକେଟ ଖେଳ ବହୁ ପ୍ରଶଂସିତ ହୋଇଛି । ବିଭିର୍ନ୍ନ ସମୟରେ ଧୋନୀ କ୍ରିକେଟ ଖେଳରେ ବେଶ ଭଲ ପଦର୍ଶନ କରିଛନ୍ତି । ଅନେକ ଥର ଭାରତ ନିଶ୍ଚୟ ହାରିଯିବାର ପରିସ୍ଥିତିରୁ ଧୋନୀ ନିଜର ଉର୍ଣ୍ଣତ ଖେଳ ଖେଳି ଭାରତକୁ ବିଜୟ ଦେଇପାରିଛନ୍ତି । ଭାରତର ଦର୍ଶକଙ୍କ ମୁହଁରେ ଖୁସି ଏବଂ ଆନନ୍ଦ ଦେଇଛନ୍ତି ।

ଅଣ୍ଡର ୧୯ ମହିଳା ବିଶ୍ୱକପ ୨୦୨୩, ଭାରତୀୟ ମହିଳା କ୍ରିକେଟ ଟିମ ବିଜୟ ଲାଭ କରିଛି। ଏହି ବିଜୟ ମହିଳା କ୍ରିକେଟ ପାଇଁ ନୂଆ ଇତିହାସ ସୃଷ୍ଟି କରିଛି। ଭାରତୀୟ ମହିଳା କ୍ରିକେଟ ଟିମ ଫାଇନାଲ ମ୍ୟାଚ ଅପରାଜିତ ଇଂଲେଣ୍ଡ କ୍ରିକେଟ ଟିମ ସହିତ ଖେଳି ଥିଲା ଏବଂ ଇଂଲଣ୍ଡ କୁ ପରାଜିତ କରି ବିଶ୍ୱକପ ହାସଲ କରିଥିଲା। ଭାରତ ପାଇଁ ଏହି ବିଜୟ କୌଣସି ଗୌରବ ଠାରୁ କମ ନୁହେଁ।

ଭାରତୀୟ ମହିଳା କ୍ରିକେଟ ଟିମ କୁ 'ମେନ ଇନ୍ ବ୍ଲୁ' ବା ଟିମ ଇଣ୍ଡିଆ କୁହାଯାଏ। ଭାରତୀୟ ମହିଳା କ୍ରିକେଟ ଟିମ ପ୍ରଥମ ଥର ଆନ୍ତର୍ଜାତୀୟ ସ୍ତରରେ ୧୯୭୬ରେ ଭାଗ ନେଲା ଏବଂ ପ୍ରଥମ ଥର ଟେଷ୍ଟ କ୍ରିକେଟରେ ଓ୍ୱେଷ୍ଟଇଣ୍ଡିସ କୁ ହରାଇ ନିଜ ଅସ୍ତିତ୍ୱ ପ୍ରତିଷ୍ଠା କରିଥିଲା। ଏହି ଖେଳ ରେ ଭାରତୀୟ ମହିଳା କ୍ରିକେଟ ଟିମ ର ଅଧିନାଇକା ବା କ୍ୟାପଟେନ ଥିଲେ ସାନ୍ତାରଙ୍ଗାସ୍ୱାମୀ ଏବଂ ତାଙ୍କର ର କେପଟେନସିପରେ ଭାରତ ପ୍ରଥମ ଥର ଟେଷ୍ଟ କ୍ରିକେଟ ଖେଳ ରେ ବିଜଯ ପ୍ରାପ୍ତ କରିଥିଲା। ଅନେକ ଥର ଭାରତୀୟ ମହିଳା କ୍ରିକେଟ ଟିମ ସେମି ଫାଇନେଲ ପହଞ୍ଚିଥିଲେ ଏବଂ ଥରେ ଫାଇନେଲ ରେ ପ୍ରବେଶ କରିଥିଲେ। ଭାରତୀୟ ମହିଳା ଟିମ ଅଣ୍ଡର ୧୯ ବିଶ୍ୱ କପ ର ପ୍ରଥମ ମ୍ୟାଚ ଦକ୍ଷିଣ ଆଫ୍ରିକା ସହିତ ହୋଇଥିଲା। ଦକ୍ଷିଣ ଆଫ୍ରିକା ଟସ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭର ରେ ପାଞ୍ଚ ୱିକେଟ ହରାଇ ୧୬୬ /୫ ରନ କରଥିଲା। ଦକ୍ଷିଣ ଆଫ୍ରିକାର ଟିମର ସ୍କୋର ପିଛା କରି ଭାରତ ୧୬.୩ ଓଭର ରେ ୩ ୱିକେଟ ହରାଇ ନିଜର ପ୍ରଥମ ବିଜୟ ହାସଲ କରିଥିଲା। ଭାରତୀୟ ମହିଳା ଟିମ ର ଶ୍ୱେତା ଶେରାୱାତ ୯୨ ରନ କରି ଅପରାଜିତ ରହିଥିଲେ ଏବଂ ସେଫାଳି ବର୍ମା ୧୬ ଟି ବଲରେ ୪୫ ରନ କରିପାରିଥିଲେ। ସିଏ ମିଆନି ସ୍ମିତଙ୍କ ବୋଲିଂ ରେ ଆଉଟ ହୋଇଥିଲେ, ଗୋଙ୍ଗାଡି ତ୍ରିଶା ୧୧ ବଲରେ ୧୫ ରନ କରିଥିଲେ। ସିଏ ସେଶନିଏ ନାଇଡୁଙ୍କ ବଲ ରେ ଆଉଟ ହୋଇଥିଲେ ସୋମୟା ତିୱାରି ୧୪ ବଲ ରେ ୧୦ ରନ କରି ମେଡିସୋନ ଲେଣ୍ଡମେନଙ୍କ ବଲରେ ଆଉଟ ହୋଇଥିଲେ, ସୋନିଆ ମେନଧୀୟା ୧ବଲ ଖେଳି ୧ରନ ର ଅପରାଜିତ ପାରି ଖେଳି ଥିଲେ । ଭାରତ ର ମହିଳା କ୍ରିକେଟ ଟିମ ବିଶ୍ୱ କପରେ ବିଜୟ ପ୍ରାପ୍ତ କରିବା ପାଇଁ ୬ ଟି ମ୍ୟାଚ ଖେଳିଥିଲା ଏବଂ ସପ୍ତମ ମ୍ୟାଚ ଥିଲା ଫାଇନାଲ କ୍ରିକେଟ ମ୍ୟାଚ ଯାହା କୁ ଜିତି ଭାରତୀୟ ମହିଳା ଟିମ ହିତିହାସ ରଚିଲା। ଟି ୨୦ ଅଣ୍ଡର ୧୯ ବିଶ୍ୱ କପର ଫାଇନାଲ ମ୍ୟାଚରେ ଭାରତୀୟ ମହିଳା କ୍ରିକେଟ ଟିମ ଟସ ଜିତି ପ୍ରଥମେ ଫିଲଡିଙ୍ଗ କରିବାପାଇଁ ଘୋଷଣା କଲା। ଇଂଲଣ୍ଡର ଅଣ୍ଡର ୧୯ ମହିଳା କ୍ରିକେଟ ଟିମ ୧୭.୧ ଅଭରରେ ୬୮ ରନ ରେ ସମସ୍ତ ୱିକେଟ ହରାଇ ଥିଲା। ଇଂଲଣ୍ଡର ସ୍କୋରକୁ ପିଛା କରି ଭାରତୀୟ ମହିଳା ଟିମ ମାତ୍ର ୧୪ ଓଭର ରେ ତିନୋଟି ୱିକେଟ ହରାଇ ୬୯ ରନ କରି ବଡ ବିଜୟ ହାସଲ କରିଥିଲା। ଏହି ବଡ ବିଜୟ ପାଇଁ ବିସିସିଆଇ ଭାରତୀୟ ମହିଳା ଟିମକୁ ଅଭିନନ୍ଦନ ଜଣାଇଛି ଏବଂ ପାଞ୍ଚ କୋଟି ଟଙ୍କା ଦେବା ପାଇଁ ଘୋଷଣା ମଧ୍ୟ କରିଛି ।

ଅଳ୍ପ ଦିନ ତଳେ କୁସ୍ତି କରୁଥିବା ମହିଳା ଖେଳାଳିଙ୍କ ଯୌନ ଶୋଷଣ ମାମଲା ସମଗ୍ର ଦେଶକୁ ଲଜ୍ଜିତ କରାଇଛି। ଦେଶ ପାଇଁ ଗୌରବ ଆଣୁଥିବା ଖେଳାଳିଙ୍କୁ ଯଦି ଆମେ ନିରାପତ୍ତା ଦେଇପାରୁନାହୁ ତାହେଲେ ତା'ଠୁ ବଡ ଦୁର୍ଭାଗ୍ୟର ବିଷୟ ଆଉ କିଛି ନାହି। ସାଧାରଣ ସ୍ଥାନ ରେ ମହିଳାଙ୍କର କେତେ ଶୋଷଣ ହେଉଥିବ ତାହା ବିଚାର ଯୋଗ୍ୟ। ଯେଉଁ ଦେଶ ରେ ମହିଳାମାନେ ନିରାପଦ ନୁହନ୍ତି ସେହି ଦେଶ ଆଗକୁ କେମିତି ବଢିବ?

# ବାସ୍ତୁଶାସ୍ତ୍ରରେ ପିରାମିଡ୍‌ର ଚମତ୍କାରିତା



ବାସ୍ତୁ ଶାସ୍ତ୍ରରେ ପିରାମିଡ୍‌ର ଚମତ୍କାର ଶକ୍ତି ବିଷୟରେ କୁହାଯାଇଛି। ଏହାର ଲାଭ ଉଠାଇବା ପାଇଁ ଘରର ମଧ୍ୟ ଭାଗ ଅର୍ଥାତ୍ ଲିଭିଙ୍ଗ୍ ରୁମର ଛାତକୁ ପିରାମିଡ୍ ଆକାରରେ ତିଆରି କରନ୍ତୁ। ପିରାମିଡର ଛାତ ତଳେ ବସିବା ଦ୍ୱାରା ସ୍ମୃତି ଶକ୍ତି ବୃଦ୍ଧି ପାଇଥାଏ। ଏହା ବ୍ୟତୀତ ଅନିଦ୍ରା, ମୁଣ୍ଡବିନ୍ଧା, ପିଠି ଯନ୍ତ୍ରଣାରୁ ମଧ୍ୟ ଆରାମ ମିଳିଥାଏ। ଯଦି ଆପଣ ଘରର ଅନ୍ୟ କୌଣସି ଅଂଶରେ ପିରାମିଡ୍ ନିର୍ମାଣ କରିବାକୁ ଚାହାଁନ୍ତି, ତେବେ ଏହାର ଗୋଟିଏ ତ୍ରିଭୁଜ ଉତ୍ତର ଦିଗକୁ ରଖନ୍ତୁ। ଏହା ବ୍ୟତୀତ, ଯଦି ଆପଣଙ୍କ ଘରର କୌଣସି କୋଠରୀ କିମ୍ବା ଅନ୍ୟ ସ୍ଥାନର ଐଶାନ୍ୟ କୋଣ ଉଚ୍ଚ ଏବଂ ନୈରୁତ୍ୟ କୋଣ ନିଚ, ତେବେ ଦକ୍ଷିଣ-ପୂର୍ବର ଛାତ ଉପରେ ପିରାମିଡ୍ ନିର୍ମାଣ କରି ଆପଣ ନୈରୁତ୍ୟ କୋମକୁ, ଐଶାନ୍ୟ କୋଣଠାରୁ ଉଚ୍ଚ କରିପାରିବେ। ଯଦି ଆପଣଙ୍କ ଘରର ଭୂଖଣ୍ଡର ପାର୍ଶ୍ୱଗୁଡିକ ମୁଖ୍ୟ ଦିଗ ସହିତ ସମାନ୍ତରାଳ ନୁହେଁ, ତେବେ ଏହିପରି ଭୂଖଣ୍ଡକୁ ଦିକ୍‌ଦୋଷ ଭୂଖଣ୍ଡ କୁହାଯାଏ। ଯଦି ଆପଣଙ୍କ ଭୂଖଣ୍ଡରେ ଦିକ୍‌ଦୋଷ ବ୍ୟତୀତ ଅନ୍ୟ କୌଣସି ଆକାର ସମ୍ବନ୍ଧୀୟ ଦୋଷ ରହିଥାଏ, ତେବେ ଏହି ଭୁଖଣ୍ଡ ମଧ୍ୟରେ ୯, ୩୬, ୫୪ କିମ୍ବା ୮୧ ପିରାମିଡକୁ ପୋତି ଦିଅନ୍ତୁ। ଏହା କରିବା ଦ୍ୱାରା ଆପଣ ଏହି ଦୋଷରୁ ମୁକ୍ତି ପାଇପାରିବେ। ଏହା ବ୍ୟତୀତ, ଯଦି ଭିଥୀ ଶୋଲ୍ ଦୋଷ ଥାଏ, ତେବେ ଭୂଖଣ୍ଡର ସେହି ଦିଗରେ ୯ ଟି ପିରାମିଡ୍ ରଖନ୍ତୁ ।

# ରକେଟ୍ ଉପରେ ମସ୍କଙ୍କ ୩୦ ଫୁଟିଆ ଛେଳି ମୂର୍ତ୍ତି

ଟ୍ୱିଟର୍ ଅଧିଗ୍ରହଣ କରିବା ପରଠୁ ଖବରର ଶିରୋନାମା ପାଲଟିଛନ୍ତି ଅରବପତି ଉଦ୍ୟୋଗୀ ଏଲନ୍ ମସ୍କ। ଏହି କ୍ରମରେ ତାଙ୍କର ଜଣେ ଫ୍ୟାନ୍ ୩୦ ଫୁଟ ଲମ୍ବା ସ୍ମାରକୀ ନିର୍ମାଣ କରିଛନ୍ତି। ଏହି କଳାକୃତିରେ ଛେଳି ଶରୀରରେ ଏଲନ୍ ମସ୍କଙ୍କ ମୁହଁ ନିର୍ମାଣ କରାଯାଇଛି। ମୂର୍ତ୍ତିଟିକୁ ଏକ ରକେଟ୍ ଉପରେ ରଖାଯାଇଛି। ଟ୍ୱିଟର୍ ୟୁଜର୍ ଜ୍ୟାକ୍ ଜୁଚେଲି ଏହି କଳାକୃତିର ଏକ ଫଟୋ ଶେୟାର କରି ଉଲ୍ଲେଖ କରିଛନ୍ତି 'ଛେଳି ଶରୀରଯୁକ୍ତ ଏଲନ୍ ମସ୍କଙ୍କର ବିଶାଳ ମୂର୍ତ୍ତିକୁ ଆପଣ ଦେଖିଛନ୍ତି, ଯିଏକି ରକେଟ୍ ଚଳାଉଛନ୍ତି ଏହାକୁ ଏଲନ୍ ଗୋଟ୍ (ଗ୍ରେଟେଷ୍ଟ୍ ଅଫ୍ ଅଲ୍ ଟାଇମ୍) କୁହାଯାଏ। ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ଅନୁସାରେ, ଏହି ମୂର୍ତ୍ତିର ମୂଲ୍ୟ ୬ ଲକ୍ଷ ଡଲାର ଅର୍ଥାତ୍ ହାରାହାରି ୪.୮ କୋଟି ଟଙ୍କା। ମୂର୍ତ୍ତିର ଉଚ୍ଚତା ୫ ଫୁଟ ୯ ଇଞ୍ଚ। କାନାଡାର ସ୍ଥପତି କେଭିନ୍ ଓ ମିଶେଲ ଷ୍ଟୋନ୍ ଏହାକୁ ନିର୍ମାଣ କରିଛନ୍ତି। ମୂର୍ତ୍ତିର ମୁଣ୍ଡ ଆଲୁମିନିୟମ୍‌ରେ ନିର୍ମିତ ହୋଇଛି। ମସ୍କଙ୍କର ଏହି ମୂର୍ତ୍ତି ନିର୍ମାଣର ବିଚାର କ୍ରିପ୍ଟୋକରେନ୍ସି କମ୍ପାନି ଏଲନ୍ ଗୋଟ୍ ଟୋକନ୍। ଚଳିତ ମାସ ଶେଷବେଳକୁ ଟେକ୍ସାସ୍ ଅଷ୍ଟିନ୍ ସ୍ଥିତ ଟେକ୍ସାନ୍ ଟେସ୍ଲାରେ ମୂର୍ତ୍ତିଟିକୁ ମସ୍କଙ୍କୁ ଉପହାର ଦେବାକୁ କମ୍ପାନି ଚାହୁଁଛି। କ୍ରିପ୍ଟୋକରେନ୍ସି କମ୍ପାନି ମସ୍କଙ୍କୁ ଗ୍ରେଟେଷ୍ଟ ଅଫ୍ ଅଲ୍ ଟାଇମ୍ ବା 'ସର୍ବକାଳୀନ ମହାନ' ବ୍ୟକ୍ତି ଭାବେ ସମ୍ବୋଧନ କରି କହିଛି, ଦୀର୍ଘ ୧ ବର୍ଷ ଧରି ଏହି ସ୍ମାରକୀ ନିର୍ମାଣ କରିବା ପରେ ଏହାକୁ ଏଲନ୍‌ଙ୍କୁ ଦେବାର ସମୟ ଆସିଛି। ଆମେ ତାଙ୍କୁ ଭେଟି ଏହାକୁ ଦେବାକୁ ଚାହୁଁଛୁ ।



# ୫୦ ଡିଗ୍ରୀ ତାପମାତ୍ରାରେ ଚାଲୁଛି ସ୍କୁଲ, କିନ୍ତୁ ଖୁବ୍ ଥଣ୍ଡା





ରାଜସ୍ଥାନର ଥର୍ ମରୁଭୂମି, ଯେଉଁଠାରେ ଦିନର ତାପମାତ୍ରା ପ୍ରାୟ ୫୦ ଡିଗ୍ରୀ ସେଲସିୟସ୍ ହୋଇଥାଏ। ଏଠାରେ ଗରମ ପବନ ସାଙ୍ଗକୁ ତତଲା ବାଲି ଉଡ଼ିଥାଏ। ସାଧାରଣ ମଣିଷ ବଞ୍ଚିବା କଷ୍ଟକର ହେବ। ହେଲେ ଆପଣ ଭାବି ପାରିବେ ଏପରି ପରିବେଶରେ ପିଲାଙ୍କ ସ୍କୁଲ ହୋଇପାରିବ? ଦୂର ଦୂର ଯାଏ ବାଲି ହିଁ ବାଲି। ଆଉ ଭୟଙ୍କର ଗରମ ଅନୁଭୂତ ହେଉଥିଲେ ମଧ ଏଠାରେ ପିଲାମାନେ ହସ ଖେଳରେ ସ୍କୁଲରେ ପାଠ ପଢୁଛନ୍ତି। ଥର ରେଗିସ୍ତାନ ମଧ୍ୟରେ ଥିବା ଥର ମରୁଭୂମିରେ, ସୁନ୍ଦର ଏବଂ ଚିତ୍ତାକର୍ଷକ ଦୃଶ୍ୟର ଏହି ଚମତ୍କାର ସ୍ଥାପତ୍ୟ ବାଲିରେ ନିର୍ମିତ ହୋଇଛି। ଏହି ଅଣ୍ଡା ଆକୃତିର କୋଠା ଘରକୁ ଦେଖିଲେ ଲାଗୁଛି ଯେପରି ଏହି ସଂରଚନା ମଧ୍ୟ ପ୍ରାକୃତିକ ମରୁଭୂମିର ଏକ ଅଂଶ। ଏହା ହେଉଛି ରାଜକୁମାରୀ ରତ୍ନାବତୀ ବାଳିକା ବିଦ୍ୟାଳୟ। ଏହାକୁ ଡିଜାଇନ କରିଥିଲେ ନ୍ୟୁୟର୍କର ଡାଏନା କେଲୋଗ୍। ରାଜସ୍ଥାନର ମହିଳା ସାକ୍ଷରତା ହାର ବଢ଼ାଇବା ସହ ସ୍ୱାବଲମ୍ବୀ କରାଇବା ପାଇଁ ଏହି ବାଳିକା ବିଦ୍ୟାଳୟ ନିର୍ମାଣ ହୋଇଥିଲା। ରାଜକୁମାରୀ ରତ୍ନାବତୀ ବାଳିକା ବିଦ୍ୟାଳୟକୁ ଆମେରିକା ମାଇକଲ୍ ଡ୍ୟୁବର ଏନିଜିଓ (ସିଆଇଆଇଟିଏ) ନିର୍ମାଣ କରିଛି। 'ଜ୍ଞାନ କେନ୍ଦ୍ର' ଭାବେ ପରିଚିତ ଏହି ବିଦ୍ୟାଳୟରେ ଆର୍ଥିକ ଅନଗ୍ରସର ବାଳିକାମାନେ ପାଠ ପଢୁଛନ୍ତି। ଏହି ସ୍କୁଲରେ ଦଶମ ଶ୍ରେଣୀ ଯାଏ କକ୍ଷ ରହିଛି। ବର୍ତ୍ତମାନ ସେଠାରେ ୪୦୦ ଛାତ୍ରୀ ପାଠ ପଢୁଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ସ୍କୁଲରେ କୌଣସ ଏୟାର କଣ୍ଡିସନ ନଥିଲେ ମଧ ଏଠାରେ ପ୍ରଚଣ୍ଡ ଗରମ ଭିତରେ ଥଣ୍ଡା ଲାଗିଥାଏ। ଏହା ସୁନ୍ଦର ଲାଟାଇସ୍ କାନ୍ଥ ଏବଂ ଭେଣ୍ଟିଲେଟେଡ୍ ଛାତ ସହିତ ସୌର ସ୍ଥାପନାର ଚମତ୍କାର ସ୍ଥାପତ୍ୟର ଏକ ଉଦାହରଣ। ଏହି ସ୍କୁଲକୁ ଦେଖିବା ପାଇଁ ଅନେକ ପର୍ଯ୍ୟଟକ ବୁଲିବାକୁ ଆସନ୍ତି।

# ମଣିଷ ଦେହରେ କୃତ୍ରିମ ରକ୍ତ !

ପରୀକ୍ଷାଗାରରେ କୃତ୍ରିମ ଉପାୟରେ ପ୍ରସ୍ତୁତ ରକ୍ତକୁ ବିଶ୍ୱରେ ପ୍ରଥମ ଥର ପାଇଁ ମଣିଷ ଦେହରେ ପ୍ରବେଶ କରାଯାଇଛି। ଏହା ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି। ଏବେ ମାତ୍ର ଦୁଇଜଣ ଲୋକଙ୍କୁ ପରୀକ୍ଷାଗାରରେ ପ୍ରସ୍ତୁତ ଲୋହିତ ରକ୍ତ କଣିକା ଦିଆଯାଇଛି ଏବଂ ସେମାନଙ୍କ ଦେହରେ କୌଣସି ହାନିକାରକ ପ୍ରତିକ୍ରିୟା ଦେଖାଯାଇନାହିଁ। ସେମାନଙ୍କୁ ଦିଆଯାଇଥିବା ରକ୍ତର ପରିମାଣ ଖୁବ୍ କମ୍ (୫ରୁ ୧୦ ମିଲିଲିଟର)। ଏହା ସୁରକ୍ଷିତ ଓ ସଫଳ ବୋଲି ପ୍ରମାଣିତ ହେଲେ ବିରଳ 'ବ୍ଲଡ୍ ଗ୍ରୁପ୍'ଧାରୀ ତଥା ସିକିଲ୍ ସେଲ୍ ଭଳି ରୋଗ ଭୋଗୁଥିବା ରୋଗୀମାନଙ୍କ ଚିକିତ୍ସା ଦିଗରେ ଏହା ବିପ୍ଳବାତ୍ମକ ହେବ ବୋଲି କୁହାଯାଉଛି। ୟୁନାଇଟେଡ୍ କିଙ୍ଗଡମ୍‌ର ଗବେଷକମାନେ ଷ୍ଟେମ୍ ସେଲ୍‌ରୁ ଏହି ଲୋହିତ ରକ୍ତକଣିକାଗୁଡ଼ିକୁ ପରୀକ୍ଷାଗାରରେ ପ୍ରସ୍ତୁତ



କରିଛନ୍ତି। ଷ୍ଟେମ୍ ସେଲ୍‌ରୁ ପ୍ରସ୍ତୁତ କୃତ୍ରିମ ରକ୍ତକଣିକାର ଜୀବନକାଳ ପ୍ରାକୃତିକ ଉପାୟରେ ଶରୀରରେ ପ୍ରସ୍ତୁତ ହୋଇଥିବା ରକ୍ତକଣିକାର ଜୀବନକାଳ ସହିତ ତୁଳନୀୟ ନା ନାହିଁ ତାହା ଏହି ପରୀକ୍ଷଣରୁ ଜଣାପଡ଼ିବ। ତେବେ ପରୀକ୍ଷାଗାରରେ ପ୍ରସ୍ତୁତ ଲୋହିତ ରକ୍ତକଣିକାଗୁଡ଼ିକ ସଂପୂର୍ଣ୍ଣ ନୂଆ ହୋଇଥିବାରୁ ସେଗୁଡ଼ିକ ରକ୍ତଦାନ ପରେ ରୋଗୀ ଦେହରେ ପ୍ରବେଶ କରାଯାଉଥିବା ରକ୍ତକଣିକା ତୁଳନାରେ ଉତ୍ତମ ପ୍ରଦର୍ଶନ କରିବେ ବୋଲି ଗବେଷକମାନେ ଆଶା ରଖିଛନ୍ତି। ଏହି ପରୀକ୍ଷଣରେ ଅନ୍ୟୂନ ୧୦ ଜଣଙ୍କୁ ଚାରିମାସ ବ୍ୟବଧାନରେ ଦୁଇଥର ଅଳ୍ପ ମାତ୍ରାରେ କୃତ୍ରିମ ରକ୍ତ ଦିଆଯିବ। ଏହା ସଫଳ ହେଲା ପରେ ଯାଇ ଚିକିତ୍ସା କ୍ଷେତ୍ରରେ କୃତ୍ରିମ ରକ୍ତ ବ୍ୟବହାରର ଯୁଗ ଆରମ୍ଭ ହେବ।

# ଜିଅନ୍ତା କବର ଦେଇ ଚିକିତ୍ସା



ବିଭିନ୍ନ ରୋଗର ଚିକିତ୍ସା ପାଇଁ ଚେରମୂଳିଠାରୁ ଆରମ୍ଭ କରି ଏଲୋପାଥି, ହୋମିଓପାଥି, ଆକ୍ୟୁପ୍ରେସର, ଆକ୍ୟୁପଙ୍କଚର ଓ ଜଳ ଚିକିତ୍ସା ପରି କେତେ କ'ଣ ଉପାୟ ଆଜିକାଲି ଉପଲବ୍ଧ। ତେବେ ଉତ୍କଣ୍ଠା ବା ବ୍ୟାକୁଳତା ପରି ମାନସିକ ରୋଗର ଉପଶମ ଲାଗି ଏକ ରୁଷୀୟ କମ୍ପାନି ଆଣିଥିବା ଏକ ଭିନ୍ନ ଚିକିତ୍ସା ଚର୍ଚ୍ଚାର ବିଷୟ ହୋଇଛି। ସାଧାରଣତଃ ମନୁଷ୍ୟ ଉତ୍କଣ୍ଠା ବା ଭୟ ଅନୁଭବ କରିବା ଏକ ସ୍ୱାଭାବିକ କଥା। ବେଳେ ବେଳେ କୌଣସି ବ୍ୟକ୍ତି, ପଦାର୍ଥ, ଘଟଣା ବା ସ୍ମୃତି ଆମକୁ ଆତଙ୍କିତ କରି ଦେଇଥାଏ। ଏଭଳି ଅବସ୍ଥାକୁ ସାଧାରଣତଃ ଉତ୍କଣ୍ଠା କବଳିତ ବୋଲି କୁହାଯାଇଥାଏ। ତେବେ ଏଭଳି ଅବଗୁଣକୁ ଦୂର କରିବା ଲାଗି ଏ ଯାବତ୍ କୌଣସି ନିଶ୍ଚିତ ଚିକିତ୍ସା ନାହିଁ। ମାତ୍ର ରୁଷିଆର 'ପ୍ରିକେଟେଡ୍ ଏକାଡେମୀ' ନାମକ ଏକ କମ୍ପାନି ତାହା ଦୂର କରିପାରୁଛି ବୋଲି ଦାବି କରିଛି। ତେବେ ତାହା ଉତ୍କଣ୍ଠାଠାରୁ ଆହୁରି ଭୟାନକ ପ୍ରକ୍ରିୟା। ଏହି ରୋଗରେ ପୀଡ଼ିତ ଥିବା ବ୍ୟକ୍ତିଙ୍କୁ ଘଣ୍ଟାକ ପାଇଁ ଜୀବନ୍ତ ସମାଧିସ୍ଥ ହେବାକୁ ପଡ଼ିଥାଏ। ସଂପୃକ୍ତ ପୀଡ଼ିତଙ୍କୁ ଏକ ସ୍ୱଚ୍ଛ କଫିନ ଭିତରେ ରଖି ଏକ ପତଳା ଆସ୍ତରଣର ମାଟିରେ କବର ଦିଆଯାଇଥାଏ। ଏହାଦ୍ୱାରା ସେ ନିଜର ଭୟ ବା ଆତଙ୍କକୁ ଦୂରେଇ ନିଜର ସ୍ନାୟୁକ୍ରିୟାକୁ ସତେଜ ଓ ସକାରାତ୍ମକ କରିପାରିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ଅବଶ୍ୟ ଏଥିପାଇଁ ଭାରତୀୟ ମୁଦ୍ରାରେ ପ୍ରାୟ ୪୭ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଏଥିରେ ଜଣେ ପୀଡ଼ିତଙ୍କୁ ନିଜର କୃତ୍ରିମ ଶବସତ୍କାର ଉତ୍ସବ ଦେଖିବାକୁ ପଡ଼ିଥାଏ। ତେବେ ବ୍ୟୟବହୁଳ ପ୍ରଥମ ପ୍ରଣାଳୀଟି ନିରାପଦ, ଅଧିକ ଫଳପ୍ରଦ ଓ ନିଶ୍ଚିତ ବୋଲି କମ୍ପାନିର ପ୍ରତିଷ୍ଠାତା ୟାକାତେରିନା ଦାବି କରିଛନ୍ତି। ଜିଅନ୍ତା କବର ନେଉଥିଲେ ମଧ୍ୟ ପୀଡ଼ିତଙ୍କ ଜୀବନ ପ୍ରତି ସାମାନ୍ୟତମ ବିପଦ ନ ପହଞ୍ଚାଇବା ଲାଗି ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନିଆଯାଇଥାଏ ବୋଲି ସେ କହିଛନ୍ତି।

# ମଡେଲ୍‌ଙ୍କୁ ଡେଟ୍ କରୁଛନ୍ତି ଦିଶା

ବର୍ତ୍ତମାନ ବିଟାଉନ୍‌ରେ ଅନେକ ଯୋଡି ପରସ୍ପରକୁ ଡେଟ୍ କରୁଛନ୍ତି। ହେଲେ ସେମାନେ ତାଙ୍କ ସମ୍ପର୍କକୁ ଲୁଚାଇ ରଖୁଛନ୍ତି। ସୋସିଆଲ ମିଡିଆରେ, ସେମାନେ ପରସ୍ପର ସହିତ ଫଟୋ ସେୟାର କରୁଥିବାର ଦେଖିବାକୁ ମିଳନ୍ତି। ଏହା ବ୍ୟତୀତ ସେୟାର ହୋଇଥିବା ପୋଷ୍ଟରେ କମେଣ୍ଟ ଦେଖିବାକୁ ମିଳେ। କିନ୍ତୁ କିଛି ସେଲିବ୍ରିଟି ଅଛନ୍ତି ଏହା କରନ୍ତି ନାହିଁ। ସେମାନେ ଏକାଠି ବୁଲିବା ସହ ଡିନର ଡେଟ୍‌ରେ ମଧ୍ୟ ସ୍ପଷ୍ଟ ହୁଅନ୍ତି ଏବଂ ଗଣମାଧ୍ୟମର ପ୍ରଶ୍ନ ଉପରେ ନୀରବ ରୁହନ୍ତି। ସେମାନଙ୍କ ମଧ୍ୟରେ ଦିଶା ପଟାନି ଏବଂ ଟାଇଗର ଶ୍ରଫ ଅନ୍ୟତମ। କହିବାକୁ ଗଲେ ଦୁହେଁ ଦୀର୍ଘ ସମୟ ଧରି ସମ୍ପର୍କରେ ଥିଲେ। କିନ୍ତୁ ଆନୁଷ୍ଠାନିକ ଭାବରେ ଡେଟିଂକୁ ଗ୍ରହଣ କରିନଥିଲେ। ନିକଟରେ ସେମାନଙ୍କ ବ୍ରେକଅପ୍ ଖବର ଗଣମାଧ୍ୟମରେ ସାମ୍ନାକୁ ଆସିଥିଲା। ଏହା ପରେ, ବର୍ତ୍ତମାନ ଆଲୋଚନା ଏବଂ କଳ୍ପନାଜଳ୍ପନା ଆରମ୍ଭ ହୋଇଛି ଯେ ଦିଶା ପଟାନୀଙ୍କ ଜୀବନରେ ଜଣେ ନୂଆ ପ୍ରେମିକ ଆସିଛନ୍ତି। ଯାହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଦିଶା ତାଙ୍କ ପୁରୁଣା ବନ୍ଧୁ, ମଡେଲ-ଅଭିନେତା ଆଲେକ୍ସଜାଣ୍ଡାର୍ ଆଲେକ୍ସ ଇଲିକିଙ୍କୁ ଡେଟ୍ କରୁଛନ୍ତି। ଦିୱାଲୀରେ, ଯେତେବେଳେ ଆଲେକ୍ସ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଦିଶାଙ୍କ ସହ ଏକ ଫଟୋ ସେୟାର କରିଥିଲେ, ସେତେବେଳେ ଦୁହେଁ ଏକାଠି ଅଛନ୍ତି ବୋଲି ଶୁଣିବାକୁ ମିଳିଥିଲା। ଏତିକି ହିଁ ନୁହେଁ ଆଲେକ୍ସ ଏବଂ ଦିଶା ମଧ୍ୟ ଜିମରେ ଏକାଠି କାମ କରୁଥିବା ସହ ଅନେକ ଥର ଏକାଠି ନଜର ଆସିଛନ୍ତି। ବର୍ତ୍ତମାନ ତାହାକୁ ନେଇ କଳ୍ପନା ଜଳ୍ପନା କରାଯାଉଛି। ଦିଶା ପଟାନିଙ୍କ କହିବାନୁସାରେ, ଅବସର ପାଇଲେ ସେ ଜିମ୍ନାଷ୍ଟରେ ସମୟ ବିତେଇଥାନ୍ତି। ଦିଶା କହନ୍ତି, ଜିମ୍ନାଷ୍ଟ ପାଇଁ ଜଣକୁ ଉଭୟ ନିୟମିତ ଓ ସାହସୀ ହେବାକୁ ପଡ଼ିବ। ସେ ଆଜି ଯେଉଁଠି ପହଞ୍ଚିଛନ୍ତି, ସେଥିପାଇଁ ବେଶ୍ କିଛି ଦିନ ଲାଗିଛି । ପ୍ରତ୍ୟେକ ଦିନ ଅଭ୍ୟାସ ଜାରି ରଖିବା ସହ ବେଳେବେଳେ ଆହତ ହେବାର ସାହସ ଜୁଟାଇ ପାରିଲେ ହିଁ ଏଥିରେ ସଫଳତା ମିଳେ ବୋଲି କହିଛନ୍ତି ଦିଶା। 'ଏମ୍‌ଏସ୍‌ଧୋନି : ଦ ଅନ୍‌ଟୋଲ୍‌ଡ ଷ୍ଟୋରୀ'ରୁ ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିବା ଦିଶା ଏବେ ବେଶ୍ ଲୋକପ୍ରିୟ। ଜୁଲାଇରେ ଦିଶାଙ୍କ ଅଭିନୀତ 'ଏକ୍ ଭିଲେନ୍ ରିଟର୍ଣ୍ଣସ୍' ଆସିଥିଲା ପ୍ରେକ୍ଷାଳୟକୁ।



# ୮୩୦୦ ଗାଁ କୁ ହୋଇନି ସଡକ ସଂଯୋଗୀକରଣ

ଭୁବନେଶ୍ୱର : ରାଜ୍ୟର ୮ହଜାରରୁ ଅଧିକ ଗାଁରେ ସଡକ ଯୋଜନା ପହଞ୍ଚି ପାରିନାହିଁ । ଏମାନେ ବିଭିନ୍ନ ସଡକ ଯୋଜନାରେ ସାମିଲ ଲାଗି ଯୋଗ୍ୟ ବିବେଚିତ ହୋଇନଥିବାରୁ ଏଠାକୁ ସଡକ ସଂଯୋଗ ହୋଇପାରିନଥିବା କହିଛନ୍ତି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ।ରାଜ୍ୟରେ ଗାଁ ଗୁଡିକୁ ସଡକ ସଂଯୋଗ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ସର୍ବଶେଷ ଜନଗଣନାକୁ ଭିତ୍ତିକରି ୨୦୧୭-୧୮ ମସିହାରେ ଜିଲ୍ ?ଲା ଗ୍ରାମ୍ୟ ସଡକ ଯୋଜନା ପ୍ରସ୍ତୁତ ହୋଇଥିଲା । ଏହି ଯୋଜନା ଅନୁସାରେ ରାଜ୍ୟରେ ୫୯,୯୭୧ଟି ଗ୍ରାମ ରହିଥିଲା । ସେଥି ମଧ୍ୟରୁ ୫୧,୬୭୧ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନାରେ ପର୍ଯ୍ୟାୟକ୍ରମେ ସଂଯୋଗୀକରଣ କରାଯାଇଥିଲା



।ହେଲେ ଯୋଜନାର ନିୟମ ଅନୁଯାୟୀ ଯୋଗ୍ୟ ବିବେଚିତ ହୋଇନଥିବାରୁ ୮୩୦୦ଟି ଗ୍ରାମକୁ ସଂଯୋଗୀକରଣ କରାଯାଇ ନାହିଁ । ଏହିସବୁ ଗ୍ରାମ ମଧ୍ୟରେ କୋରାପୁଟର ସର୍ବାଧିକ ୧୩୭୪ଟି ଗ୍ରାମ ଥିବାବେଳେ ରାୟଗଡାର ୧୦୯୯ଟି ଗ୍ରାମ ରହିଛି ।

ସେହିଭଳି ନବରଙ୍ଗପୁର ଜିଲ୍ଲାର ୬୪୧, କଳାହାଣ୍ଡିର ୫୭୪, ମାଲକାନଗିରିର ୪୩୯, ମୟୁରଭଞ୍ଜର ୪୩୮, କନ୍ଧମାଳର ୪୨୬, ସମ୍ବଲପୁରର ୩୯୩ଟି ଗ୍ରାମ ରହିଛି ।ସଡକ ସଂଯୋଗୀକରଣରୁ ଦୂରେ ଥିବା ଗ୍ରାମ ମଧ୍ୟରୁ ସଂଖ୍ୟାଧିକ ଆଦିବାସୀ ଅଧୁଷିତ ଅଞ୍ଚଳରେ ଥିବାବେଳେ ଉପକୂଳ ଜିଲ୍ଲାରେ ସଂଯୋଗୀକରଣ ନଥିବା ଗ୍ରାମସଂଖ୍ୟା ଆଶାତୀତ ଭାବେ କମ୍ ? ରହିଛି । ତଥାପି ଏବେ ବି କଟକ ଜିଲ୍ଲାରେ ୨୧ଟି ଗ୍ରାମକୁ ସଡକ ସଂଯୋଗ ହୋଇପାରିନଥିବାବେଳେ ଜଗତ୍ ?ସିଂହପୁରରେ ଏହି ସଂଖ୍ୟା ୧୮, ଖୋରଧାରେ ୫୧, ପୁରୀରେ ୧୮, ଯାଜପୁରରେ ୧୮, ଝାରସୁଗୁଡାରେ ୩୪ ରହିଛି ।ବର୍ତ୍ତମାନ ସୁଦ୍ଧା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ଚତୁର୍ଥ ପର୍ଯ୍ୟାୟ ନିୟମାବଳୀ ପ୍ରକାଶ ପାଇନାହିଁ । ବିସ୍ତୃତ ନିୟମାବଳୀ ପ୍ରକାଶ ପାଇବାପରେ ଯୋଗ୍ୟ ବିବେଚିତ ହୋଇଥିବା ଗ୍ରାମଗୁଡିକୁ ସଂଯୋଗୀକରଣ କରିବାପାଇଁ ପଦକ୍ଷେପ ନିଆଯିବ । ଅନ୍ୟ ପକ୍ଷରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ମୋଟ୍ ? ୧୨୨୬ଟି ଗ୍ରାମକୁ ସଡକ ସଂଯୋଗୀକରଣ କରିବାପାଇଁ ମଞ୍ଜୁରୀ ପ୍ରଦାନ କରିଥିଲେ ।ଏହି ତାଲିକାରୁ ଦୁଇଟି ଗ୍ରାମକୁ ବାଦ ଦେଲେ ଅନ୍ୟ ସମସ୍ତ ୧୨୨୪ଟି ଗ୍ରାମକୁ ସଡକ ସଂଯୋଗ କରାଯାଇଛି । ଏହି ଦୁଇଟି ଗ୍ରାମ ମଧ୍ୟରେ ମାଲିକାନଗିରି ଓ ମୟୁରଭଞ୍ଜର ଗୋଟିଏ କରି ଗାଁ ରହିଛି । ଏହି ଦୁଇଟି ଗ୍ରାମକୁ ଏବେ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହାକୁ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ।

# ଜିଲ୍ଲା ଭିତ୍ତିକ ନିଯୁକ୍ତି ଦାବି ନେଇ 'ନବରଙ୍ଗପୁର ଜିଲ୍ଲା ଯୁବ-ଛାତ୍ର ସଂଘ' ଗଠିତ



ନବରଙ୍ଗପୁର, ୬/୧୨ (ନି.ପ୍ର): ଜିଲ୍ଲା ମଧ୍ୟରେ ଯୁବ-ଛାତ୍ର ମାନଙ୍କ ସମସ୍ତ ପ୍ରକାର ସମସ୍ୟାର ସମାଧାନ ପାଇଁ ଓ ଜିଲ୍ଲାଭିତ୍ତିକ ନିଯୁକ୍ତି ଆନ୍ଦୋଳନକୁ ମଜବୁତ କରିବା ପାଇଁ ଡ଼ାବୁଗାଁ ଠାରେ ଏକ ଜିଲ୍ଲାସ୍ତରୀୟ ଯୁବ-ଛାତ୍ର ସଂଘ ଗଠନ କରିବା ନିମନ୍ତେ ଏକ ସାଧାରଣସଭାର ଆୟୋଜନ କରାଯାଇଛି । ଉକ୍ତ ବୈଠକରେ ଜିଲ୍ଲାର ୧୦ଟି ବ୍ଲକରୁ ଶିକ୍ଷିତ ଯୁବକ-ଯୁବତୀ ତଥା ବେ-ରୋଜଗାର ଯୁବକ-ଯୁବତୀମାନେ ଉପସ୍ଥିତ ରହି ଏକ ମଜବୁତ ଜିଲ୍ଲାସ୍ତରୀୟ କମିଟି ଗଠନ କରାଗଲା । ଆଗାମୀ ଦିନରେ ଏହି ସଂଘ ଦ୍ୱାରା ଜିଲ୍ଲାଭିତ୍ତିକ ନିଯୁକ୍ତି ଦାବୀରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଜିଲ୍ଲାଭିତ୍ତିକ ନିଯୁକ୍ତି ଦାବୀକୁ ନେଇ ଆନ୍ଦୋଳନକୁ ସମର୍ଥନ କରି ଆହୁରି ଜୋରଦାର କରିବା ପାଇଁ ପଦକ୍ଷେପ ନିଆଯିବ । ଜିଲ୍ଲାସ୍ତରରେ ଶିକ୍ଷା ଓ ନିଯୁକ୍ତିକୁ ନେଇ ସମସ୍ତ ସମସ୍ୟାର ସମାଧାନ ପାଇଁ ଏକ ହୋଇ ଲଢ଼ିବା ପାଇଁ ଏହି ସଙ୍ଗଠନ ଆଗାମୀ ଦିନରେ ଜିଲ୍ଲାସ୍ତରରେ କାର୍ଯ୍ୟ କରିବ । ଆଜିର ଏହି କମିଟି ଗଠନ ପାଇଁ ରାଜେଶ ଜାନୀ, ମାଣିକେଶ୍ୱର ଶବର, ବାବୁଲା ଭତରା, ଗିରିଧର ପୂଜାରୀ, ଯଶୋବନ୍ତ ମାଝୀ, ସନ୍ତୋଷ ପ୍ରଧାନୀ ଏବଂ ୧୦ଟି ବ୍ଲକରୁ ଆସିଥିବା ଶିକ୍ଷିତ ଯୁବକ-ଯୁବତୀ ମାନେ ସମ୍ପୂର୍ଣ୍ଣ ପ୍ରୟାସ କରିଥିଲେ ।

## ଜଳବାୟୁ ପରିବର୍ତ୍ତନର ସଙ୍କଟ ଓ ସମାଧାନ ନିମନ୍ତେ ଆଲୋଚନା ଚକ୍ର ଅନୁଷ୍ଠିତ

ନିମାପଡ଼ା, ୬/୧୨ (ନି.ପ୍ର): ନିମାପଡ଼ା ନିକଟସ୍ଥ ନରିଶୋ ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ର ଠାରେ ଜଳବାୟୁ ପରିବର୍ତ୍ତନର ସଙ୍କଟ ଓ ଏହାର ସମାଧାନ ନିମନ୍ତେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ରର ଅଧକ୍ଷ ନଟବର ଷଡଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ସାହିତ୍ୟକ ଡ.ତ୍ରିନାଥ ପଟ୍ଟନାୟକ, ପରିବେଶବିତ୍ ମାନସ ମିଶ୍ର, କବି କାର୍ତ୍ତିକ ଚନ୍ଦ୍ର ଷଡଙ୍ଗୀ, ପ୍ରଣତୀ ମହାପାତ୍ର, ସମାଜସେବୀ ନ୍ୟାୟବ୍ରତ ରାଉତ, ମାନସୀ ପଣ୍ଡା, ରାଜଶ୍ରୀ ସିଂହ, ଲୋକ ସମବାୟ ପ୍ରତିଷ୍ଠାନର ପରିଚାଳକ ଯୁବରାଜ ସ୍ୱାଇଁ, ରାଜ କିଶୋର ସାହୁ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ସମାଜସେବୀ ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତ୍ତନର ସଙ୍କଟ ଓ ଏହାର ସମାଧାନ ନିମନ୍ତେ ସମସ୍ତେ ବୃକ୍ଷରୋପଣ କରିବା ଆବଶ୍ୟକ ସହିତ କଳକାରଖାନା ଏବଂ ଯାନବାହାନରୁ ବାହାରୁଥିବା ଦୂଷିତ ବାୟୁକୁ ରୋକାଜିବା କ୍ଷେତ୍ରରେ ଲୋକେ ଅଧିକ ଧ୍ୟାନ ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଜଳବାୟୁ ପରିବର୍ତ୍ତନର ସଙ୍କଟ ଓ ଏହାର ସମାଧାନ ନିମନ୍ତେ ପ୍ରତ୍ୟେକ ସ୍କୁଲର ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ଆଲୋଚନା ଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହା ସହିତ ନିଆଳି ଅଞ୍ଚଳର ବୁଦ୍ଧିଜୀବୀ ସ୍ୱର୍ଗତ ଅଭିମନ୍ୟୁ ସିଂହଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦଶଟି ବୃକ୍ଷ ଲଗାଯାଇଥିଲା ।

## ମୁନିଗୁଡା ଅନ୍ତର୍ଗତ ହୁକୁମତୋଳା ଆବାସିକ କନ୍ୟାଶ୍ରମରେ ପୂଜ୍ୟା ମା' ରମାଦେବୀଙ୍କ ୧୨୫ତମ ପୁଣ୍ୟ ଜନ୍ମତିଥି ପାଳିତ

ମୁନିଗୁଡ଼ା, ୬/୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ମୁନିଗୁଡା ନିକଟ ହୁକୁମତୋଳା ଆବାସିକ କନ୍ୟାଶ୍ରମ ପରିସରରେ ପୂଜ୍ୟା ମା' ରମାଦେବୀଙ୍କ ୧୨୫ତମ ଜନ୍ମଦିନ ପାଳନ ଅବସରରେ ପ୍ରଭାତ-ଫେରି, ସର୍ବଧର୍ମ ପ୍ରାର୍ଥନା ସଭା, ସଫେଇ, ସ୍ମୃତି ଶ୍ରଦ୍ଧାଞ୍ଜଳୀ ସହ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ସଂଗୀତା କୁସୁଲିୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଗୌରାଙ୍ଗ ଚରଣ ରାଉତ, ସାମାଜିକ କର୍ମୀ ପ୍ରମୋଦ ସାହୁକାର, ମହିଳା ନେତ୍ରୀ ଝୁମ୍ପା କୌଶଲ୍ୟା, ପ୍ରମିଳା କରକରିଆ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରିକା, ଅଗ୍ରଗଣ୍ୟା ମା' ରମାଦେବୀଙ୍କ ପବିତ୍ର ସ୍ମୃତିଚାରଣ କରିଥିଲେ । ରାୟଗଡ଼ା ଜିଲ୍ଲା ସର୍ବୋଦୟ ମଣ୍ଡଳ ତରଫରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବକ୍ତୃତା ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀ ପ୍ରିୟଙ୍କା ହିକକା, ରଚନା କାଡ୍ରକା ଓ ଜୟଲକ୍ଷ୍ମୀ ହିକକାଙ୍କୁ ପୁରସ୍କୃତ କରଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସୁଶ୍ରୀ ସାରଦା ପ୍ରିଉସ୍କା, ରିତା ମୁଣ୍ଡିକା, ଅନନ୍ତ ଉଲାକା, ଶଙ୍କର କୁଲେଶିକା, ମନୋଜ ହିକକା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ବାଲିପଦର ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ

ବୁଗୁଡା, ୬/୧୨ (ନି.ପ୍ର): ଶ୍ରୀ ଅରବିନ୍ଦଙ୍କ ମହାପ୍ରୟାଣ ଦିବସ ଅବସରରେ ବାଲିପଦର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପକ୍ଷରୁ ବାର୍ଷିକ କ୍ରୀଡା ଉତ୍ସବ ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ର, ସତ୍ୟସାଇ ଶିକ୍ଷ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ଏ.ସର୍ଭିସ ଆଚାରୀ, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ନାରାୟଣ ସାମନ୍ତରା, ଅଧ୍ୟକ୍ଷା ନୟନୀ ମହାରଣା, ସମ୍ପାଦକ କେ.ସମିତ୍ କୁମାର ପାତ୍ର, ସହ ସମ୍ପାଦକ ଜି.ସଂଜୀବ କୁମାର ପାତ୍ର, କୋଷାଧ୍ୟକ୍ଷ ରାଜେନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନରେ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ସୁଚନା ପ୍ରଦାନ କରିଥିଲେ । ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର କର୍ମକର୍ତ୍ତା, ଅଧ୍ୟକ୍ଷା ଓ ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ବିଶେଷ ବୃନ୍ଦ ଛାତ୍ରଛାତ୍ରୀଙ୍କ ମଶାଲ ଶୋଭାଯାତ୍ରାରେ ସାମିଲ ହୋଇ ନଗର ପରିକ୍ରମା କରିଥିଲେ । ଏହି କ୍ରୀଡା ଉତ୍ସବ ଏକ ସପ୍ତାହବ୍ୟାପି ଚାଲିବାର କାର୍ଯ୍ୟକ୍ରମ ରହିଛି ।

## ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ନୂତନ ଥାନା ଅଧିକାରିଣୀଙ୍କୁ ସମ୍ବର୍ଦ୍ଧନା



ମାହାଙ୍ଗା, ୬/୧୨ (ନି.ପ୍ର): ଭଦ୍ରେଶ୍ୱର ଥାନାରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଥାନା ଅଧିକାରିଣୀ ଶ୍ରୀମତୀ ସଂଧାରାଣୀ ସିଂହଙ୍କୁ ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଭଦ୍ରେଶ୍ୱର ଥାନା ପରିସରରେ କଂଗ୍ରେସ ଯୁବ ସଂଗଠକ ଉତ୍ତମ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମାହାଙ୍ଗା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ପ୍ରଶାନ୍ତ ଖଟୁଆ, ସୁକାନ୍ତ କୁମାର ସାହୁ, ସରୋଜ କୁମାର ସାହୁ, ଅଜୟ ରାଉତରାୟ, ଦିଲ୍ଲୀପ ପ୍ରଧାନ, ସୌମ୍ୟରଂଜନ ଦାସ, ସୋମନାଥ ଜେନା, ତ୍ରିଲୋଚନ ସେଠୀ, କରୁଣାକର ଖଟୁଆ, ହରିହର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟରେ ବିଶ୍ୱ ଏଡସ ଦିବସ ପାଳିତ




ପାଟଣା, ୬/୧୨ (ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଅଧକ୍ଷ ବିରେନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ବିଶ୍ୱ ଏଡସ ଦିବସ ପାଳନ କରାଯାଇଛି । ଏହି ଅବସରରେ ଏକ ସଚେତନତା ସଭା ସହ ପାଟଣା ବଜାର ଅଞ୍ଚଳରେ କ୍ରୀଡା ଶିକ୍ଷକ ତଥା ଏନସିସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ଏକ ସଚେତନତା ଶୋଭାଯାତ୍ରାରେ ଯାଇ ବଜାର ଅଞ୍ଚଳ ପରିକ୍ରମା କରିଥିଲେ । ଏଚଆଇଭି କଣ ଓ କାହିଁକି, ଏହି ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ସଚେତନତା ସଭାରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ୨୦୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଅଧାପକ-ଅଧାପିକା ମାନେ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## କାଠଡେରା ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ

ଅତାବିରା, ୬/୧୨ (ନି.ପ୍ର): ଆଜି ଶ୍ରୀଅରବିନ୍ଦଙ୍କ ମହାସମାଧି ଦିବସ ଅବସରରେ ଅତାବିରା ବ୍ଲକ ଅନ୍ତର୍ଗତ କାଠଡେରା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି କ୍ରୀଡ଼ା ଉତ୍ସବରେ ଶିକ୍ଷାକେନ୍ଦ୍ର ପରିଚାଳନା କମିଟିର ସଭାପତି ଶ୍ରୀ କୃଷ୍ଣଚନ୍ଦ୍ର ପ୍ରଧାନ ଶ୍ରୀମା-ଶ୍ରୀଅରବିନ୍ଦଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାର ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି କ୍ରୀଡ଼ା ଉତ୍ସବରେ ବରଗଡ଼ ଜିଲ୍ଲା ଶ୍ରୀଅରବିନ୍ଦ ଆଲୋକ ସେନା ଆବାହକ ଶ୍ରୀ ଚନ୍ଦ୍ରକାନ୍ତ ପାଣ୍ଡେ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ । ସିନିଅର, ଜୁନିଅର, ସବ ଜୁନିଅର ବିଭାଗରେ ଅନୁଷ୍ଠିତ ସମସ୍ତ ଖେଳ ଗୁଡିକୁ କ୍ରୀଡ଼ା ବିଭାଗର ମୁଖ୍ୟ ରାଜେଶ ସେଟ ଓ ଜିତେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷକ, ଅପା, ଭାଇ ପ୍ରମୁଖ ପରିଚାଳନା କରିଥିଲେ ।

# ପୁରୀ ଜିଲ୍ଲା ଗୋପ ବ୍ଲକରେ ଏ ଯାଏଁ ଖୋଲିନି ଧାନମଣ୍ଡି : ବେପାରୀ ମାଲେମାଲ

ନିମାପଡ଼ା, ୬/୧୨ (ନି.ପ୍ର): ପୁରୀ ଜିଲ୍ଲା ଗୋପ ବ୍ଲକରେ ମଣ୍ଡି ଖୋଲି ନଥିବାରୁ ଧାନ ବିକ୍ରି କରିବା ଲାଗି ୯,୬୦୫ ଜଣ ଚାଷୀ ଅପେକ୍ଷାରେ ଥିବା ବେଳେ ଗ୍ରାମାଞ୍ଚଳରେ ବେପାରୀ କମ୍ ମୂଲ୍ୟରେ ଧାନ କିଣି ମାଲେମାଲ୍ ହେଉଥିବା ଅଭିଯୋଗ ହେଉଛି ।କେନ୍ଦ୍ର ସରକାର ଚଳିତ ବର୍ଷ ଧାନର ସହାୟକ ମୂଲ୍ୟ ୨୩୦୦ ଟଙ୍କା ରଖି ଥିବା ବେଳେ ରାଜ୍ୟ ସରକାର ଧାନ କ୍ୟୁଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ଦେବାକୁ ନିଷ୍ପତ୍ତି ହୋଇଛି । ଏହି ପରିପ୍ରେକ୍ଷୀରେ ଗୋପ ବ୍ଲକର ୨୮ଟି ସେବା ସମବାୟ ସମିତିରେ ୯,୬୦୫ ଜଣ ଚାଷୀ ଧାନ ବିକ୍ରି ଲାଗି ନାମ ପଞ୍ଜିକରଣ କରିଛନ୍ତି । ରାଇସ ସେବା ସମବାୟ ସମିତିରେ ୨୫୯ ଜଣ ଚାଷୀ ଧାନ ବିକ୍ରି ଲାଗି ନାମ ପଞ୍ଜିକରଣ କରିଥିବା ବେଳେ ଗଡରୁପାସରେ ୨୯୮, ବଗଲେଇରେ ୪୧୮, ସାମନ୍ତରାପୁରରେ ୪୩୬, ଗଡବାଙ୍ଗୋରରେ ୨୬୯, ଛଇତନାରେ ୩୪୮, ରାହାଙ୍ଗ ଗୋରଡ଼ାରେ ୨୬୨, ଗଣେଶ୍ୱରପୁରରେ ୪୯୪, ବୀରତୁଙ୍ଗରେ ୮୧୭, ବରିମୁଣ୍ଡରେ ୫୦୯, ନୟାହାଟରେ ୨୦୨, ବନାଖଣ୍ଡିରେ ୨୭୯, ନିତେଇଗୌରୀରେ ୨୮୯ , ଶିଶୋରେ ୪୫୪, କୋଣାର୍କରେ ୨୪୫, ସିଦ୍ଧେଶ୍ୱରରେ ୨୨୭, ବିରତୁଙ୍ଗରେ ୫୦୭, ଏରବଙ୍ଗରେ ୪୧୭, ସୂତନରେ ୩୧୩, ବଡ଼ତରାରେ ୩୩୭, ଖରାଗାଁରେ ୧୮୬, ପାଟେଳିଆରେ ୨୧୯, କରମଙ୍ଗା - ପାଞ୍ଚଣାରେ ୪୫୩, ଗୋପରେ ୨୯୨, ଦୂର୍ଗେଶ୍ୱରରେ ୩୬୭, ପାଇକପଡ଼ାଗଡ ବାଙ୍ଗୋରରେ ୨୮୫, ଡ଼ଭାରରେ ୮୨ ଓ ନୀଳକଣ୍ଠେଶ୍ୱର୍ ସେବା ସମବାୟ ସମିତିରେ ୩୩୮ ଚାଷୀ ନାମ ପଞ୍ଜିକରଣ କରିଥିବା ଯୋଗାଣ ବିଭାଗ ପକ୍ଷରୁ ପ୍ରକାଶ । ଗତ ବର୍ଷ ୮ ହଜାର ୧୫୬ ଜଣ ଚାଷୀ ଧାନ ବିକ୍ରି ଲାଗି ନାମ ପଞ୍ଜିକରଣ କରିଥିବା ବେଳେ ଚଳିତ ବର୍ଷ ୯.୬୦୫ ଚାଷୀ ନାମ ପଞ୍ଜିକରଣ କରିଛନ୍ତି । ଚଳିତ ବର୍ଷ ଧାନ ଫସଲ ଭଲ ହୋଇଥିବା ବେଳେ କେତେକ ସ୍ଥାନରେ ଆନ୍ଧ୍ର ବେପାରୀ ଓ ଗ୍ରାମାଞ୍ଚଳରେ ଧାନ ବେପାରୀ ଚାଷୀ ମାନଙ୍କ ଠାରୁ କ୍ୟୁଣ୍ଟାଲ ପିଛା ୧୭୦୦ ରୁ ୧୮୦୦ ଟଙ୍କାରେ କିଣୁଥିବା ଅଭିଯୋଗ ହେଉଛି । ବେପାରୀ ମାନେ ଚାଷୀ ମାନଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଧାନ କିଣୁଥିବା ଅଭିଯୋଗ ହେଉଛି । ମିଲରମାନେ ବେପାରୀ ମାନଙ୍କ ଠାରୁ ସିଧାସଳଖ ଧାନ କିଣି ପାରିବେ ନାହିଁ ବୋଲି ସରକାର ନିୟମ କରିଛନ୍ତି, ମାତ୍ର ତାହାକୁ ଅବମାନନା କରି ମିଲରମାନେ ବେପାରୀମାନଙ୍କ ଠାରୁ ଧାନ କିଣୁଥିବା ଅଭିଯୋଗ ହେଲାଣି । ଗୋପ ବ୍ଲକରେ ଯୋଗାଣ ନିରୀକ୍ଷକ ନଥିବା ବେଳେ ନିମାପଡ଼ାରେ ନୂତନ ଭାବେ ଯୋଗ ଦେଇଥିବା ଯୋଗାଣ ନିରୀକ୍ଷକ ସୁବ୍ରତ କୁମାର ଚୌଧୁରୀ କହନ୍ତି, କୌଣସି ମିଲରଙ୍କ ନାମରେ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଚଳିତ ବର୍ଷ ଧାନର ମାନ ପରୀକ୍ଷା ଲାଗି ସ୍ୱତନ୍ତ୍ର ଭାବେ ମେସିନ ଆସିବାକୁ ଥିବା ବେଳେ କୌଣସି ସମବାୟ ସମିତିକୁ ଅଦ୍ୟାବଧି ମେସିନ ଆସିନଥିବା ଜଣାପଡିଛି । ରାଜ୍ୟ ସରକାରଙ୍କ ପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ମାନେ ଦାବି କରିଛନ୍ତି ।

## ଦୁଇ ପୂର୍ବତନ ଶିକ୍ଷାଧିକାରୀ ସମ୍ବର୍ଦ୍ଧିତ



ନିଶ୍ଚିନ୍ତକୋଇଲି,୬/୧୨ (ନି.ପ୍ର):ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଡକ୍ଟର ଦୁର୍ଗାଚରଣ ନାୟକଙ୍କୁ ତିଗିରିଆର ବିଭିନ୍ନ ଶିକ୍ଷକ ସଂଗଠନ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ତିଗିରିଆ ଶିକ୍ଷା ମଣ୍ଡଳ ଅଧିକାରୀ ଭାବେ ବର୍ତ୍ତମାନର କାର୍ଯ୍ୟରତ ଶିକ୍ଷାଧିକାରୀ ପ୍ରିୟରଂଜନ ହୋତାଙ୍କ ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ଉପଲକ୍ଷେ ଆୟୋଜିତ ସଭାରେ ତିଗିରିଆ ମଣ୍ଡଳ ପ୍ରାଥମିକ ଶିକ୍ଷକ ସଂଘ (ଏନ୍ ?.ପି.ଏସ୍ ?) ଶିକ୍ଷକ ସଂଘ ଓ ମଣ୍ଡଳ ଶିକ୍ଷା ବିଭାଗ ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ ପବିତ୍ର ମୋହନ ନୋଡାଲ ବିଦ୍ୟାଳୟ ପ୍ରଧାନଶିକ୍ଷକ ସିଙ୍ଗୋ ହାସଦାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡମ୍ବା ମଣ୍ଡଳ ଶିକ୍ଷାଧିକାରୀ ପ୍ରକାଶ ମତଗଜ ସିଂହ, ମୁଖ୍ୟବକ୍ତା ଭାବେ ବିଆରସିସି ମାଧବ ଚନ୍ଦ୍ର ଦେହୁରୀ, ସହ-ଶିକ୍ଷାଧିକାରୀ ସୌଦାମିନୀ ମିଶ୍ର, ସଂଯୁକ୍ତା ଚୌଧୁରୀ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବଳରାମ ମୁଦୁଲି, ନିଳକଣ୍ଠ ସାହୁ, ପ୍ରଧାନଶିକ୍ଷକ ହୃଷିକେଶ ବେହେରା, ସଂଘର କର୍ମକର୍ତ୍ତା ଓ ସମସ୍ତ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ସମେତ ବହୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଡକ୍ଟର ନାୟକଙ୍କ ଶିକ୍ଷାବିଭାଗରେ ପ୍ରଶାସନିକ ଦକ୍ଷତା, ସାଧୁତା, ସଚ୍ଚୋଟତା, ଲୋକପ୍ରିୟତା ସଂପର୍କରେ ନିଜ ନିଜର ମତ ରଖିଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୁଇଜଣ ଶିକ୍ଷାଅଧିକାରୀ ଡଃ. ନାୟକ ଓ ଶ୍ରୀଯୁକ୍ତ ହୋତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ଶେଷରେ ବିଦାୟକାଳିନ ସଂଗୀତ ପରିବେଷଣ କରିଥିଲେ । ଶିକ୍ଷକ ବିଦ୍ୟାଧର ସାମଲ ଉତ୍ସବକୁ ସଂଯୋଜନା କରିଥିଲା ବେଳେ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ । ପରିଶେଷରେ କାର୍ଯ୍ୟାଳୟ କର୍ମଚାରୀ ରଂଜନ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ତେନ୍ତୁଳିଖୁଣ୍ଟି ଠାରେ ବିଶ୍ୱ ମୃତ୍ତିକା ଦିବସ ଅନୁଷ୍ଠିତ



ତେନ୍ତୁଳିଖୁଣ୍ଟି, ୬/୧୨ (ନି.ପ୍ର): ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ଅଗ୍ରଗାମୀ ଏନଜିଓର ପ୍ରୋଜେକ୍ଟ କାର୍ଯ୍ୟାଳୟ ଠାରେ ଶ୍ରୀ ଅନ୍ନ ଅଭିଯାନ ବ୍ଲକ ସଂଯାଜକ ଶ୍ରୀ ନିଶାନ୍ତ କୁମାର ବିଷୋୟୀଙ୍କ ସଭାପତିତ୍ୱରେ ବ୍ଲକ କୃଷି ବିଭାଗ, ଅଗ୍ରଗାମୀ, ନାବଗାମି କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ ଏବଂ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ବିଶ୍ୱ ମୃତ୍ତିକା ଦିବସ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଥିତି ଭାବେ କୃଷି ବିଭାଗ ପକ୍ଷରୁ କୃଷି ଓଭର୍ସିୟର ଶ୍ରୀ ଧିରେନ କୁମାର ବେନ୍ୟା, ଅଗ୍ରଗାମୀର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଜଗନ୍ନାଥ ଜେନା, ନାବଗାମି କୃଷକ ଉତ୍ପାଦକ କମ୍ପାନୀ ତରଫରୁ ଗୁଲା ଭୋଇ, ସୋମାଇ ମାଝୀ, ନରେନ୍ଦ୍ର ଗୌଡ଼, ଅବିନାଶ ପଣ୍ଡା ଯୋଗ ଦେଇଥିଲେ । ତେନ୍ତୁଳିଖୁଣ୍ଟି ବ୍ଲକର ୧୦ଟି ପଞ୍ଚାୟତରୁ ପ୍ରାୟ ୫୦ ଜଣ ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଦଳର ମେମ୍ବର ମାନେ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥିମାନେ ବିଶ୍ୱ ମୃତ୍ତିକା ଦିବସ ଉପରେ ବାର୍ତ୍ତା ଦେଇଥିଲେ ଏବଂ ଆମର ପୃଥିବୀ ଓ ମାଟି ମା'କୁ କିଭଳି ଭାବେ ସୁରକ୍ଷିତ ରଖି ପରିବା ସେହି ବିଷୟରେ ଆଲୋଚନା କରାଯାଇଥିଲା । କୃଷି ଓଭର୍ସିୟର ଶ୍ରୀ ବେନ୍ୟା ଉପସ୍ଥିତ ଥିବା ସମସ୍ତ ସଦସ୍ୟ ମାନଙ୍କୁ ମୃତ୍ତିକାର ସଂରକ୍ଷଣ, ଏହାର ଦାୟିତ୍ୱ, ମୃତ୍ତିକାର ଭୂମିକା ଉପରେ କହିଥିଲେ । କାନ୍ଦ୍ରାଗୁଡ଼ା ଗ୍ରାମରୁ ଆସିଥିବା ଜଣେ ସଫଳ ଚାଷୀ ଶ୍ରୀମତୀ ମାଗାଇ ଜାନୀ ମଧ ଏହି ଦିବସ ଉପଲକ୍ଷେ ମାଟି ମା'କୁ କିପରି ଆମେ ଦୂଷିତ ହେବାରୁ ରକ୍ଷା କରିପାରିବା, ବିନା ରାସାୟନିକ ସାରର ପ୍ରୟୋଗରେ କିପରି ଜୈବିକ ପଦ୍ଧତିରେ ଚାଷ କରିବା ତାହା ଉପରେ ଆଲୋକପାତ କରିଥିଲେ । ଅଗ୍ରଗାମୀ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଜେନା ଉପସ୍ଥିତ ସମସ୍ତ ଅତିଥି ତଥା ଯୋଗଦେଇଥିବା ସଦସ୍ୟ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଅଗ୍ରଗାମୀର ନିରୋଦ ପଣ୍ଡା, ପ୍ରଫୁଲ୍ଲ ନାୟକ, କୃପାସିନ୍ଧୁ ଗୌଡ଼, ଟଙ୍କଧର ଝୋଡ଼ିଆ ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।

# ମୁନିଗୁଡ଼ା ଅନ୍ତର୍ଗତ ପାଇକସାହି ଠାରେ ୩୭ତମ ମହାଲକ୍ଷ୍ମୀ ପୂଜାର ଶୁଭାରମ୍ଭ



ମୁନିଗୁଡା, ୬/୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲାର ଭକ୍ତିଷ୍ସଳ ତଥା ଆଧ୍ୟାତ୍ମିକ ଭାବନାର ପଥିକ ମୁନିଗୁଡ଼ା ବ୍ଲକ ସଦର ମହକୁମା ପାଇକସାହିର ବିଜୁ ପଟ୍ଟନାୟକ ଯୁବକ ସଂଘ ଓ ସାହି ବାସିନ୍ଦାଙ୍କ ସହଯୋଗରେ ଦୀର୍ଘ ? ୩୭ ବର୍ଷ ହେବ ମାର୍ଗଶୀର ମାସରେ ମା' ମହାଲକ୍ଷ୍ମୀଙ୍କ ଯାତ୍ରା ଉତ୍ସ୍ୱ ? ଅନୁଷ୍ଠିତ ହୋଇ ଆସୁଛି । ଏଥିରେ ଛତିଶଗଡ଼, ଆନ୍ଧ୍ରପ୍ରଦେଶ ତଥା ଫୁଲବାଣୀ, କଳାହାଣ୍ଡି, କୋରାପୁଟ, ରାୟଗଡା ଜିଲ୍ଲା ଆଦି ଅଞ୍ଚଳରୁ ଭକ୍ତ ରୂପକ ଦର୍ଶକଙ୍କୁ ଟାଣିଆଣୁଛି । ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ପରି ଚଳିତବର୍ଷ ମାର୍ଗଶୀର ମାସର ତୃତୀୟ ଗୁରୁବାର ଆଜି ମା' ମହାଲକ୍ଷ୍ମୀ ପାଇକସାହି ଲକ୍ଷ୍ମୀ ମଣ୍ଡପରେ ଧରାବତରଣ କରି ପୂଜାପାଇ ଯାତ୍ରାର ଶୁଭାରମ୍ଭ ହୋଇ ଆସନ୍ତା ୧୮ ତାରିଖରେ ସମାପ୍ତ ହେବାକୁ କମିଟି ସ୍ଥିର କରିଥିବା ସୂଚନା ମିଳିଛି । ଏଥିପାଇଁ ଆଜି ସକାଳୁ ଲକ୍ଷ୍ମୀ ମଣ୍ଡପରେ ପୁରାତନ ବରିଷ୍ଠ ପୂଜକ ଶ୍ରୀ ଜଗବନ୍ଧୁ ପଣ୍ଡାଙ୍କ ନେତୃତ୍ୱରେ ସହଯୋଗୀ ପୂଜକ ନିକୁଞ୍ଜ ଶତପଥୀ, ବାବୁନୀ ମହାପାତ୍ର, ଶ୍ୟାମସୁନ୍ଦର ଦାସ, ସୁରେଶ ରଥଙ୍କ ମିଳିତ ସହଯୋଗ ଏବଂ ଅରକ୍ଷିତ ମାର୍ଥା ଓ ରବିନ୍ଦ୍ରନାଥ ପଣ୍ଡାଙ୍କ ସଙ୍କଳ୍ପରେ ସୂର୍ଯ୍ୟ ପୂଜା କରାଯିବା ପରେ ମୁନିଖୋଲ ନଦୀରେ ଗଙ୍ଗା ଆବାହନ କରି ?ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଯାତ୍ରାକୁ ଶଙ୍ଖ, ଘଣ୍ଟ, ହରିବୋଲ, ହୁଳହୁଳି ଧ୍ୱନୀ ସହ ଶିଙ୍ଗବାଜାର ତାଳେତାଳେ ବଜାର ପରିକ୍ରମା କରି ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା । ଚକ୍ଷୁଦାନ ପରେ ମା'ଙ୍କର ପୂଜାର୍ଚ୍ଚନା କରାଯାଇ ହୋମ ଯଜ୍ଞର ଆୟୋଜନ ହୋଇଥିଲା । ମା'ଙ୍କ ଯାତ୍ରାକୁ ସରସ ସୁନ୍ଦର କରିବାକୁ ଆକର୍ଷଣୀୟ ପୂଜା ମଣ୍ଡପ, ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ମୁନିଗୁଡ଼ା ଚମକୁଛି । ଏଠାରେ ମୀନାବଜାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ରାମ ଦୋଳି, ମ୍ୟାଜିକ, ଡ୍ରାଗନ, ବ୍ରେକଡ୍ୟାନ୍ସ ସହ ପିଲାଙ୍କ ଜମ୍ପି ଖେଳର ମଜା ନେବେ ଦର୍ଶକ । ଏହା ଛଡା ବିଭିନ୍ନ ପ୍ରକାର ଶତାଧିକ ଦୋକାନରେ ପ୍ରସ୍ତୁତ ହେଉଥିବା ଫାଷ୍ଟଫୁଡ ଓ ଠୁଙ୍କା ପୁରୀର ଶୁଭାରମ୍ଭ ହୋଇଯାଇଛି । ଆସନ୍ତା ୧୦ତାରିଖରୁ ଓଡ଼ିଶାର ସୁନାମଧନ୍ୟ ଅପେରା ରଙ୍ଗମହଲର ଅଭିନୟ ଦେଖିବା ସହ ଲୋକମାନେ ବିଭିନ୍ନ ସୁବିଧା ହାସଲ କରିପାରିବେ । ଲୋକ ଗହଳିକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ଏହି ଯାତ୍ରା ହେଉଛି ଜନସାଧାରଣଙ୍କର ଏହାର ସ୍ୱଚ୍ଛତା ଏବଂ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି କମିଟିର ସଭାପତି ଶ୍ରୀ ଅଜୀତ ନାୟକ (କାଳିଆ), ସମ୍ପାଦକ ଚନ୍ଦନ ସାହୁ (ପିଣ୍ଟୁ), ଉପସଭାପତି ରମାକାନ୍ତ ମାର୍ଥା, କୋଷାଧକ୍ଷ ଅମିତ ପଟ୍ଟନାୟକ ପ୍ରମୁଖ ଅନୁରୋଧ କରିଛନ୍ତି ।

# ମହଙ୍ଗା ପଡିଲା ଅନଲାଇନ ଟ୍ରେଡିଂ

## ବ୍ରହ୍ମପୁରର ଜଣେ ବ୍ୟକ୍ତି ହେଲେ ୧୬ ଲକ୍ଷ ଠକେଇର ଶିକାର

ବ୍ରହ୍ମପୁର, ୬/୧୨ (ନି.ପ୍ର): ଅନଲାଇନ ଟ୍ରେଡିଂ ଆଳରେ ବ୍ରହ୍ମପୁରର ଜଣେ ବ୍ୟକ୍ତି ଠକେଇ ଶିକାର ହୋଇଛନ୍ତି । ଡିଏଆଇ ନାମକ ଏକ ଅନଲାଇନ ଟ୍ରେଡିଂ ଆପରେ ଟଙ୍କା ବିନିଯୋଗ କରିବା ଉକ୍ତ ବ୍ୟକ୍ତିଙ୍କ ପାଇଁ ମହଙ୍ଗା ପଡିଛି । ଟଙ୍କା ବିନିଯୋଗ କରିବାର କିଛି ଦିନ ପରେ ଉକ୍ତ ଆପ ବନ୍ଦ ହୋଇଯାଇଥିବା ବେଳେ ସଂପୃକ୍ତ ବ୍ୟକ୍ତିଙ୍କ ଠାରୁ ୧୬ ଲକ୍ଷ ଟଙ୍କା ଠକେଇ ନେଇ ଅଭିଯୋଗ ହୋଇଛି । କୋର୍ଟ ଓ୍ୱାନସିସି ଅନୁଯାୟୀ ଘଟଣାକୁ ନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ୩୦/୨୪ ମାମଲା ରୁଜୁ ହୋଇଛି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ପ୍ରାପ୍ତ ସୂଚନା ଅନୁସାରେ, ବ୍ରହ୍ମପୁରର ବାପୁଜୀନଗରରେ ରହୁଥିବା ଏହି ୫୬ ବର୍ଷୀୟ ବ୍ୟକ୍ତି ଜଣଙ୍କ ଗତ ଏପ୍ରିଲ ମାସରେ ସାମାଜିକ ଗଣମାଧ୍ୟମ ଟୁଇଟର ଜରିଆରେ ଅନଲାଇନ ଟ୍ରେଡିଂ ବିଷୟରେ ଜାଣିବାକୁ ପାଇଥିଲେ । ବ୍ୟକ୍ତି ଜଣକ ସେହି ଲିଙ୍କରେ କ୍ଲିକ କରିବା ପରେ ତାଙ୍କୁ ଲିସା ଡିଏ ନାମକ ଏକ ଓ୍ୱାଟସଆପ ଗ୍ରୁପରେ ଯୋଡି ଦିଆଯାଇଥିଲା । ସେହି ଗ୍ରୁପରେ ଅନଲାଇନ ଟ୍ରେଡିଂ ବିଷୟରେ ବିଭିନ୍ନ ପରାମର୍ଶ ଦିଆଯିବା ସହ ଡିଏଆଇ (ଡାଟାମିର ଇଣ୍ଡିଆ ଆର୍ଟିଫିସିଆଲ ଇଣ୍ଟିଲିଜେନ୍ସ) ନାମକ ଲକ ଆପ ଡାଉନଲୋଡ କରି ସେଥିରେ ଟଙ୍କା ନିବେଶ କରିବାକୁ ଉପରୋକ୍ତ ବ୍ୟକ୍ତିଙ୍କୁ ପରାମର୍ଶ ଦିଆଯାଇଥିଲା । ଏହି ଆପରେ ଟଙ୍କା ନିବେଶ କରି ପ୍ରତ୍ୟେକ ଦିନ ହଜାର ହଜାର ଟଙ୍କା ରୋଜଗାର କରିହେବ ବୋଲି କହିଥିଲେ । ଏହି ଆପର ନିର୍ଦ୍ଦେଶ ଗ୍ରୁପରେ ଥିବା ସମସ୍ତ ନିବେଶକରୀଙ୍କୁ ବିଭିନ୍ନ ପରାମର୍ଶ ଦେଉଥିଲେ । ସେହିପରି କମ୍ପାନୀର ଜଣେ ମହିଳା ସହ ୨ ଜଣ ବ୍ୟକ୍ତି ମଧ୍ୟ ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଉଥିଲେ । ସେହିକ୍ରମରେ ବ୍ରହ୍ମପୁରର ବ୍ୟକ୍ତି ଜଣକ ଆପ୍ ଡାଉନଲୋଡ କରି ପ୍ରଥମେ ସେଥିରେ ୩୦୦ ଟଙ୍କା ନିବେଶ କରିଥିଲେ । ଏହାର କିଛି ଦିନ ପରେ ୫ ଲକ୍ଷ ଟଙ୍କା ନିବେଶ କରିଥିଲେ । ସେହିପରି ୩ ମାସ ଭିତରେ ସଂପୃକ୍ତି ବ୍ୟକ୍ତି ଜଣଙ୍କ ୧୬ ଲକ୍ଷ ଟଙ୍କା ନିବେଶ କରିଥିଲେ । ହେଲେ ଗତ ଜୁଲାଇ ୨୨ ତାରିଖରେ ସେହି ଆପରୁ ଟଙ୍କା ଉଠାଣ ବନ୍ଦ ହୋଇଯାଇଥିଲା । ଏହାର ଗୋଟିଏ ଦିନ ପରେ ଆପଟି ମଧ୍ୟ ବନ୍ଦ ହୋଇଯାଇଥିଲା । ସେଥିରେ କୌଣସି ଟଙ୍କା ନେଣଦେଣ କିମ୍ବା ନିବେଶ କି ଉଠାଣ ହୋଇନଥିଲା । ଏ ନେଇ ବ୍ୟକ୍ତି ଜଣଙ୍କ କମ୍ପାନୀର ଅଧିକାରୀ ଓ କର୍ମଚାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନଥିଲା । ଠକେଇର ଶିକାର ହୋଇଥିବା ଜାଣିବା ପରେ ବ୍ୟକ୍ତି ଜଣକ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କେବଳ ଷ୍ଟେସନ ଡାଏରୀ କରି ଚୁପ ବସିଥିଲା । ଏହାପରେ ବ୍ୟକ୍ତି ଜଣକ ଏସଡ଼ିଜେଏମ କୋର୍ଟରେ ଓ୍ୱାନସିସି ମାମଲା ଦାୟର କରିଥିଲେ । ପୂର୍ବରୁ ମଧ୍ୟ ବ୍ରହ୍ମପୁର ସହରର ଏକାଧିକ ବ୍ୟକ୍ତି ଏହି ଡିଏଆଇ ଆପରେ ଟଙ୍କା ନିବେଶ କରି ଠକେଇର ଶିକାର ହୋଇ ସାରିଛନ୍ତି । ସାଇବର ଠକେଇ ଏବେ ପ୍ରତିଦିନ ବଢ଼ିବାରେ ଲାଗିଛି, ଯାହାକି ପୋଲିସ ପାଇଁ ଏବେ ଚାଲେଞ୍ଜ ହୋଇପଡିଛି ।

## ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ଦବଙ୍ଗଗିରୀ କର୍ମଚାରୀଙ୍କୁ ପିଟିଲେ ଉତ୍ତ୍ୟକ୍ତ ଗ୍ରାମବାସୀ



ଝରିଗାଁ, ୬/୧୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଇଛାପୁର ପଞ୍ଚାୟତର ସିନ୍ଧିପଡ଼ା ଗ୍ରାମରେ ଟିପିଏସଓଡିଏଲ ବିଦ୍ୟୁତ କର୍ମଚାରୀମାନେ ଦବଙ୍ଗଗିରୀ କରି ବିଲ ଆଦାୟ କରୁଥିବା ଗ୍ରାମର ଲୋକେ ଅଭିଯୋଗ କରିଛନ୍ତି । ମଦ୍ୟପ ବିଦ୍ୟୁତ କର୍ମଚାରୀ ରାଜେନ୍ଦ୍ର ପ୍ରସାଦ ଖଣ୍ଡେଇ, ମନୋଜ ଗୋପାଳ, ବେଣୁଧର ସାନ୍ତା, ଗାଡି ଡ୍ରାଇଭର ଜୟସିଂ ଗଣ୍ଡ ପ୍ରମୁଖ ଗ୍ରାମବାସୀଙ୍କ ଘରେ କେହି ପୁରୁଷ ନଥିବା ବେଳେ ଘରକୁ ଯାଇ ମା-ଭଉଣୀ ରହିଥିବା ଦେଖି ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହ ଘରୁ ବିଦ୍ୟୁତ କାଟିଦେବା ସହ ମିଟର କାଢି ନେଇ ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସିନ୍ଧିପଡ଼ା ଗାଁର ଟୁନା ହରିଜନ ଓ ସୁମନ ହରିଜନ ମଦ୍ୟପ ବିଦ୍ୟୁତ କର୍ମଚାରୀ ମାନଙ୍କୁ ବିରୋଧ କରିବାରୁ ବିଦ୍ୟୁତ କର୍ମଚାରୀ ରାଜୁ ନାମକ କର୍ମଚାରୀ ୨ଜଣଙ୍କୁ ଧକ୍କା ମାରିବାରୁ ଉକ୍ତ ୨ ଜଣ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ବିଦ୍ୟୁତ କର୍ମଚାରୀ ମାନଙ୍କୁ ମାଡ଼ ମାରିଥିଲେ । ବିଦ୍ୟୁତ ବିଭାଗ କର୍ମଚାରୀ ମାନେ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ବିଦ୍ୟୁତ୍ ବିଭାଗର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

## ପ୍ରଶାସନର ଦୃଷ୍ଟି ଆଢୁଆଳରେ କେନାଲ ବନ୍ଧ ରାସ୍ତାରେ ଗର୍ତ୍ତ : ମରାମତି ହେବ କେବେ

ନିଶ୍ଚିନ୍ତକୋଇଲି, ୬/୧୨ (ନି.ପ୍ର): କେନ୍ଦୁପାଟଣା ଗ୍ରାମ ପଂଚାୟତ କାର୍ଯ୍ୟାଳୟକୁ ପଂଚାୟତବାସୀ ଯିବା ଆସିବା ପାଇଁ ଏହି କେନାଲ ବନ୍ଧ ରାସ୍ତାକୁ ନିର୍ଭର କରିଥାଆନ୍ତି । କାର୍ଯ୍ୟାଳୟକୁ ଯାଆସ କରିବା ପାଇଁ ଅନ୍ୟ ଏକ ରାସ୍ତା ଥିଲେ ମଧ୍ୟ ଏହି କେନାଲ ବନ୍ଧ ରାସ୍ତାଟିରେ ଅଧିକାଂଶ ଲୋକ ଯାଆସ କରିଥାଆନ୍ତି । ଦୀର୍ଘଦିନ ହେବ ଏହି କେନାଲ ବନ୍ଧ ରାସ୍ତାରେ ପଂଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୨୫ରୁ ୩୦ ଫୁଟ୍? ଦୂରତା ମଧ୍ୟରେ ଏକ ବିରାଟ ଗର୍ତ୍ତ ଦୀର୍ଘ ଦିନ ହେବ ହୋଇ ସେମିତି ଖୋଲା ପଡିରହିଛି । କାରବାର ସମୟରେ ଟିକିଏ ଅସାବଧାନତା କାରଣରୁ ଯଦି କେହି ଗର୍ତ୍ତରେ ପଡେ ତାହାହେଲେ ଉକ୍ତ ବ୍ୟକ୍ତି ଖଣ୍ଡିଆ ଖାବରା ହୋଇ ଗୁରୁତର ଆହତ ହେବା ଘଟଣାକୁ ଏଡାଇ ଦିଆଯାଇ ନପାରେ । ତୁରନ୍ତ ଉକ୍ତ ରାସ୍ତାକୁ ମରାମତି କରିବାକୁ ସାଧାରଣରେ ଦାବି ହେଉଛି ।



# ସାମାଜିକ ଏବଂ ମାନବ ବିଜ୍ଞାନରେ ଆଇସିଏସଏସଆର'ର ରିସର୍ଚ୍ଚ ଇଣ୍ଟର୍ନସିପ୍ ପ୍ରୋଗ୍ରାମ ଶୁଭାରମ୍ଭ

## ଦୃଢ଼ ସାମାଜିକ ବିଜ୍ଞାନ ଗବେଷଣା ଭାରତୀୟତାର ସଭ୍ୟତାକୁ ସୁଦୃଢ଼ କରିବା ସହ ଭବିଷ୍ୟତ ପାଇଁ ପଥ ପ୍ରଶସ୍ତ କରୁଛି- ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୬/୧୨ (ନି.ପ୍ର): ଦୃଢ଼ ସାମାଜିକ ବିଜ୍ଞାନ ଗବେଷଣା ଭାରତୀୟତାର ସଭ୍ୟତାକୁ ସୁଦୃଢ଼ କରିବା ସହ ଭବିଷ୍ୟତ ପାଇଁ ପଥ ପ୍ରଶସ୍ତ କରୁଛି ବୋଲି ଗୁରୁବାର ନୂଆଦିଲ୍ଲୀ ଠାରେ ସାମାଜିକ ଓ ମାନବ ବିଜ୍ଞାନରେ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ (ଆଇସିଏସଏସଆର) ଗବେଷଣା ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ହେଉଛି ଏକ ଜୀବନ୍ତ ପ୍ରାଚୀନ ସଭ୍ୟତା । ଆମ ରାଷ୍ଟ୍ର ଭାରତ ନିଜର ମୌଳିକ ଚରିତ୍ରକୁ ବଜାୟ ରଖି ଆଧୁନିକତାକୁ ଗ୍ରହଣ କରିଛି । ସଭ୍ୟତା ଓ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବାରେ ଦୃଢ଼ ସାମାଜିକ ବିଜ୍ଞାନ ଗବେଷଣା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବେଳେ ଆଜିର ପଦକ୍ଷେପ ଭାରତୀୟତାର ସଭ୍ୟତା ମୂଲ୍ୟବୋଧକୁ ସୁଦୃଢ଼ କରିବ ଏବଂ ଭବିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରିବ । ଏହି ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ସାମାଜିକ ବିଜ୍ଞାନର ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବା ସହ ସାମାଜିକ ପ୍ରଗତି ହାସଲ, ବୈଷୟିକ ବ୍ୟବଧାନକୁ ଦୂର କରିବ । ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ବିକଶିତ ଭାରତର ଜାତୀୟ ଉଦ୍ଦେଶ୍ୟ ସହ ଯୋଡ଼ି ହୋଇଥିବା ସାମାଜିକ ବିଜ୍ଞାନ ଗବେଷଣାକୁ ସୁଦୃଢ଼ କରିବ । ଏଆଇ ଭଳି ଟେକ୍ନୋଲୋଜି ଯୋଗୁଁ ଆଜି ଚାକିରି ଶୈଳୀରେ ନିରନ୍ତର ପରିବର୍ତ୍ତନ ହେଉଛି । ଏହି ସମୟରେ ସାମାଜିକ ବିଜ୍ଞାନ କ୍ଷେତ୍ରରେ ଗବେଷଣା ନିଶ୍ଚୟ ସାମାଜିକ ବିକାଶରେ ସହାୟକ ହେବ । ଜାତୀୟ ଶିକ୍ଷା ନୀତିରେ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଗୁଣାତ୍ମକ ସାମାଜିକ ବିଜ୍ଞାନ ଗବେଷଣାର ଆବଶ୍ୟକତାକୁ ସ୍ୱୀକୃତି ଦିଆଯାଇଛି । ଆଇସିଏସଏସଆର ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ବ୍ୟକ୍ତିଗତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଅନେକ ଦକ୍ଷ ଗବେଷକଙ୍କୁ ସୃଷ୍ଟି କରିବ । ଏହି ଗବେଷକମାନେ ପଲିସି ରିସର୍ଚ୍ଚ, ଡାଟା ଆନାଲିସିସ ଓ ସାମାଜିକ କ୍ଷେତ୍ରରେ ଉଦ୍ଭାବନ ଭଳି ଦିଗରେ ବିଶେଷ ଯୋଗଦାନ କରିପାରିବେ । ଯୁବ ସାମାଜିକ ବୈଜ୍ଞାନିକ ଏବଂ ମାନବବାଦୀଙ୍କୁ ନିଯୁକ୍ତିର ପରିବର୍ତ୍ତିତ ଗତିଶୀଳତା ପାଇଁ ପ୍ରସ୍ତୁତ କରିବା ଏବଂ ଜାତୀୟ ବିକାଶ ଦିଗରେ ସେମାନଙ୍କର ଅବଦାନ ସୁନିଶ୍ଚିତ କରିବା ପାଇଁ ଶିକ୍ଷାକୁ ଗବେଷଣା ଦକ୍ଷତା ସହିତ ମିଳାଇବା ପାଇଁ ଆଇସିଏସଏସଆରରେ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଏକ ମୌଳିକ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି । ପାରମ୍ପରିକ ଜ୍ଞାନ ଓ କୌଶଳ ସହିତ ଆଧୁନିକ ଶିକ୍ଷା ଓ କୌଶଳର ସମନ୍ୱୟ ହେଉଛି ଇଣ୍ଟର୍ଣ୍ଣସିପ୍ ଏହି କାର୍ଯ୍ୟକ୍ରମର ବିଶେଷତା । ଏହି ଅବସରରେ ଶ୍ରୀ ପ୍ରଧାନ ଆଇସିଏସଏସଆର ରିସର୍ଚ୍ଚ ଇଣ୍ଟର୍ଣ୍ଣମାନଙ୍କୁ ନିଯୁକ୍ତି ପତ୍ର ବିତରଣ କରିବା ସହ ୟୁଜି, ପିଜି ଏବଂ ଡକ୍ଟରେଟ୍ ଛାତ୍ରଛାତ୍ରୀମାନଙ୍କୁ 'ଭାରତରେ ଏକକାଳୀନ ନିର୍ବାଚନ: ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ' ଶୀର୍ଷକ ଜାତୀୟ ଯୁକ୍ତି ପ୍ରବନ୍ଧ ଲେଖନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ ।

## ହୋମଗାର୍ଡ ପ୍ରତିଷ୍ଠା ଦିବସରେ ସଂଘ କର୍ମକର୍ତ୍ତାଙ୍କ କମଳ ବଣ୍ଟନ



ଫୁଲବାଣୀ ତା,୦୬/୧୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ଗୃହରକ୍ଷୀ ବାହିନୀର ମାଦି କୁନ୍ଦା ପୋଲିସ ପଡିଆରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଜିଲ୍ଲାର ସମସ୍ତ ଥାନାର ହୋମଗାର୍ଡ କର୍ମକର୍ତ୍ତା ମାନଙ୍କୁ ନେଇ ପ୍ରଥମେ ପୋଲିସ ପଡ଼ିଆ ଠାରେ ହୋମଗାର୍ଡ ଆର୍ ଆଇ ଶ୍ରୀ ବାଲୁକେଶ୍ୱର କଚ୍ଛପ, ଜେନେରାଲ ଆର୍ ଆଇ ଶ୍ରୀ ବିର ସିଂ ସବରଙ୍କ ଉପସ୍ଥିତିରେ ଜିଲ୍ଲାର ସମସ୍ତ ଥାନାର ଗୃହରକ୍ଷୀ ମାନଙ୍କ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ହୋମଗାର୍ଡ କମାଣ୍ଡେଣ୍ଟ ତଥା ଆରକ୍ଷୀ ଅଧିକ୍ଷକ ଶ୍ରୀ ଯୁକ୍ତ ହରିଶ୍ ବିସି, ଏବଂ ଆଡିସ ନାଲ ଏସ ପି ଶ୍ରୀ ଯୁକ୍ତ ସ୍ନେହାସିସ ସାହୁଙ୍କ ଉପସ୍ଥିତିରେ ଅତି ସୁନ୍ଦର ଭାବେ ପ୍ୟାରେଡ ପ୍ରଦର୍ଶନ କରାଯାଇଥିଲା । ଅନୁଷ୍ଠାନିକ ଭାବେ ପ୍ରତିଷ୍ଠା ଦିବସର ସମସ୍ତ କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ହୋମଗାର୍ଡ ସଂଘ କର୍ମକର୍ତ୍ତାଙ୍କ ପୂର୍ବ ପ୍ରସ୍ତୁତି ପ୍ରକାରେ ହୋମଗାର୍ଡ ସଂଘ ଶ୍ରୀ ସଭାପତି ପ୍ରଭାତ କୁମାର ସାହାଣୀ,ପ୍ଲାଟୁନ କମାଣ୍ଡର ତଥା କାର୍ଯ୍ୟକାରୀ ସଭାପତି ଅଖୟ କୁମାର ରାୟ ,ହୋମଗାର୍ଡ ସଂଘ ଆବାହକ ତଥା ଉପ ସଭାପତି ବିରାଜ କୁମାର ପ୍ରଧାନ, ସମ୍ପାଦକ ସପନ କୁମାର ମିଶ୍ର, କୋଷାଧ୍ୟକ୍ଷ ଶେଖ୍ ରିହାଜବୁଦ୍ଦିନ, କାର୍ଯ୍ୟକାରୀ ସଦସ୍ୟ ଜୟନ୍ତୀ ଚୈଧୁରୀ,ସାଫରିନ ଖାନ୍ ବିଶେଶ୍ୱର ସାହୁ , ଦିନବନ୍ଧୁ ଦିଗାଲ, ଦୈତାରି ଦିଗାଲ ନାଗାର୍ଜୁନ ବଳିୟାର ସିଂ,ସିମାଞ୍ଚଳ ମୂଖୀ,ନିମେୟୀ ଚରଣ କହଁର,ସରତ ରଣାଙ୍କ ଉପସ୍ଥିତରେ କର୍ମକର୍ତ୍ତା ମାନଙ୍କ ଦ୍ୱାରା ମାଦିକୁନ୍ଦା ଛକ ଜଗନ୍ନାଥ ମନ୍ଦିର ପରିସରରେ ଅସହାୟ ଭିକ୍ଷୁକ ମାନଙ୍କୁ କମଳ ବଣ୍ଟନ କରାଯାଇଥିଲା । ହୋମଗାର୍ଡ ପ୍ରତିଷ୍ଠା ଦିବସରେ ଏପରି ଲୋକାଭିମୁଖୀ କାର୍ଯ୍ୟକ୍ରମ ମାନ ପ୍ରତ୍ୟେକ ବର୍ଷ ହୋମଗାର୍ଡ ସଂଘଠନ ଦ୍ୱାରା କରାଯାଉଥିବାରୁ ସହର ବାସୀ ହୋମଗାର୍ଡ ସଂଘ କର୍ମକର୍ତ୍ତା ମାନଙ୍କୁ ପ୍ରଶଂସା କରିଥିଲେ ।

## ରାଷ୍ଟ୍ରଦୀପ, ଅର୍ଗାନାଇଜର ଓ ପାଂଚଜନ୍ୟ ପକ୍ଷରୁ 'ପାଠକ ସମ୍ମିଳନୀ' ଅନୁଷ୍ଠିତ

ଭୁବନେଶ୍ୱର, ୬/୧୨ (ନି.ପ୍ର): ରାଷ୍ଟ୍ରୀୟ ବିଚାରଧାରା ଆଧାରିତ ସାପ୍ତାହିକ ପତ୍ରିକା ରାଷ୍ଟ୍ରଦୀପ, ଅର୍ଗାନାଇଜର ଓ ପାଂଚଜନ୍ୟ ତରଫରୁ ବୁଧବାର ସଂଧ୍ୟାରେ ସରସ୍ୱତୀ ଶିଶୁ ମନ୍ଦିର, ୟୁନଟ-୬, ଭୁବନେଶ୍ୱର ଠାରେ ପାଠକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର କୁଟୁମ୍ବ ପ୍ରବୋଧନ ପ୍ରାନ୍ତ ପ୍ରମୁଖ ବୈକୁଣ୍ଠନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରଦୀପର ସମ୍ପାଦକ ଚିତରଂଜନ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ ଯେ, ରାଷ୍ଟ୍ରଦୀପ, ପାଂଚଜନ୍ୟ ଓ ଅରଗାନାଇଜର ଆମେ କାହିଁକି ପାଠ କରିବା ଏହାର ଉତର ହେଉଛି ଆମେ ଭାରତକୁ ଜାଣିବା, ଭାରତକୁ ଅନୁଭବ କରିବା ଏବଂ ଭାରତକୁ ଭାରତ ରୂପେ ପ୍ରତିଷ୍ଠା କରିବା ପାଇଁ ପ୍ରୟାସ କରିବା । ଭାରତ ବିଷୟରେ ଇଂରେଜମାନେ ଯେଉଁ ଦୃଷ୍ଟିକୋଣ ଆମକୁ ଦେଇ ଯାଇଛନ୍ତି ତାହା ହେଉଛି ଅସତ୍ୟ ଉପରେ ଆଧାରିତ ବିମର୍ଶ, ଭାରତ ଏକ ରାଷ୍ଟ୍ରନୁହେଁ ଅନେକ ରାଷ୍ଟ୍ରର ସମାହାର, ଭାରତର ଇତିହାସ କେବଳ ପରାଜିତ ରାଜାମାନଙ୍କର ଇତିହାସ, ଆର୍ଯ୍ୟମାନେ ଏଠାକାର ମୂଳ ଅଧିବାସୀ ନୁହଁନ୍ତି ସେମାନେ ବାହାରୁ ଆସିଛନ୍ତି, ଭାରତର ବେଦ ବେଦାନ୍ତ ପୁରାଣ ସାହିତ୍ୟ ଆଦି ସବୁଗୁଡ଼ିକ ହେଉଛି ମିଥ୍ (ମାଇଥୋଲୋଜି), ଭାରତ ଏକ ଅନାହାର ଓ ଅର୍ଦ୍ଧାହାରରେ ସଢୁଥିବା ଗରିବ ଦେଶ ଇତ୍ୟାଦି । ରାଷ୍ଟ୍ରଦୀଘ ବର୍ଷ ଧରି ବିଭିନ୍ନ ସାହିତ୍ୟ, ଶିକ୍ଷାନୁଷ୍ଠାନ ଓ ବାହାରର ପତ୍ରପତ୍ରିକାଗୁଡ଼ିକ ମାଧ୍ୟମରେ ଭାରତ ବିଷୟରେ ଏସବୁ ନକାରାତ୍ମକ ବିମର୍ଶକୁ ଭାରତୀୟ ସମାଜରେ ପ୍ରତିଷ୍ଠା କରି ଦିଆଯାଇଛି । ଏପରି ଭାବେ ଏକ ବିଶାଳ ବୁଦ୍ଧିଜୀବୀ ସମାଜ ଆଜି ଭାରତବର୍ଷରେ ସୃଷ୍ଟି ହୋଇଛନ୍ତି । କିନ୍ତୁ




ଆମ ସାପ୍ତାହିକ ପତ୍ରିକାରେ ପ୍ରକାଶ ପାଉଥିବା ଲେଖାଗୁଡ଼ିକୁ ନିୟମିତ ଚର୍ଚ୍ଚା ଆଲୋଚନା କରିବା ଫଳରେ ଅସତ୍ୟ ଆଧାରିତ ବିମର୍ଶ ଦ୍ୱାରା ଆମ ଦେଶର କଣ ସବୁ କ୍ଷତି ହେଉଛି ତାହା ଜାଣିହେବ । ସ୍ୱାମୀ ବିବେକାନନ୍ଦଙ୍କ ଅନୁସାରେ ଯେତେବେଳେ ଏ ଦେଶର ଉଚ୍ଚ ଶିକ୍ଷିତ ବୁଦ୍ଧିଜୀବୀ ସମାଜ ଭାରତକୁ ଅଧ୍ୟୟନ କରିବ ଓ ଅନୁଭବ କରିବ ଏବଂ ଭାରତକୁ ଭାରତ ଭାବେ ପ୍ରତିଷ୍ଠା କରିବାକୁ ଚେଷ୍ଟା କରିବ ସେତେବେଳେ ଏଠାରେ ଭାରତ ବିଶ୍ୱଗୁରୁ ହେବାର ପ୍ରକ୍ରିୟା ଆରମ୍ଭ ହେବ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂଜନୀୟ ସରସଂଘଚାଳକ ଶ୍ରୀଗୁଜୀଙ୍କ ପ୍ରେରଣାରେ ଆରମ୍ଭ ହୋଇଥିବା ରାଷ୍ଟ୍ରଦୀପ ପାଞ୍ଚଜନ୍ୟ ଓ ଅରଗାନାଇଜର ଏହି ମହତ କାର୍ଯ୍ୟକୁ ଦୀର୍ଘ ବର୍ଷ ଧରି କରିଚାଲିଛି । ପ୍ରତ୍ୟେକ ପତ୍ରିକା ପାଇଁ ପାଠକ ହେଉଛନ୍ତି ଶ୍ରେଷ୍ଠ ପରାମର୍ଶଦାତା । ତେଣୁ ପାଠକମାନଙ୍କ ସହ ମତ ବିନିମୟରେ ସର୍ବଶ୍ରୀ ପ୍ରଦୀପ ନାୟକ, ଗଣେଶ୍ୱର ଶତପଥି, ସୁଦାମ ଚରଣ ନାୟକ ପ୍ରମୁଖ ଅନେକ ପାଠକ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ବନଦୁର୍ଗା ସଂସ୍କାର କେନ୍ଦ୍ରର ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ଓ ବନ୍ଦେମାତରମ୍? ଗାନ କରିଥିଲେ । ବିଜୟ କେତନ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ନିଳମଣୀ ମହାପାତ୍ର ପାଠକ ସମ୍ମିଳନୀର ଆଭିମୁଖ୍ୟ ସଂପର୍କରେ ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହିରଣମୟ ଦାଶ, ମାଳତୀ ମହାପାତ୍ର,ତାପସ ଜେନା, ଦିଲ୍ଲୀପ ପତି, ଅର୍ଜୁନ ଚରଣ ନାୟକ ଓ ରାଷ୍ଟ୍ରଦୀପର ପରିଚାଳକ ଜ୍ୟୋତି ପ୍ରକାଶ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ରଘୁନାଥପୁର ପଞ୍ଚାୟତ ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ



ଜଗତସିଂହପୁର ୬/୧୧ (ନିପ୍)ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ତଥା ରଘୁନାଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶତାୟୁ ପୁରସ ରମକୃଷ୍ଣପ ଣ୍ଡା ଓରଫ ସୁକ ନାନାଙ୍କ ଗୁରୁବାର ସନ୍ଧ୍ୟା ୬ଟା ରେ ରଘୁନାଥପୁର ସ୍ଥିତ ବାସଭବନରେ ମୃତୁ ଘଟିଛି । ସ୍ୱର୍ଗତ ପଣ୍ଡା ଜଣେ ବିଶିଷ୍ଟ ରାଜନୀତିଜ୍ଞ ଭାବେ ବେଶ ପରିଚିତ । ସେ ଏହି ପଞ୍ଚାୟତରେ ତିନିଥର ସରପଞ୍ଚ ନିର୍ବାଚିତ ହେବା ସହିତ ରଘୁନାଥପୁର ବଜାର କମିଟି ର ସଭାପତି ମଧ୍ୟ ଥିଲେ। ସ୍ୱର୍ଗତ ପଣ୍ଡାଙ୍କ ମୃତୁ ଖବର ପ୍ରଚାର ହେଲାପରେ ରଘୁନାଥପୁର ସରପଞ୍ଚ ସୁଚିତ୍ରା ପଣ୍ଡା,ସମାଜସେବୀ ତଥା ବିଜେଡି ନେତା ଚନ୍ଦ୍ରକାନ୍ତ ପଣ୍ଡା ଓ ଆଇନିଜୀବୀ ଗଗନ ଦାଶ ସମେତ ଅଞ୍ଚଳର ବହୁ ମନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ପଣ୍ଡାଙ୍କ ବାସଭବନରେ ପହଞ୍ଚି ସେସ ଦର୍ଶନ କରିଥିଲେ । ପରେ ଶୋକାକୁଳ ପରିବେଶ ମଧ୍ୟରେ ସ୍ୱର୍ଗତ ପଣ୍ଡାଙ୍କୁ ନିଜ ଗ୍ରାମ ସ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ମାଧ୍ୟମ ପୁତ୍ର ଅବସରପ୍ରାପ୍ତ ବିଚାରପତି ରାମନାଥ ପଣ୍ଡା ମୁଖାଗ୍ନି ଦେଇଥିଲେ ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ନୂତନ ସର୍ଭେ ସଂପର୍କରେ ସୂଚନା ପ୍ରଦାନ



ନିଶ୍ଚିନ୍ତକୋଇଲି, ୬/୧୨ (ନି.ପ୍ର):ପଂଚାୟତରାଜ ଓ ପାନୀୟ ଜଳ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଅଧିନସ୍ଥ ନୂତନ ତଦନ୍ତ ସଂପର୍କରେ ସୂଚନାର ଏକ ଆଲୋଚନା ଚକ୍ର ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅନ୍ତର୍ଗତ କଟକ ସଦର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ମହମ୍ମଦପୁର ଗ୍ରାମ ପଂଚାୟତ ମିଶନଶକ୍ତି ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମ ପଂଚାୟତର ସରପଂଚ ଶ୍ରୀମତୀ ପ୍ରତିଭା ବେହେରା, ପୂର୍ବତନ ସରପଂଚ ସରୋଜ କୁମାର ବେହେରା, ପୂର୍ବତନ ନିଶ୍ଚିନ୍ତକୋଇଲି ସମିତି ଅଧ୍ୟକ୍ଷ ନରେନ୍ଦ୍ର ବାରିକ, ପୂର୍ବତନ ସରପଂଚ ଶାରଦା ନାୟକ, ନାଏବ ସରପଂଚ ପଞ୍ଚାନନ ସାହୁ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଝିଲ୍ଲୀ ବେହେରା, ନୋଡାଲ ଅଫିସର ତୁଷାର ପ୍ରଧାନ ପ୍ରମୁଖ ଉପସ୍ଥିତ ହୋଇ ବୈଠକରେ ଯୋଗଦେଇଥିବା ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଅଧିନସ୍ଥ ନୂତନ ତଦନ୍ତ ସଂପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସେକ୍ ସାବିର୍ ଅଲୀ, ସେକ୍ ସୋଫିଆନ୍ ଅଲୀ, ସେକ୍ ଜଲାଲଉଦ୍ଦିନ, ପ୍ରମୋଦ ନାୟକ, ଶିଶିର ରାଉଳ, ଶିବପ୍ରସାଦ ମଲ୍ଲ ପ୍ରମୁଖଙ୍କ ସମେତ ପଂଚାୟତର ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଯୋଗଦେଇଥିଲେ ।

## ପାଟଣା ଠାରେ ମାଣ୍ଡିଆ ଚାଷ ସମ୍ବନ୍ଧୀୟ ଦ୍ୱି-ଦିବସୀୟ ତାଲିମ ଶିବିର ସମ୍ପନ୍ନ



ପାଟଣା, ୬/୧୨ (ନି.ପ୍ର): ପାଟଣା ବ୍ଲକ କୃଷି ସୂଚନା ପରାମର୍ଶ କେନ୍ଦ୍ରରେ ଡିସେମ୍ବର ୩ ଓ ୪ ଦୁଇଦିନ ଧରି ଲାଭଜନକ ମାଣ୍ଡିଆ ଚାଷ ଉପରେ ଆଦିବାସୀ ଅଧ୍ୟୁଷିତ ଡୁମୁରିଆ, ଏରେଣ୍ଡେଇ, ଚିନାମାଳିପଶି ଏବଂ ଟାଙ୍ଗରପଡା ପଞ୍ଚାୟତର ୧୬ ଜଣ ମହିଳା ଓ ପୁରୁଷ ଚାଷୀଙ୍କ ସହ ଗ୍ରାମ ସମ୍ବଳ ବ୍ୟକ୍ତି ମାନଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଜିଲ୍ଲା ଖଣିଜ ପାଣ୍ଠି ଓ ଶ୍ରୀଅନ୍ନ ସହଯୋଗରେ ଭାରତ ସଂଗଠନ ଓ ଶ୍ରୀଅନ୍ନ ଅଭିଯାନ ପକ୍ଷରୁ ଅନୁଷ୍ଠିତ ଏହି ତାଲିମ ଶିବିରରେ ପ୍ରଥମ ଦିନରେ କେନ୍ଦୁଝର ଜିଲ୍ଲା କୃଷି ଅଧିକାରୀ ସୁଧି ରଞ୍ଜନ ବେହେରା, ମିଲେଟ ମିଶନ ଜିଲ୍ଲା ସହ ପ୍ରକଳ୍ପ ସଂଯୋଜକ ସମୀର ଦାଶ, ଶ୍ରୀଅନ୍ନ ଯୋଜନାର ଆନା ସେଠ ପ୍ରମୁଖ ଓ ଦ୍ୱିତୀୟ ଦିବସରେ ଅତିଥି ଭାବେ ପାଟଣା ଗୋଷ୍ଠୀ କୃଷି ଅଧିକାରୀ ବର୍ଷା ବୈଶାଳୀ ଯୋଗ ଦେଇ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଗୁଡିକରେ ମାଣ୍ଡିଆ ଚାଷ ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରିବା ଓ ଲାଭଜନକ ମାଣ୍ଡିଆ ଚାଷ ସମ୍ପର୍କରେ ସବିଶେଷ ପ୍ରଶିକ୍ଷଣ ଦେଇଥିଲେ । ଶ୍ରୀଅନ୍ନ ଅଭିଯାନର ବ୍ଲକ ସହ-ସଂଯୋଜକ ତଥା ଭାରତ ସଂଗଠନର ତ୍ରିଲୋଚନ ମହାନ୍ତ ଶିବିର ପରିଚାଳନା କରିଥିବା ବେଳେ ୭ ଜଣ ସିଆରପି କାର୍ଯ୍ୟକ୍ରମରେ ସାମିଲ ଥିଲେ ।

## ଏକ ମାସରୁ ଉର୍ଦ୍ଧ୍ୱ ହେବ ତହସିଲଦାର ପଦବୀ ଖାଲି - ଜଣେ ଅତିରିକ୍ତ ତହସିଲଦାରଙ୍କ ଭରଷାରେ ତହସିଲ କାର୍ଯ୍ୟାଳୟ

କଣାସ, ୬/୧୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ତହସିଲ କାର୍ଯ୍ୟାଳୟରେ ଏକ ମାସରୁ ଉର୍ଦ୍ଧ୍ୱ ହେବ ତହସିଲଦାର ପଦବୀ ଖାଲି ପଡ଼ିଛି । ଏହି କାରଣରୁ କଣାସ ବ୍ଲକର ୨୮ଗୋଟି ପଞ୍ଚାୟତର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଜଣାପଡିଛି । ଏଠାରେ ପୂର୍ବରୁ ଥିବା ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସତ୍ୟବାଦୀ ତହସିଲଦାର ଭାବେ ବଦଳି ହେବାପରେ ପ୍ରାୟ ଏକ ମାସରୁ ଉର୍ଦ୍ଧ୍ୱ ହେବ କଣାସରେ ତହସିଲଦାର ପଦବୀ ଖାଲି ପଡ଼ିଛି । ଖବର ନେବାରେ ଜଣାପଡିଛି ସାଧାରଣ ଲୋକମାନେ ନିଜର ଜମିଜମା ରେକର୍ଡ ସଂଶୋଧନ, ମିୟୁଟେଶନ, ପଟ୍ଟା, ପାଉତି, ଆଇନ ଶୃଙ୍ଖଳା ପରିସ୍ଥିତି ଓ ସପ୍ତାହକୁ ଦୁଇଦିନ ମଙ୍ଗଳବାର ଓ ଶୁକ୍ରବାର ଜମିଜମା ବିକ୍ରି-ଖରିଦ ରେଜିଷ୍ଟ୍ରି କାର୍ଯ୍ୟ ରହୁଥିବାରୁ ତହସିଲ କାର୍ଯ୍ୟ ଠିକ୍ ଭାବରେ ହୋଇପାରୁ ନଥିବା ବେଳେ ଲୋକମାନେ ନିରାଶ ହୋଇ ଫେରୁଥିବା ଜଣାପଡିଛି ।ଗୋଟିଏ ତହସିଲ କାର୍ଯ୍ୟାଳୟରେ ଜଣେ ତହସିଲଦାର ଓ ଦୁଇଜଣ ଅତିରିକ୍ତ ତହସିଲଦାର ରହିବାର ନିୟମ ଥିବା ବେଳେ ଏଠାରେ ଜଣେ ଅତିରିକ୍ତ ତହସିଲଦାର ରହି ସମସ୍ତ କାର୍ଯ୍ୟ କରୁଥିବାରୁ ଅତି ଜରୁରୀ କାର୍ଯ୍ୟ ଗୁଡ଼ିକ ସଠିକ ସମୟରେ ହୋଇପାରୁନଥିବା ଅଭିଯୋଗ ହୋଇଛି ।ସରକାର ତୁରନ୍ତ ଏଠାରେ ତହସିଲଦାର ନିଯୁକ୍ତି ଦେବା ପାଇଁ ସାଧାରଣରେ ଦାବି ହୋଇଛି ।



# ତୈଳଭଣ୍ଡାର ବନାମ କଳାପଥର ଖାଦାନ



ଯାଜପୁର,୬।୧୨: ଯାଜପୁର ଜିଲା ଧର୍ମଶାଳା ତହସିଲ ଡଙ୍କାରୀ ପାହାଡ଼ ପାଦଦେଶରେ ଦେଶର ୪ର୍ଥ ବୃହତ୍ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ପାଇଁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ମିଳିଥିଲା। ହେଲେ ଏହି ପ୍ରକଳ୍ପ ନିର୍ମାଣ ଦ୍ୱାରା ପ୍ରାୟ ୧୬ଟି କଳାପଥର ଖାଦାନରୁ ଆଦାୟ ହେଉଥିବା ୧୪୧୩ କୋଟି ୮୬ ଲକ୍ଷ ୯୧ ହଜାର ୮୩୦ ଟଙ୍କା ରାଜ୍ୟ ସରକାର ରାଜସ୍ୱ ହରାଇବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇ ରିପୋର୍ଟ ଦିଆଯାଇଥିଲା। ଏଭଳି ଭାବେ ପରୋକ୍ଷରେ ଏହି ପ୍ରକଳ୍ପ ପ୍ରତିଷ୍ଠା କରାଇ ନ ଦେବାକୁ ସେତେବେଳେ ଷଡଯନ୍ତ୍ର ରଚାଯାଇଥିଲା ବୋଲି ଚର୍ଚ୍ଚା ହୋଇଥିଲା। ଲଘୁ ଖଣିଜ ଦ୍ରବ୍ୟ ତଥା ମୂଲ୍ୟବାନ ଗ୍ରାନାଇଟ ପଥରରେ ଭରପୂର ଡଙ୍କାରୀ ପାହାଡର ମାତ୍ର ୧୫ ପ୍ରତିଶତ ଅଞ୍ଚଳ ଏହି ତୈଳ ଭଣ୍ଡାର ପରିସରଭୁକ୍ତ ହେବ ବୋଲି ଇଣ୍ଡିଆନ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଲିଃ (ଆଇଏସ୍‌ପିଆରଏଲ୍)ର ଡେପୁଟି ସିଇଓ ଅଜୟ ଦାସୋରେ ସ୍ପଷ୍ଟ କରିଥିଲେ। ତଥାପି ୬ ବର୍ଷ ହେଲା ଏହି ପ୍ରକଳ୍ପ ଝୁଲିରହିଛି। ଇତିମଧ୍ୟରେ ରାଜ୍ୟ ସରକାର ସେହି ଡଙ୍କାରୀ ପାହାଡ ପାର୍ଶ୍ୱ ବରଡ଼ା ମୌଜାରେ ଅଣ୍ଡର ଗ୍ରାଉଣ୍ଡ୍ ଡିଜେଲ ଷ୍ଟୋରେଜ(ଭୂତଳ ଡିଜେଲ ଭଣ୍ଡାର) ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ଅନୁରୂପ ଭାବେ ବରଡ଼ା ମୌଜାରେ ମଧ୍ୟ ୫ଟି ମୂଲ୍ୟବାନ କଳାପଥର ଖାଦାନ ରହିଛି। ତେଣୁ ସୁରକ୍ଷା ଓ ନିରାପଦ ଦୃଷ୍ଟିରୁ ଉକ୍ତ ଖାଦାନଗୁଡ଼ିକୁ ବନ୍ଦ କରାଯାଇପାରେ। ଏହିକ୍ରମରେ ପ୍ରସ୍ତାବିତ ଭୂତଳ ଡିଜେଲ ଭଣ୍ଡାର ପ୍ରକଳ୍ପ ବି ସଫଳ ହେବ କି ନାହିଁ ସେନେଇ ସନ୍ଦେହ ସୃଷ୍ଟି ହେଉଛି। ରାଜ୍ୟ ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଗ ଜାରକା ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ ପତ୍ରରୁ ମିଳିଥିବା ସୂଚନା ଅନୁସାରେ ବରଡ଼ା ମୌଜାରେ ଏକ ଭୂତଳ ଡିଜେଲ ଭଣ୍ଡାର ପ୍ରତିଷ୍ଠା କରିବାକୁ ଯୋଜନା ରହିଛି। ୧୨।୧୧।୨୦୨୪ରେ ନିର୍ବାହୀ ଯନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୫୦୭୬ରେ ଯାଜପୁରର ଅତିରିକ୍ତ ଜିଲାପାଳଙ୍କୁ ଏହି ପ୍ରକଳ୍ପ ପ୍ରତିଷ୍ଠା ହେଲେ କୌଣସି ସମସ୍ୟା ହେବ ନାହିଁ ବୋଲି ଏନ୍‌ଓସି ପ୍ରଦାନ କରିଛନ୍ତି। ତେବେ ଏହି ପ୍ରକଳ୍ପର ଅନ୍ୟାନ୍ୟ ବିଷୟ ତଥା ବ୍ୟୟ ଅଟକଳ, ଜମି ପରିମାଣ ଇତ୍ୟାଦି ସଂକ୍ରାନ୍ତରେ ଏଯାଏ ସୂଚନା ମିଳି ପାରିନାହିଁ। ସୂଚନାଯୋଗ୍ୟ ଯେ, ବରଡ଼ା ମୌଜାରେ ପ୍ରାୟ ୪୦ ଏକର ଅଞ୍ଚଳରେ ୫ଟି କଳାପଥର ଖାଦାନ ରହିଛି। ସେଥିରୁ ଅଜିତ ସାହୁଙ୍କୁ ୪ଟି ଏବଂ ପ୍ରକାଶ ନାୟକଙ୍କୁ ୧ଟି ଖାଦାନ ଲିଜ୍ ସୂତ୍ରରେ ଦିଆଯାଇଛି। ତେବେ ଜରିମାନା ଦାଖଲ ନୋଟିସ ପରେ ଅଜିତଙ୍କ ୪ଟି ଖାଦାନ ବନ୍ଦ ପଡ଼ିଥିବା ସୂଚନା ମିଳିଛି। ଏହି ମୌଜାରୁ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୨ କୋଟି ଟଙ୍କା ରାଜସ୍ୱ ପାଉଛନ୍ତି। ଡଙ୍କାରୀ ପାହାଡ଼ରେ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରକଳ୍ପ ଝୁଲିରହିବା ପଛରେ କଳାପଥର ଖାଦାନରୁ ରାଜସ୍ୱ ଆୟ ଏବଂ ପ୍ରଭାବଶାଳୀଙ୍କ ପ୍ରଭାବ ବୋଲି କୁହାଯାଉଛି। ତେଣୁ କଳାପଥର ଖାଦାନ ଅଞ୍ଚଳରେ ପୁଣି ଭୂତଳ ଡିଜେଲ ଭଣ୍ଡାର ନିର୍ମାଣ ପ୍ରସ୍ତାବ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ସମୟ ହିଁ କହିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଗାନ୍ଧିମାର୍ଗରେ ଗର୍ଜିଲେ କଳା ଓ କ୍ରୀଡ଼ା ଶିକ୍ଷକ



ଭୁବନେଶ୍ୱର, ୬.୧୨ : ରାଜ୍ୟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ନିଯୁକ୍ତିପ୍ରାପ୍ତ ସମସ୍ତ ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ନେଇ ଗଠିତ ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ତରଫରୁ ଚାକିରି ନିୟମିତ ଦାବିରେ ଗୁରୁବାର କଂଗ୍ରେସ ଭବନ ସମ୍ମୁଖରୁ ଏକ ବିଶାଳ ରାଲିରେ ବାହାରି ଲୋୟର ପିଏମ୍‌ଜି ଅଭିମୁଖେ ଯାଇଥିଲା। ସେଠାରେ ପୋଲିସ୍ ବ୍ୟାରିଗେଟ ପାଖରେ ପହ□ ପୋଲିସ୍ ପ୍ରଶାସନଙ୍କୁ ସମ୍ମାନ ଜଣାଇ ସେହିଠାରେ ଶଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାରେ ରାଜ୍ୟର ସମସ୍ତ ଜିଲ୍ଲା, ରାଜ୍ୟ ନେତୃତ୍ୱମାନେ ୧୨ ବର୍ଷର ଏକ କୁତ୍ସିତ ପ୍ରଥା ପାର୍ଟ ଟାଇମକୁ ଉଚ୍ଛେଦ କରି କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ନୂତନ ସରକାରଙ୍କୁ ଅନୁରୋଧ କରିଥିଲେ। ଦୀର୍ଘ ୧୨ ବର୍ଷ ଧରି ସ୍ୱଳ୍ପ ପାରିଶ୍ରମିକରେ ବିଦ୍ୟାଳୟକୁ ଯାଇ କାର୍ଯ୍ୟ କରିବା ବର୍ତ୍ତମାନ ମହଙ୍ଗା ଯୁଗରେ ସମ୍ଭବପର ହୋଇପାରୁ ନାହିଁ। ସମାଜରେ ମୁଣ୍ଡ ଟେକି ଚାଲିବା କଷ୍ଟକର ହୋଇପଡ଼ିଛି। ଶିକ୍ଷକ ସମ୍ପ୍ରଦାୟ ମଧ୍ୟ ଉପହାସ କଲେଣି। ତେଣୁ କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କ ଏ ସମସ୍ତ ବିଷୟ ସରକାରଙ୍କୁ ଅବଗତ କରାଇବା ସହ ପାର୍ଟ ଟାଇମ ନିଯୁକ୍ତିକୁ ନିୟମିତ କରିବା ଦାବିରେ ଅଟଳ ରହିଥିଲେ। ସରକାରଙ୍କ ଦପ୍ତରରୁ କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ଡାକରା ଆସିଥିଲେ ମଧ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରିବୁ ବୋଲି ଡେଲିସେସନକୁ କଳା ଓ କ୍ରୀଡ଼ା ଶିକ୍ଷକମାନେ ଜଣାଇଥିଲେ। ତେଣୁ ଆନ୍ଦୋଳନରେ ଉପସ୍ଥିତ ମହାସଂଘର ସଭାପତି ପାଣ୍ଡବ ବିଶିଙ୍କ ମତାମତ ଅନୁସାରେ ଯେପର୍ଯ୍ୟନ୍ତ ଏକ ସୌଜନ୍ୟମୂଳକ ଆଲୋଚନା ହୋଇ କଳା ଓ କ୍ରୀଡ଼ା ଶିକ୍ଷମାନଙ୍କୁ ନିୟମିତ କରିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରସ୍ତାବ ପ୍ରେରଣ କରାଯାଇ ନାହିଁ, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ମହାସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି।

## ଯାଜପୁର ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

ଯାଜପୁର, ତା ୦୬.୧୨.୨୦୨୪ ରିଖ : ଆଜି ପୂର୍ବାହ୍ନରେ ଯାଜପୁର ଜିଲ୍ଲା କୃଷି ବିଭାଗ ର ଏଫ୍.ଆଇ. ଏ.ସି ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ଅଧ୍ୟକ୍ଷତା କରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅରୁଣ କୁମାର ବେହେରା କହିଲେ ଚଳିତ ବର୍ଷ ବିଶ୍ୱ ମୃତ୍ତିକା ଦିବସର ବିଷୟ ବସ୍ତୁ 'ମୃତ୍ତିକାର ପରିମାପ, ପର୍ଯ୍ୟବେକ୍ଷଣ ଓ ପରିଚାଳନା' ରାଜ୍ୟ ସରକାରଙ୍କ ତରଫରୁ ଧାର୍ଯ୍ୟ କରାଯାଇଛି । ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବରାଳ ଯୋଗଦେଇ କହିଲେ ଯେ ମାଟି ଆମର ମା' ମୃତ୍ତିକା ର ସଂରକ୍ଷଣ ହେଲେ ପରିବେଶର ସଂରକ୍ଷଣ କରାଯାଇପାରିବ। ଆମେ ପାରମ୍ପରିକ ଖତରେ ଚାଷ କଲେ ଓ ଜୈବିକ ଖତର ବହୁଳ ବ୍ୟବହାର କରିବା ଦ୍ୱାରା ମାଟିର ଉର୍ବରତା ବଢିବା ସହ ମାଟିର ସଂରକ୍ଷଣ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମାଟିର ପରୀକ୍ଷା କରାଯାଇ ମାଟି ଆବଶ୍ୟକ କରୁଥିବା କେଉଁ ସାର ଓ କେତେ ପରିମାଣର ବ୍ୟବହାର କରିବା ଦ୍ୱାରା ମାଟିର ଉର୍ବରତା ବଢ଼ିପାରିବ, ମାଟିର ଉର୍ବାରତା ବଢିଲେ ଉତ୍ପାଦନ ବଢିବା ସହିତ ଚାଷୀ ମଧ୍ୟ ଲାଭାଦାୟୀ ହୋଇପାରିବେ।ଚାଷୀ ଭାଇମାନେ କିଭଳି ଜୈବିକ ଖତ ବ୍ୟବହାର କରିବେ, ଚାଷୀଭାଇମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା କୃଷି ଅଧିକାରୀଙ୍କୁ ଅନୁରୋଧ କରିଥିଲ।

## ଆଗକୁ ବଢ଼ିଲା ମୂଳଖରସ୍ରୋତା ପୁନରୁଦ୍ଧାର ପ୍ରକ୍ରିୟା

ରସୁଲପୁର,୬।୧୨: ରସୁଲପୁର ବ୍ଲକ ଅଧୀନ ଟିକରପଡ଼ାଠାରେ ମୂଳଖରସ୍ରୋତା ନଦୀ ଉପର ମୁଣ୍ଡରେ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ପ୍ରକ୍ରିୟା ଆଉ ପାଦେ ଆଗକୁ ବଢିଛି। ସ୍ଲୁଇସ୍ ଗେଟ୍ ନିର୍ମାଣ ଓ ନଦୀ ପୁନରୁଦ୍ଧାର ପ୍ରକଳ୍ପକୁ ବୈଷୟିକ ମଞ୍ଜୁରୀ ମିଳିଛି। ପ୍ରକଳ୍ପ ନିର୍ମାଣକୁ ନେଇ ଆବଶ୍ୟକଥିବା ବ୍ୟୟବରାଦକୁ ନେଇ ଖୁବ୍ ?ଶୀଘ୍ର ଟେଣ୍ଡର ପ୍ରକ୍ରିୟା ପାଇଁ ବାଟ ଫିଟିପାରିଛି ବୋଲି କୋରେଇ ବିଧାୟକ ଆକାଶ ଦାସନାୟକ ସୂଚନା ଦେଇଛନ୍ତି। ବିଧାୟକ ଦେଇଥିବା ପ୍ରତିଶ୍ରୁତି ମୁତାବକ କାର୍ଯ୍ୟ ଜାରିରଖିଛନ୍ତି। ମୃତ ନଦୀକୁ ଚୀରସ୍ରୋତା କରିବା ସହ ନଦୀ ଅବବାହିକାରେ ବସବାସ କରୁଥିବା ୭ ପଞ୍ଚାୟତର ଜନସାଧାରଣଙ୍କ ଜଳ ସମସ୍ୟା ଦୂର କରିବା ତାଙ୍କର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ବନ୍ୟା ନିୟନ୍ତ୍ରଣ ଆଳରେ ମୂଳ ଖରସ୍ରୋତା ନଦୀ ଉପର ମୁଣ୍ଡରେ ବନ୍ଧ ବାନ୍ଧି ଦିଆଯାଇ ଚିରାଚରିତ ଜଳ ପ୍ରବାହ ଧାରାକୁ ସବୁଦିନ ପାଇଁ ବନ୍ଦ କରି ଦିଆଯାଇଥିଲା। ଉପର ମୁଣ୍ଡରୁ ଜଳ ପ୍ରବାହିତ ନ ହେବାରୁ ନଦୀ ମୃତ ଭଳି ପଡ଼ି ରହିଛି। ବିଭିନ୍ନ ସ୍ଥାନରେ ନଦୀରେ ଅନାବନା ଗଛ, ସନ୍ତସନ୍ତିଆ ସ୍ଥାନରେ ବିଲାତି ଦଳ, କାଶତଣ୍ଡି, ଗୁଳ୍ମ, ଗଛଲତା ଭଳି ଘଞ୍ଚ ଜଙ୍ଗଲିଆ ସ୍ଥାନଗୁଡ଼ିକ ବିଷଧର ସରିସୃପଙ୍କ ବାସସ୍ଥଳି ପାଲଟିଛି। ନଦୀ ଗର୍ଭରେ ଜଳ ଅଭାବରୁ ଭୂ-ତଳ ଜଳସ୍ତର କମିଯିବା ସହ ଚାଷକାର୍ଯ୍ୟ ଜଳସେଚନର ଅସୁବିଧା, ନଦୀକୂଳବାସୀଙ୍କୁ ଦୈନନ୍ଦିନ ଚଳନିରେ ଶୌଚ ହେବା, ଶୁଦ୍ଧିକ୍ରିୟା ଆଦି କାର୍ଯ୍ୟରେ ବାଧା ଉପୁଜିବା, ନଦୀ ଅବବାହିକାରେ ବସବାସ କରୁଥିବା ଲୋକେ ଓ ପ୍ରାଣୀମାନଙ୍କ ପାଇଁ ସାପ ବିପଦ ସୃଷ୍ଟି କରୁଛନ୍ତି। ଏଭଳି ଅସୁବିଧାରୁ ମୁକୁଳିବା ପାଇଁ ନଦୀକୁଳବାସୀଙ୍କୁ ନେଇ ଗଠିତ ମୂଳଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ନଦୀ ପୁନରୁଦ୍ଧାର ପାଇଁ ଅନ୍ୟୁନ୍ ? ୧୨ବର୍ଷରୁ ଊର୍ଦ୍ଧ୍ୱ ହେବ ଦାବି ହୋଇଆସୁଛି। ସମିତି ସଭାପତି ବେଣୁଧର ଦୋବାଇ ନଦୀର ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି, ଜଳସମ୍ପଦ ମନ୍ତ୍ରୀ, କୋରେଇ ଓ ଧର୍ମଶାଳା ବିଧାୟକଙ୍କୁ ଲିଖିତ ଭାବରେ ଅବଗତ କରି ଆସୁଛନ୍ତି। ୨୦୧୪ରେ ନଦୀ ପୁନରୁଦ୍ଧାର ସମିତି ପକ୍ଷରୁ କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେତେବେଳେ ନଦୀ ପୁନରୁଦ୍ଧାର ପାଇଁ ବିଧାୟକ ପ୍ରୟାସ କରିଥିଲେ। ଏବେ ସେହି ପ୍ରୟାସ ଓ ଲକ୍ଷ୍ୟକୁ ପୂର୍ଣ୍ଣାଙ୍ଗୀକରଣ କରିବା ପାଇଁ ବିଧାୟକ ଅଣ୍ଟା ଭିଡ଼ିଛନ୍ତି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନାକରି ଅଞ୍ଚଳବାସୀଙ୍କଦାବିକୁ ତୁରନ୍ତ ପୂରଣ କରାଯିବ ବୋଲି ସୂଚନା ଦେଇଛନ୍ତି। ନଦୀ ପୁନରୁଦ୍ଧାର ପ୍ରକଳ୍ପକୁ ବୈଷୟିକ ମଞ୍ଜୁରୀ ମିଳିବା ଖବର ଜାଣିବା ପରେ ସମିତି ପକ୍ଷରୁ କୋରେଇ ବିଧାୟକ ଦାସନାୟକ, ଧର୍ମଶାଳା ବିଧାୟକ ସାହୁଙ୍କୁ ସାଧୁବାଦ ଜ୍ଞାପନ କରାଯାଇଛି। ବିଧାୟକ ଦ୍ୱୟଙ୍କ ଉଦ୍ୟମକୁ ସମିତି ସଭାପତି ପ୍ରଶଂସା କରିବା ସହ ଟିକରପଡ଼ା, ଗନ୍ଧଣ, ବଡ଼କଇଞ୍ଚି, ଭୋଟକା, ରସୁଲପୁର, ରାହାମ୍ବା, ନଠୁଆବର ଭଳି ୭ ପଞ୍ଚାୟତ ପାଇଁ ଜୀବନରେଖା ସାଜିଥିବା ମୂଳଖରସ୍ରୋତା ନୂଆ ଜୀବନ ପାଇବାର ଆଶା ଉଜ୍ଜ୍ୱଳ ହେବା ଜାଣି ଖୁସିବ୍ୟକ୍ତ କରିଛନ୍ତି। ଏନେଇ କୋରେଇ ବିଧାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ବିଧାନସଭା ପକ୍ଷରୁ ରାଜ୍ୟର ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ଅନୁଧ୍ୟାନ କରିବା ପାଇଁ ଏକ ବୈଷୟିକ କମିଟି ଗଠନ କରାଯାଇଛି। ସେ ଉକ୍ତ କମିଟିର ସଦସ୍ୟ ଅଛନ୍ତି। ତାଙ୍କ ପକ୍ଷରୁ ଖରସ୍ରୋତା ପୁନରୁଦ୍ଧାର ନେଇ କମିଟି ସମ୍ମୁଖରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏଥିସହ ସମିତି ପକ୍ଷରୁ ତାଙ୍କୁ ପ୍ରଦାନ କରାଯାଇଥିବା ନଦୀକୁ ନେଇ ପ୍ରସ୍ତୁତ ନକ୍ସା, ସମିତିର ଦାବିପତ୍ର, ନଦୀ ପୁନରୁଦ୍ଧାର ନ ହେଲେ ଉପୁଜୁଥିବା ସମସ୍ୟା, ପୁନରୁଦ୍ଧାର ଓ ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ରଖାଯାଇଥିବା ପ୍ରସ୍ତାବଗୁଡିକୁ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ବିଧାୟକଙ୍କ ଦାବିର ଗୁରୁତ୍ୱ ଓ ଜନସାଧାରଣଙ୍କ ଆବଶ୍ୟକତାକୁ ନେଇ କମିଟି ପକ୍ଷରୁ ପ୍ରକଳ୍ପଟିକୁ ବୈଷୟିକ ଅନୁମୋଦନ ପ୍ରଦାନ କରାଯାଇଛି। ପରବର୍ତ୍ତୀ ଅବସ୍ଥାରେ ବ୍ୟୟଅଟକଳ ଅନୁଯାୟୀ ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ଆହ୍ୱାନ କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।



## ଫୁଲବାଣୀ ସତ୍ୟସାଇ ବିଦ୍ୟାଳୟରେ ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳିତ







ଫୁଲବାଣୀ ତା,୦୬/୧୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କେନ୍ଦ୍ର ସରକାରଙ୍କର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାରଙ୍କ ମାଇ ଭାରତ ଶାଖା ଫୁଲବାଣୀ ଆନୁକୂଲ୍ୟରେ ଜାତୀୟ ସ୍ୱେଚ୍ଛାସେବୀ ଦିବସ କାର୍ଯ୍ୟକ୍ରମ ସତ୍ୟସାଇ ହାଇସ୍କୁଲ ସ୍କୁଲ ଫୁଲବାଣୀ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ସତ୍ୟସାଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରମୋଦ ଚନ୍ଦ୍ର ଦାଶ ଯୋଗ ଦେଇଥିବା ବେଳେ ସଂମାନିତ ଅତିଥିଭାବେ କ୍ରୀଡା ଶିକ୍ଷକ ପ୍ରଶାନ୍ତ ଦାଶ, ବିପିନ ବିହାରୀ ମନ୍ତ୍ରୀ ଏବଂ ମାଇ ଭାରତ (ନେହରୁ ଯୁବ କେନ୍ଦ୍ର) ଫୁଲବାଣୀର ସହ କର୍ମୀ ସତ୍ୟ ବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ କିଏ ଏବଂ ପ୍ରକୃତ ସ୍ୱେଚ୍ଛାସେବୀ କାହାକୁ କୁହାଯାଏ ସେ ବିଷୟରେ ଆଲୋଚନା କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍କୁଲର ଛାତ୍ର ଛାତ୍ରୀଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କର ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା,ଏଥିରେ ମାନସ କୁମାର ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶ୍ରାବଣ କୁମାର ରଣା ଦ୍ୱିତୀୟ ଏବଂ ଲକ୍ଷ୍ମୀପ୍ରିୟା ନାୟକ ତୃତୀୟ ସ୍ଥାନରେ ଉତୀର୍ଣ୍ଣ ହୋଇଥିଲେ। ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ ଓ ଉଦେଶ୍ୟ ବିଷୟରେ ଉପସ୍ଥିତ ଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରିଥିଲେ। କୁଇଜ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା । ବୈଠକରେ ମାଇ ଭାରତ ଫୁଲବାଣୀର ସହ କର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟ ଅତିଥି, ସାନମାନିତ ଅତିଥି ଓ ଉପସ୍ଥିତ ଥିବା ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ସ୍ୱେଚ୍ଛାସେବୀ ମିନି କଂହର ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରି ଥିଲେ।

## ପରିତ୍ୟକ୍ତ ଅବସ୍ଥାରେ ଶବଦାହ କେନ୍ଦ୍ର



ଆଗରପଡ଼ା,୬।୧୨: ଭଦ୍ରକ ଜିଲା ଆଗରପଡ଼ା ଥାନା ଅନ୍ତର୍ଗତ ପୁରୁଷଣ୍ଡ ମେଳନ ପଡ଼ିଆ ଶ୍ମଶାନରେ ନିର୍ମାଣ ହୋଇଥିବା ଶବଦାହ କେନ୍ଦ୍ର ଅତ୍ୟନ୍ତ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ରକ୍ଷଣାବେକ୍ଷଣ ଅଭାବରୁ କେନ୍ଦ୍ର ମଧ୍ୟରେ କଣ୍ଟା ଗଛ ଲତାରେ ଭରି ରହିଛି। ତା ମଧ୍ୟରେ ଶବ ଦାହ କରିବା ଅସମ୍ଭବ ହୋଇପଡ଼ିଛି। ଶବ ନେଇ ଯାଉଥିବା ଲୋକମାନେ ଶବକୁ ବାହାରେ ପୋଡ଼ିବାକୁ ବାଧ ହେଉଛନ୍ତ। ଶବଦାହ କେନ୍ଦ୍ରଟି ପୁରୁଷଣ୍ଡ ପଞ୍ଚାୟତର ପରେଶ କୁମାର ନାୟକ, ଅର୍ଜୁନ ତିଆଡ଼ି, ରମେଶ କୁମାର ବେହେରା, ସୁରେଶ ପୃଷ୍ଟି, ହିମାଂଶୁ କୁମାର ସାହୁ, ରାକେଶ କୁମାର ରଥ, ଶରତ ଘୋଷଙ୍କ ଉଦ୍ୟମରେ ୨୦୦୬ରେ ପୁରୀ ସ୍ୱର୍ଗଦ୍ୱାରରୁ ମାଟି ଆଣି ପିଣ୍ଡି ସ୍ଥାପନ କରାଯାଇଥିଲା। ୨୦୧୬ରେ ପଞ୍ଚାୟତ ପାଣ୍ଠିରୁ ୧ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ୨୦୧୮ରେ ପଞ୍ଚାୟତ ପାଣ୍ଠିରୁ ୭୫ହଜାର ଟଙ୍କା ମଞ୍ଜୁର କରାଯାଇ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା। ଗୃହକାର୍ଯ୍ୟ ଶେଷ ହୋଇଯାଇଥିଲେ ସୁଦ୍ଧା ଆଲୋକୀକରଣ ଏବଂ ପାଚେରି ନିର୍ମାଣ କରାଯାଇନାହିଁ। ଚର୍ତୁପାର୍ଶ୍ୱରେ ଜଙ୍ଗଲ ସୃଷ୍ଟି ହୋଇଥିବାରୁ ରାତିରେ ଅବା ବର୍ଷା ଦିନରେ ଶବ ସକତ୍ାର ପାଇଁ ଆସୁଥିବା ଲୋକେ ହନ୍ତସନ୍ତ ହେଉଥିବା ଦେଖାଯାଉଛି। ପୁରୁଷଣ୍ଡ ଓ ବିଟିପୁର ପଞ୍ଚାୟତର ଲୋକେ ଶବଦାହ ପାଇଁ ଏହା ଉପରେ ନିର୍ଭର କରୁଥିବା ବେଳେ ଜନପ୍ରତିନିଧିମାନେ ଏଥିପ୍ରତି ଦୃଷ୍ଟି ନ ଦେବା ଅତ୍ୟନ୍ତ ଦୁଃଖ ପରିତାପର ବିଷୟ।

## ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆଧାରିତ ପ୍ରଥମ ଜିଲ୍ଲା ପ୍ରକଳ୍ପ ପରିଚାଳନା ଏକକ ବୈଠକ

ଯାଜପୁର, ତା୦୬/୧୨/୨୦୨୪ରିଖ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସମ୍ମିଳନୀ କକ୍ଷ ଠାରେ ଜଲ୍ଲିପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ୧୧ଘଟିକା ସମୟରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆଧାରିତ ପ୍ରଥମ ଜିଲ୍ଲା ପ୍ରକଳ୍ପ ପରିଚାଳନା ଏକକ ବୈଠକ ଆୟୋଜିତ ହୋଇଯାଇଛି। ଉକ୍ତ ସଭାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ନିମନ୍ତେ ସମସ୍ତ ଶିକ୍ଷଣ ସାମଗ୍ରୀ, ଯାଦୁପେଡ଼ି ର ବ୍ୟବହାର, ଖାଲି ପଡ଼ିଥିବା କେନ୍ଦ୍ରରେ ଆଞ୍ଚଳିକ ସମ୍ବଳ କେନ୍ଦ୍ର ସଂଯୋଜକ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ ।ଶ୍ରେଣୀଗୃହ ପର୍ଯ୍ୟବେକ୍ଷଣ ନିମନ୍ତେ ତଦାରଖ, ଶିକ୍ଷଣ ଫଳାଫଳ ହାସଲ ନିମନ୍ତେ ପଦକ୍ଷେପ ନେଇ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ ଓ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ପ୍ରଭାବୀ କର୍ଯ୍ୟାନ୍ୱୟନ ଦିଗରେ ସମସ୍ତ ସଦସ୍ୟମାନଙ୍କର ସହଯୋଗ କାମନା କରିଥିଲେ। ସମସ୍ତେ ନିଜର କର୍ତ୍ତବ୍ୟ ସୂଚାର ରୂପେ ସମ୍ପାଦନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।ଜିଲ୍ଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

## ବାଲ୍ୟବିବାହ ସମାପ୍ତ ଏବଂ କୈଶୋର ସଶକ୍ତିକରଣ ପାଇଁ ଜିଲ୍ଲାରେ ୧୫ ଦିନିଆ ଅଭିଯାନର ଶୁଭାରମ୍ଭ



କେନ୍ଦ୍ରାପଡ଼ା :ତା.୦୬ .୧୨ .୨୦୨୪ରିଖ- ଜିଲ୍ଲାପାଳ କେନ୍ଦ୍ରାପଡ଼ାଙ୍କ ଅନୁମୋଦନ କ୍ରମେ ତା୦୬ .୧୨ ୨୦୨୪ ରିଖ ସକାଳ ୧୦.୩୦ ଘଟିକା ସମୟରେ ବାଲ୍ୟବିବାହ ପରି କୁ ପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ଜିଲ୍ଲା ରୁ ସମାପ୍ତ କରିବା ନିମନ୍ତେ ଏବଂ କୈଶୋର ସଶକ୍ତିକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଜିଲ୍ଲାସ୍ତରରେ ୧୫ ଦିନିଆ ଅଭିଯାନର ଶୁଭାରମ୍ଭ ଜିଲ୍ଲାପାଳଙ୍କ କାର୍ଯ୍ୟ ।ଳୟର ସଦଭାବନା ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇ ଯାଇଅଛି । ଏହି ଅଭିଯାନ ଚଳିତ ମାସ ୬ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହା ମାଧ୍ୟମରେ ଜିଲ୍ଲାରେ ବ୍ୟାପକ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହେବ । ଏଥିରେ ପ୍ରତିଜ୍ଞା ଅଭିଯାନ ର ଲୋଗୋ ଉନ୍ମୋଚନ ହେବା ସହ ଶପଥ ପାଠ ମଧ୍ୟ କରାଯାଇଥିଲା । ଏହି ଅଭିଯାନ ର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଲା କୈଶୋର ମାନଙ୍କୁ ଜୀବନ କୌଶଳ ଶିକ୍ଷା , ତୃଣ ମୂଳ ସ୍ତରୀୟ ମୁଖ୍ୟ ଏବଂ ମହିଳା ମାନଙ୍କ ସାମୁଦାୟିକ ସହାୟତାରେ କେନ୍ଦ୍ରାପଡ଼ା ର ବାଲ୍ୟବିବାହ ହାର ଶତକଡା ୯.୪ ରୁ ପଚାଶ ପ୍ରତିଶତ ୨୦୨୫ ସୁଦ୍ଧା କମାଇବା, ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଙ୍କ ସହ ସମନ୍ୱୟ ରକ୍ଷାକାରୀ ତୃଣମୂଳ ସ୍ତରରେ କୈଶୋର ମାନଙ୍କୁ ସେବା ଯୋଗାଇ ଦେବା, ଗାଁ ରୁ ସହର , ସହରରୁ ଜିଲ୍ଲା ପର୍ଯ୍ୟନ୍ତ ବାଲ୍ୟ ବିବାହ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା , ଏସ୍ ଡିଜି-୩.୭ ଅନୁଯାୟୀ ପରିବାର ନିୟୋଜନ ଜନିତ ସୂଚନା ଓ ଶିକ୍ଷା ସହିତ ଓ ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ର ସେବା ଗୁଡିକୁ ସମସ୍ତ ଙ୍କ ପାଖରେ ପହଞ୍ଚାଇବା ସୁନିଶ୍ଚିତ କରିବା , ବାଲ୍ୟବିବାହ କ୍ଷେତ୍ରରେ ତୁରନ୍ତ ଆଇନଗତ କାର୍ଯାନୁଷ୍ଠାନ ନେଇ ବାଲ୍ୟ ବିବାହକୁ ରୋକିବା ଏବଂ ବାଲ୍ୟ ବିବାହକୁ ସମୂଳ ରୁପେ ଉଚ୍ଛେଦ କରିବା ନିମନ୍ତେ ସମୁଦାୟ ର ବ୍ୟବହାର ଓ କୁ ପ୍ରଥା ରେ ପରିବର୍ତନ ଆଣିବା ରେ ଜାତି ମୁଖିଆ ମାନଙ୍କ ସମର୍ଥନ ଏକଜୁଟ କରିବା । ଏହି ୧୫ ଦିବସୀୟ ଅଭିଯାନରେ ପ୍ରତ୍ୟେକ ଦିନର କାର୍ଯ୍ୟଧାରା ପ୍ରସ୍ତୁତ କରାଯାଇଅଛି। ଏଥିରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ମନୋରମା ସ୍ୱାଇଁ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ବିଜୟ କେତନ ସାହୁ, ସି ଡବ୍ଲୁ ସି ଚେୟାର ପର୍ସନ ଶ୍ରୀମତୀ ସ୍ୱାଗତିକା ପାତ୍ର , ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ, ଆକ୍ସନ ଏଡ୍ର ର ଶିଶୁ ଅଧିକାର ଓ ବାଲ୍ୟ ବିବାହ ନିରାକରଣ ପ୍ରୋଗ୍ରାମ ର ଜାତୀୟ ସ୍ତରର ଲିଡର ଶ୍ରୀ ଘାସିରାମ ପଣ୍ଡା , ୟୁନିସେଫ୍ ର କଂସୁଲ୍‌ଟାଣ୍ଟ ଶ୍ରୀ ସ୍ୱାଗତ ଘଡେଇ , ଅମିତା ସିଂହ , ଜିଲ୍ଲା ସଂଯୋଜିକା କୈଶୋର ସଶକ୍ତି କରଣ ୱାନ ଷ୍ଟପ ସେଣ୍ଟର ର ମୁଖ୍ୟ , ଚାଇଲ୍ଡ ହେଲ୍ପ ଲାଇନର ଜିଲ୍ଲା ସଂଯୋଜିକା, ଜିଲ୍ଲାର ସମସ୍ତ ଶକ୍ତି ସଦନର କର୍ମକର୍ତ୍ତା, ନଅ ଗୋଟି ବ୍ଲକର ସମସ୍ତ ସିଡିପିଓ , ଅଙ୍ଗନବାଡ଼ି ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ , ଜିଲ୍ଲାରେ ଶିଶୁ ସୁରକ୍ଷା କାର୍ଯରେ ନିୟୋଜିତ ପଲ୍ଲିଶ୍ରୀ, ଭାରତ ଓ ରେସଓ୍ୱା ସ୍ୱଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଶକ୍ତି ସଦନ ର ଅନ୍ତେବାସୀ, କିଶୋର କିଶୋରୀ ଯୋଗ ଦେଇଥିଲେ । ପନ୍ଦର ଦିନର ଏହି କାର୍ଯକ୍ରମର ଉଦ୍ଘାଟନୀ ସମାରୋହରେ ବାଲ୍ୟ ବିବାହକୁ ରୋକିବା ନିମନ୍ତେ ସମସ୍ତ ଯୋଜନାର ସୁଦୂର ପ୍ରସାରୀ ପ୍ରଚାର ପ୍ରସାର କରି ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ସମ୍ପର୍କିତ ଆଲୋଚନା ସ୍ଥାନିତ ହୋଇଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତି ମନୋରମା ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଜି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ତଥ୍ୟ ରଖିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନିଲୁ ମହାପାତ୍ର ତୃଣ ମୂଳ ସ୍ତରରେ ଏହି କାର୍ଯ୍ୟକ୍ରମ କରିବାକୁ ଗୁରୁତ୍ୱାରୋପ କରିବା ସହ ଜିଲ୍ଲାକୁ କିପରି ବାଲ୍ୟବିବାହ ମୁକ୍ତ କରାଯାଇ ପାରିବ, ସେ ବିଷୟରେ ବିଭାଗୀୟ ଅଧିକାରୀ ମାନଙ୍କର ପୂର୍ଣ୍ଣ ସହଯୋଗ ଚାହିଁଥିଲେ ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ